୬

## ଭାରତ ଆୟୋଜନ କରିବ ୨୦୨୫ ଚେସ୍ ବିଶ୍ୱକପ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୭୪ ● ୨୨ ଜୁଲାଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-174 ●22nd July 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ସଂସଦର ମୌସୁମୀ ଅଧିବେଶନ ଆରମ୍ଭରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ସାରା ବିଶ୍ୱ ଦେଖିଲା ଭାରତର ବୀରତ୍ୱ

ନୂଆଦିଲ୍ଲୀ, ୨୧।୭

ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ଗଣମାଧ୍ୟମକୁ ସମ୍ବୋଧନ କରି ଏହାକୁ ଜାତି ପାଇଁ ଗୌରବମୟ ବିଜୟୋତ୍ସବ ବୋଲି ବର୍ଣ୍ଣନା କରିଛନ୍ତି । ସେ ସମସ୍ତ ରାଜନୈତିକ ଦଳଙ୍କୁ ଆହ୍ୱାନ କରିଛନ୍ତି ଯେ, ଯଦିଓ ସେମାନେ ରାଜନୈତିକ ଭିନ୍ନମତ ରଖନ୍ତି, କିନ୍ତୁ ଦେଶର ହିତ ପାଇଁ ଏକତ୍ରିତ ହୋଇ କାମ କରିବା ଆବଶ୍ୟକ । ସେ କହିଛନ୍ତି, ସଂସଦରୁ ଏମିତି ଏକ ସକାରାତ୍ମକ ସନ୍ଦେଶ ଯିବା ଉଚିତ, ଯାହା ଜନମାନସର ଭାବନାକୁ ପ୍ରତିବିମ୍ବିତ କରିବ ଓ ଜାତିକୁ ଆଗକୁ ବଢ଼ାଇବ ।



ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସାମରିକ, ମହାକାଶ ଓ ଆର୍ଥିକ ଉପଲବ୍ଧିଗୁଡିକ ଉଲ୍ଲେଖ କରି କହିଛନ୍ତି ଯେ, ଭାରତ ବର୍ତ୍ତମାନ ବିଶ୍ୱର ସାମ୍ନାରେ ଏକ ନୂଆ ଶକ୍ତି ଭାବେ ଉଭା ହୋଇଛି । ସେ କହିଛନ୍ତି, ଯେତେବେଳେ ଭାରତର ତିରଙ୍ଗା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଉଡିଲା, ସେତେବେଳେ ପ୍ରତ୍ୟେକ ଭାରତୀୟଙ୍କ ମୁଣ୍ଡ ଗର୍ବରେ ଉଚ୍ଚା ହୋଇଗଲା । ସେ ଏହା ମଧ୍ୟ କହିଛନ୍ତି ଯେ, ଏହି ସମୟ ହେଉଛି ଏହି ଉପଲବ୍ଧିଗୁଡିକର ପ୍ରଶଂସା କରିବାର, ଯାହାଠାରୁ ଆସନ୍ତା ପିଢିମାନେ ପ୍ରେରଣା ପାଇବେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ସେନା ସମ୍ପ୍ରତି 'ଅପରେସନ୍ ସିନ୍ଦୂର' ମାଧ୍ୟମରେ ଆତଙ୍କବାଦ ବିରୋଧରେ ଏକ ନିଷ୍ପତ୍ତିମୂଳକ ବିଜୟ ହାସଲ କରିଛନ୍ତି । ଏହି ଅଭିଯାନ କେବଳ ଆତଙ୍କବାଦୀମାନଙ୍କ ପାଇଁ ମୁହଁତୋଡ଼ ଜବାବ ନଥିଲା ବରଂ ଏହା ଭାରତର ସ୍ୱଦେଶୀ ସେନା ଉପକରଣଗୁଡିକର ଶକ୍ତି ବି ଦୁନିଆକୁ ଦେଖାଇଦେବାର ଉଦାହରଣ ସୃଷ୍ଟି କରିଥିଲା ।

ସେ କହିଛନ୍ତି ଯେ, 'ମେଡ୍ ଇନ୍ ଇଣ୍ଡିଆ' ପ୍ରତିରକ୍ଷା ଉତ୍ପାଦ ମାଧ୍ୟମରେ ବର୍ତ୍ତମାନ ଭାରତର ମାନ-ପ୍ରତିଷ୍ଠା ବିଶ୍ୱ ଦରବାରରେ ଉଦ୍‌ଭାସିତ ହୋଇଛି ।

ପ୍ରଧାନମନ୍ତ୍ରୀ ମୋଦୀ କଶ୍ମୀରର ପହଲଗାମ ଅଞ୍ଚଳରେ ନିକଟରେ ଘଟିଥିବା ଘଟଣାବଳୀ ପ୍ରସଙ୍ଗରେ କହିଛନ୍ତି ଯେ, ସୁରକ୍ଷା ବଳମାନଙ୍କ କାର୍ଯ୍ୟାନୁଷ୍ଠାନ ଓ ସରକାରର ନୀତି ଫଳରେ ସେଠାରେ ଶାନ୍ତି ପୁନଃସ୍ଥାପିତ ହେଉଛି । ସେ ଏହା ମଧ୍ୟ କହିଛନ୍ତି ଯେ, ନକ୍ସଲ ପ୍ରଭାବିତ ଅଞ୍ଚଳରେ ବର୍ତ୍ତମାନ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଓ ବହୁତ ଜିଲ୍ଲା ଏବେ ବିଦ୍ରୋହୀ କବଳରୁ ମୁକ୍ତ ହୋଇଛି । ସେ କହିଛନ୍ତି, 'ଆଇନ୍‌ର ବିଜୟ ହେଉଛି ।' ପ୍ରଧାନମନ୍ତ୍ରୀ ବିଶ୍ୱ ମଞ୍ଚରେ ଭାରତର ଶକ୍ତିଶାଳୀ ଉପସ୍ଥାପନାର ପ୍ରଶଂସା କରିଛନ୍ତି । ବିଶେଷକରି ସେହି ଭାରତୀୟ ପ୍ରତିନିଧିମଣ୍ଡଳମାନଙ୍କ (ପୃଷ୍ଠା ୭ରେ)

# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ବିଭିନ୍ନ ମହଲରେ ଚର୍ଚ୍ଚା

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତିଙ୍କୁ ସାକ୍ଷାତ କରିଛନ୍ତି । ଏହାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଏକ ସୌଜନ୍ୟମୂଳକ ସାକ୍ଷାତକାର ବୋଲି କୁହାଯାଇଛି । ମାତ୍ର ରାଜନୈତିକ ମହଲରେ ଏହି ସାକ୍ଷାତକାରକୁ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି । ନିକଟରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ । ସେଠାରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ବିଜେପିର ବହୁ ତୁଙ୍ଗ ନେତାଙ୍କୁ ସାକ୍ଷାତ କରିଥିଲେ । ଏହା ପରେ ରାଜ୍ୟରେ ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣ ହେବା ନେଇ ଚର୍ଚ୍ଚା ଜୋର ଧରିଥିଲା । ବିଜେପି ସରକାର ରାଜ୍ୟରେ ଏକବର୍ଷ ପୂରଣ କରିବାର ଅବ୍ୟବହତି ପୂର୍ବରୁ ମୁଖ୍ୟମନ୍ତ୍ରୀ ଖୁବ ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯିବା ନେଇ ନିଜେ ସୂଚନା ଦେଇଥିଲେ । ଏବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟପାଳଙ୍କୁ ଭେଟି ବା ଏବଂ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବାରୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ବିଷୟରେ ଆଲୋଚନା ହୋଇଥିବା ପ୍ରଚାର ହେଉଛି ।



ମୁଖ୍ୟମନ୍ତ୍ରୀ-ରାଜ୍ୟପାଳଙ୍କ ମଧ୍ୟରେ ହୋଇଥିବା ସାକ୍ଷାତ ଆଲୋଚନା ନେଇ ରାଜନୈତିକ ମହଲରେ ମଧ୍ୟ ଭିନ୍ନ ଚର୍ଚ୍ଚା ଜୋର ଧରିଛି । ତେବେ ମିଳିଥିବା ସୂଚନା ଅନୁସାରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଏବଂ ନିକଟରେ ବାଲେଶ୍ୱର ଜିଲ୍ଲା ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ଛାତ୍ରୀଙ୍କୁ ନିଆଁରେ ପୋଡ଼ିଦେବା ଘଟଣା ଏବଂ ତଦ୍‌ଜନିତ ପରିସ୍ଥିତି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି । ଏଥି ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସବୁ ଘଟଣାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନା ବେଳେ ରାଜ୍ୟପାଳଙ୍କୁ ଅବଗତ କରାଇଥିବାର ସୂଚନା ମିଳିଛି । ସେହିପରି ବିରୋଧୀ ଦଳଗୁଡିକ ପକ୍ଷରୁ କରାଯାଇଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଅବଗତ କରାଇଥିବା (ପୃଷ୍ଠା ୭ରେ)

## ବଳଙ୍ଗାରେ ୫ଜଣିଆ କ୍ରାଇମବ୍ରାଞ୍ଚ ଟିମ୍

ବଳଙ୍ଗା, ୨୧।୭ : ନ୍ୟୁଜ୍ ବ୍ୟୁରୋ

ବଳଙ୍ଗା ନାବାଳିକାଙ୍କୁ ପୋଡିଦେବା ଘଟଣାରେ ଖୋଳତାଡ ଜାରି ରହିଛି । ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଟିମ ସୋମବାର ବଳଙ୍ଗାରେ ପହଞ୍ଚିଛନ୍ତି । ୫ଜଣିଆ କ୍ରାଇମବ୍ରାଞ୍ଚ ଟିମ ପହଞ୍ଚିବା ପରେ ପ୍ରଥମେ ଥାନାକୁ ଯାଇ ତଦନ୍ତର ଦିଗ ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ ସେମାନେ ପୀଡିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ପଚରାଉଚରା କରିଥିଲେ । ଅଭିଯୋଗ ଅନୁସାରେ ତିନି ଜଣ ଯୁବକ ନାବାଳିକାଙ୍କୁ ନଦୀ ପଠାକୁ ନେଇ ପୋଡି ମାରିଦେବାକୁ ଉଦ୍ୟମ କରିଥିଲେ । ତେବେ କୌଣସି ପ୍ରକାରେ ନାବାଳିକା ଜଣଙ୍କ ସେଠାରୁ ଖସି ପଳାଇ ଆସିଥିଲେ । ନିକଟସ୍ଥ ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ନିଆଯାଇଥିଲା । ସେଠାରୁ ତାଙ୍କୁ ଦିଲ୍ଲୀ ଏମ୍ସକୁ ଉନ୍ନତ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି ।

## ପୁଲିସ ଇନଫର୍ମର ସନ୍ଦେହରେ ୨ ଗ୍ରାମବାସୀଙ୍କୁ ହତ୍ୟା

ମାଲକାନଗିରି, ୨୧।୭

ନ୍ୟୁଜ୍ ବ୍ୟୁରୋ

ପୁଣି ପତିଆରା ଜାହିର କଲେ ଲାଲ ବାହିନୀ । ମାଲକାନଗିରି ଜିଲ୍ଲା ସୀମାନ୍ତ ବିଜାପୁରର ଛଟୁବାଇ ଓ ବଡେ ତରେମ ଗାଁରେ ମାଓବାଦୀ ମାନେ ୨ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ସୂଚନା ମିଳିଛି । ମୃତକ ମାନେ ଛୁଟବାଇ ଗାଁର ଯୋଗା କାଶୀ ଓ ବଡେ ତରେମ ଗାଁର ମଙ୍ଗଲୁ କୁରସମ ବୋଲି ଜଣାପଡିଛି । ମାଓବାଦୀମାନେ ଉଭୟଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି । ତେବେ ପୁଲିସ ଇନଫର୍ମର ସନ୍ଦେହରେ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିବା ସୂଚନା ମିଳିଛି ।

## କେନ୍ଦ୍ରାପଡ଼ାରେ ହେବ ମେଡିକାଲ କଲେଜ ହସ୍ପିଟାଲ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ସରକାରୀ କାର୍ଯ୍ୟର ସମୀକ୍ଷା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସୋମବାର ଏକ ବଡ଼ ଘୋଷଣା କରିଛନ୍ତି । କେନ୍ଦ୍ରାପଡ଼ାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ସରକାରଙ୍କ ଟପ୍-୨୧ ଏଜେଣ୍ଡା ଭିତରେ ଏହା ସ୍ଥାନ ପାଇ ସାରିଛି । ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।

# ଢାକାରେ ବିମାନ ଦୁର୍ଘଟଣା: ୨୦ରୁ ଅଧିକ ମୃତ୍ୟୁ

ନୂଆଦିଲ୍ଲୀ, ୨୧।୭

ଜଳିଗଲା ବାୟୁସେନାର ଏକ ଜେଟ୍ । ଭାରତରେ ନୁହେଁ ବାଂଲାଦେଶରେ ଘଟିଛି ଏହି ଘଟଣା । ସୋମବାର ଅପରାହ୍ନ ସାଢେ ଗୋଟାଏ ସମୟରେ ବାଂଲାଦେଶର ରାଜଧାନୀ ଢାକାରେ ଏକ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଜେଟ୍ ଦୁର୍ଘଟଣାରେ ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ୨୦ରୁ ଅଧିକ ହେବ ବୋଲି ଜଣାପଡିଛି । ଏହି ଦୁର୍ଘଟଣାରେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ମଧ୍ୟ ସୂଚନା ମିଳିଛି ।



ଢାକାର ଉତ୍ତରାରେ ଥିବା ଦିଆବାରି ଅଞ୍ଚଳରେ ବାଂଲାଦେଶ ବାୟୁସେନାର ଏକ ଏଫ୍-୭ ତାଲିମ ପ୍ରଦାନକାରୀ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ମାଇଲଷ୍ଟୋନ କଲେଜର ଉତ୍ତରା କ୍ୟାମ୍ପସରେ ବିମାନଟି ଧକ୍କା ଖାଇଥିବା କୁହାଯାଉଛି ।

ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ବାଂଲାଦେଶ ସେନା କର୍ମଚାରୀ ଏବଂ ଅଗ୍ନିଶମ ବାହିନୀ ଏବଂ ସିଭିଲ ଡିଫେନ୍ସର ଆଠଟି ୟୁନିଟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ, ମାଇଲଷ୍ଟୋନ କଲେଜ ନିକଟରେ ଜେଟ ଦୁର୍ଘଟଣାଗ୍ରସ୍ତ ହେବା ସମ୍ପର୍କରେ ସୂଚନା ମିଳିବା ପରେ ତିନୋଟି ୟୁନିଟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାମ ଆରମ୍ଭ କରିଥିଲେ ।

# କୋରାପୁଟରେ ଆନ୍ଧ୍ରପ୍ରଦେଶର ପ୍ରଭାବ କମିଛି

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ଆଦିବାସୀ ଅଧ୍ୟୁଷିତ ଉପାନ୍ତ କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳରେ ବିକାଶ କାର୍ଯ୍ୟକ୍ରମକୁ ସରକାର ପ୍ରାଥମିକତା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଖୁବ୍ ଶୀଘ୍ର ବିଭିନ୍ନ ବିଭାଗର ମନ୍ତ୍ରୀମାନେ କୋଟିଆ ଗସ୍ତ କରି ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ସମୀକ୍ଷା କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କୁ ଜନହିତକର କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆରମ୍ଭ କରାଯାଇଥିବାରୁ କୋରାପୁଟରେ ଆନ୍ଧ୍ର ପ୍ରଦେଶର ପ୍ରଭାବ କମିଛି । ପ୍ରଶାସନ ପକ୍ଷରୁ ପଡୋଶୀ ରାଜ୍ୟର ଗତିବିଧି ଉପରେ ତୀକ୍ଷଣ ନଜର ରଖାଯାଇଛି । (ପୃଷ୍ଠା ୭ରେ)

## ଆଇଜିଆର ଅଫିସରେ ଅଚାନକ ପହଞ୍ଚିଲେ ରାଜସ୍ୱ ମନ୍ତ୍ରୀ

କଟକ, ୨୧।୭

ନ୍ୟୁଜ୍ ବ୍ୟୁରୋ

ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଚାନକ ଭାବେ କଟକ ଆଇଜିଆର ଅଫିସ୍‌ରେ ପହଞ୍ଚି ତଦାରଖ କରିଥିଲେ । ଅଫିସ୍‌ରେ ପଞ୍ଜିକରଣ ସଂକ୍ରାନ୍ତ କେତେ ଆବେଦନ ପହଞ୍ଚିଛି, ସେଗୁଡିକ ଉପରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କେତେ ସବୁ ସମସ୍ୟାର ସମାଧାନ ହୋଇପାରିଛି ଏବଂ ଆଉ କେତେ ବାକି ରହିଛି ସେ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସମୀକ୍ଷା କରିଥିଲେ । ଏଥି ସହ ମନ୍ତ୍ରୀ ଶ୍ରୀ ପୂଜାରୀ ଅଫିସ୍‌କୁ ଆସିଥିବା ଲୋକମାନଙ୍କ ଠାରୁ ମଧ୍ୟ ଏଆଇ କଣ୍ଟ୍ରୋଲ ରୁମରେ



ଫିଡ୍‌ବ୍ୟାକ ନେଇଥିଲେ । ରାଜସ୍ୱ ମନ୍ତ୍ରୀ କହିଛନ୍ତି ସକରାତ୍ମକ ଫିଡବ୍ୟାକ ଆସିଛି । କିନ୍ତୁ କିଛି ଅବ୍ୟବସ୍ଥା ରହିଛି । ଆଇଜିଆର ଅଫିସରେ ଏକା ସାଙ୍ଗରେ ଭିଡ଼ ହେଉଯାଉଛି । ସୋସାଇଟି ରେଜିଷ୍ଟ୍ରେସନ ବିଳମ୍ବ ହେଉଥିବାରୁ ଏ ସଂକ୍ରାନ୍ତ ଆଇନ୍‌କୁ (ପୃଷ୍ଠା ୭ରେ)

# ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି ସଂପୂର୍ଣ୍ଣ ନିଷେଧ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । କୌଣସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ କ୍ରୟକୁ ପ୍ରୋତ୍ସାହିତ ନ କରିବାକୁ ବିଭିନ୍ନ ସଂଘ ସହ ଆଲୋଚନା କରାଯାଇଛି । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ ନିଜ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବିଭିନ୍ନ ପେଟ୍ରୋଲିୟମ୍ ସଂଘର କାର୍ଯ୍ୟକର୍ତ୍ତା ଓ ବିଭାଗୀୟ ଅଧିକାରୀମାନଙ୍କ



ସହ ବିସ୍ତୃତ ଭାବେ ଏ ସଂକ୍ରାନ୍ତରେ ଆଲୋଚନା (ପୃଷ୍ଠା ୭ରେ)

### ଛାତ୍ରୀ ନିର୍ଯାତନା ଘଟଣା

# ଅରୂପାନନ୍ଦ କଲେଜ ଅଧକ୍ଷ ଓ ଅଧାପକ ନିଲମ୍ବିତ

ଜଗତସିଂହପୁର, ୨୧।୭

ନ୍ୟୁଜ୍ ବ୍ୟୁରୋ

ଜଗତସିଂହପୁର ସ୍ୱାମୀ ଅରୂପାନନ୍ଦ କଲେଜର ଜଣେ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗ ଉପରେ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଘଟଣାରେ ଅଧକ୍ଷ ଓ ଅଧ୍ୟାପକଙ୍କୁ ନିଲମ୍ବିତ କରାଯାଇଛି । ଅଧକ୍ଷ ରମେଶ ସାହୁ, ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଚାକିରିରୁ ନିଲମ୍ବିତ ହୋଇଛନ୍ତି । ଛାତ୍ରୀ ନିର୍ଯାତନା ଘଟଣାରେ ଜିଲ୍ଲାପାଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।





କଲେଜର ଜଣେ ଅଧ୍ୟାପକଙ୍କ ନାଁରେ ଛାତ୍ରୀ ଆଣିଥିଲେ ଅଭିଯୋଗ । ଅଧକ୍ଷଙ୍କ କାରଣ ଦର୍ଶାଅ ରିପୋର୍ଟ ସନ୍ତୋଷଜନକ ନ ଥିବାରୁ ଏମିତି ପଦକ୍ଷେପ ନିଆଯାଇଛି । ଉପଜିଲ୍ଲାପାଳଙ୍କ ଜରିଆରେ ନିର୍ଦ୍ଦେଶନାମା ଜାରି ହୋଇଛି । ଜଗତସିଂହପୁର ଜିଲ୍ଲା କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୁକ୍ତ ଦୁଇ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ପରେ ଘଟଣାର ତନାଘନା ଆରମ୍ଭ ହୋଇଛି । ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଜଗତସିଂହପୁର ଜିଲ୍ଲାପାଳ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଘଟଣା ସଂପର୍କରେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଜିଲ୍ଲା ପ୍ରଶାସନ ଠାରୁ ରିପୋର୍ଟ ମାଗିଥିଲା । ଫଳରେ ଜିଲ୍ଲାପାଳ କଲେଜର (ପୃଷ୍ଠା ୭ରେ)

## ଆଇନ୍ ମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟପାଳ

ଭୁବନେଶ୍ୱର, ୨୧।୭

ନ୍ୟୁଜ୍ ବ୍ୟୁରୋ

ରାଜ୍ୟପାଳ ହରିବାବୁ କମ୍ଭମପତି ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଭବନ ଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରିବାର କିଛି ସମୟ ପରେ ରାଜ୍ୟପାଳ ଏବଂ ଆଇନ୍ ମନ୍ତ୍ରୀଙ୍କ ମଧ୍ୟରେ ସାକ୍ଷାତକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଜୋର ଧରିଛି । ତେବେ ରାଜ୍ୟପାଳ କମ୍ଭମପତି ଆଇନ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । ବ୍ୟକ୍ତିଗତ ସମ୍ପର୍କ କାରଣରୁ ରାଜ୍ୟପାଳ ତାଙ୍କ (ପୃଷ୍ଠା ୭ରେ)

# ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ବିରୁଦ୍ଧରେ ଚାଲିବ ମହାଭିଯୋଗ



ନୂଆଦିଲ୍ଲୀ, ୨୧।୭

ସରକାରୀ ବାସଭବନରୁ ନଗଦ ଟଙ୍କା ଜବତ ସମ୍ପର୍କିତ ମାମଲାରେ ହାଇକୋର୍ଟର ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ଚଳାଇବା ପାଇଁ ବିଭିନ୍ନ ଦଳର ୧୪୫ ଜଣ ଲୋକସଭା ସଦସ୍ୟଙ୍କ ସ୍ୱାକ୍ଷରିତ ପ୍ରସ୍ତାବ ସୋମବାର ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲାଙ୍କୁ ପ୍ରଦାନ କରାଯାଇଛି । ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଛି । ଏବେ ସଂସଦ ଏହି ଅଭିଯୋଗଗୁଡିକର ତଦନ୍ତ କରିବ ।

୧୫ ମାର୍ଚ୍ଚରେ ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ଅଗ୍ନିକାଣ୍ଡ ଘଟିଥିଲା ଓ ସେଠାରୁ ଅଧଜଳା ନୋଟ ମିଳିଥିଲା । ଏହି ଘଟଣା ପରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଲ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା ।

ସମ୍ବିଧାନର ଅନୁଚ୍ଛେଦ ୧୨୪, ୨୧୭ ଓ ୨୧୮ ଅନୁଯାୟୀ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଣାଯାଇଛି । ଏହି ପ୍ରସ୍ତାବରେ ବିଜେପି ସହିତ, କଂଗ୍ରେସ, ତେଲୁଗୁ ଦେଶମ୍ ପାର୍ଟି, ଜନତା ଦଳ (ସିକ୍ୟୁଲାର), ଦ୍ରମୁକ୍, ଜନସେନା ପାର୍ଟି, ଆସାମ ଗଣ ପରିଷଦ, ଶିବସେନା (ଶିନ୍ଦେ ଗୋଷ୍ଠୀ), ଲୋକ ଜନଶକ୍ତି ପାର୍ଟି, (ପୃଷ୍ଠା ୭ରେ)

# ତୁରନ୍ତ ନ୍ୟାୟ ଦାବିରେ ଥାନାରେ ବିଷ ପିଇଦେଲେ ଯୁବତୀ





ନୟାଗଡ, ୨୧।୭ : ନ୍ୟୁଜ୍ ବ୍ୟୁରୋ

ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପରିସରରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ତ୍ୱରିତ ନ୍ୟାୟ ପ୍ରଦାନ ଦାବିରେ ଜଣେ ଯୁବତୀ ବିଷ ପିଇ ଦେଇଛନ୍ତି । ପ୍ରେମ ବ୍ୟାପାରକୁ ନେଇ ପୂର୍ବରୁ ଥାନାରେ ମାମଲା ହୋଇଥିଲା । ଅଭିଯୁକ୍ତ ମଧ୍ୟ ଜେଲ ଯାଇ ଜାମିନରେ ଆସିଥିଲେ । ପୁଣି ଘଟଣାକୁ ନେଇ ୨ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା । ଏନେଇ ଥାନାରେ ଉଭୟ ପକ୍ଷରୁ ଥାନାରେ ଏତଲା ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲା । ହେଲେ ଯୁବତୀ ଜଣକ ତୁରନ୍ତ ନ୍ୟାୟ ଦାବିରେ ଥାନାରେ ବିଷ ପିଇଦେଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।



# ଗଞ୍ଜାମ ଜିଲ୍ଲା ହାଇସ୍କୁଲ ଶିକ୍ଷକ ବଦଳିରେ ଅନିୟମିତତା ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଜନସଂଖ୍ୟା ଓ ଭୌଗୋଳିକ ଦୃଷ୍ଟିକୋଣରୁ ଗଞ୍ଜାମ ଏକ ବଡ଼ ଜିଲ୍ଲା। କିନ୍ତୁ ଏହି ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେବାର ଚିତ୍ର ବିଭିନ୍ନ ସମୟରେ ପ୍ରତିପାଦିତ ହୋଇଛି। ବିଗତ କିଛି ବର୍ଷ ହେବ ଜିଲ୍ଲାରେ ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଓ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ ଭାବେ ପଛରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। ଏପରିକି ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ପ୍ରସଙ୍ଗକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଏଭଳି ସ୍ଥଳେ ଗଞ୍ଜାମ ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ହାଇସ୍କୁଲ ଶିକ୍ଷକ ବଦଳି ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଅନେକ ଶିକ୍ଷକ ବଦଳିରୁ ବାଦ୍ ପଡ଼ିଥିବା ବେଳେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱସ୍ତ ଶିକ୍ଷକଙ୍କୁ ବଦଳିରେ ସାମିଲ କରାଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଏପରିକି ସୁସ୍ଥ ସବଳ ଥିବା ଶିକ୍ଷକ ମଧ୍ୟ ସହରମୁହାଁ ହୋଇଛନ୍ତି। ଆଉ କିଛି ଶିକ୍ଷକ ଗତ କିଛି ବର୍ଷ ପୂର୍ବେ ଆନ୍ତଃ ଜିଲ୍ଲା ବଦଳିରେ ଆସିଥିବା ବେଳେ ସମ୍ପ୍ରତି ପୁନଃ ଅଭ୍ୟାନ୍ତରିତ ବଦଳିରେ ସ୍ଥାନ ପାଇଥିବା ଅଭିଯୋଗ ହୋଇଥିବା ବେଳେ ଏହି ପ୍ରସଙ୍ଗକୁ ନେଇ ଶିକ୍ଷକଙ୍କ ଭିତରେ ଆଲୋଚନା ଓ ଚର୍ଚ୍ଚା ଜାରି ରହିଛି। ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ରହ୍ମପୁର ପକ୍ଷରୁ ଜିଲ୍ଲାସ୍ତରୀୟ ବଦଳି କମିଟି ପକ୍ଷରୁ ମଞ୍ଜୁର ହୋଇଥିବା ମାଧ୍ୟମିକ କ୍ୟାଡ଼େର ଶିକ୍ଷକଙ୍କ ବଦଳି ତାଲିକା ଗତ ୧୦ ତାରିଖ ଦିନ ପ୍ରକାଶ ପାଇଥିଲା। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି। ବଦଳି ତାଲିକାରେ କିଛି ଶିକ୍ଷକ ବଦଳିର ମାପଦଣ୍ଡ ପୂରଣ କରିନଥିବା ବେଳେ ଆଉ କିଛି ଶିକ୍ଷକଙ୍କୁ ବେନିୟମ ଭାବେ ସହର ଓ ଉପକଣ୍ଠକୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ଏଣେ ଯେଉଁ ସ୍କୁଲରୁ ଶିକ୍ଷକ ବଦଳି ହୋଇଛନ୍ତି, ସେଠାରେ ବିକଳ୍ପ ବ୍ୟବସ୍ଥା କରିବାରେ ଜିଲ୍ଲା ଶିକ୍ଷା ପ୍ରଶାସନ ବିଫଳ ହୋଇଥିବା ଶିକ୍ଷାବିତ୍ ମହଲରେ ଅଭିଯୋଗ ହୋଇଛି। ଅପରପକ୍ଷେ ଗତ ମଇ ମାସ ୧୩ ତାରିଖରେ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁସାରେ ସାଂସଦ ଓ ବିଧାୟକ ଅଥବା ବିଧାୟିକାମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀକୁ ସମ୍ପୃକ୍ତ ଥିବା ଶିକ୍ଷକଙ୍କ ବଦଳି ଲାଗି ଉଭୟ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୫ ଜଣଙ୍କ ନାମ ସୁପାରିସ କରିପାରିବେ। ଏଥିରେ ବି ଅନେକ ନିୟମ ସ୍ଥାନ ପାଇଥିଲା। ବିଶେଷ କରି କୌଣସି ଶିକ୍ଷକ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ବଦଳି ଲାଗି ସୁପାରିସ କରିପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା। ଅନୁରୂପକ ଭାବେ ଗତ ମଇ ମାସ ୧୪ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଧାନ ଶିକ୍ଷକ ଓ ଶିକ୍ଷକଙ୍କ ବଦଳି ସମ୍ପର୍କରେ ଏକ ନିୟମାବଳୀ ମଧ୍ୟ ପ୍ରକାଶ ପାଇଥିଲା। ଏଥି ମଧ୍ୟ ସ୍ପଷ୍ଟ ଭାବେ ଅନେକ ବିଷୟ ସ୍ଥାନ ପାଇଥିଲା। ବିଶେଷ ଭାବେ ଶିକ୍ଷକ ଜଣକ ଗୋଟିଏ ସ୍କୁଲରେ ଅନ୍ୟୁନ୍ୟ ୬ ବର୍ଷ ପୂରଣ କରିବା ଆବଶ୍ୟକ ରହିଥିବା କୁହାଯାଇଥିଲା। ତେବେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଅନେକ ପାତର ଅନ୍ତର ସ୍ପଷ୍ଟ ହୋଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି। ଆଗାମୀ ଦିନରେ ଏ ଦିଗରୁ ଗୁରୁତ୍ୱ ନଦେଲେ ଗ୍ରାମାଞ୍ଚଳରେ ଶିକ୍ଷକ ଖାଲି ହୋଇଯିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ବି ସମ୍ଭବ ହୋଇ ନ ଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ଅନ୍ୟପକ୍ଷରେ ଗତ କିଛି ଦିନ ପୂର୍ବେ ଗଞ୍ଜାମ ଜିଲ୍ଲାରୁ ଅଧ୍ୟାପକ ଖାଲି ହୋଇଥିବା ବେଳେ ଏବେ ଅନେକ ସ୍କୁଲରୁ ଶିକ୍ଷକ ଖାଲି ହୋଇ ସହର ଓ ଉପକଣ୍ଠରେ ଭର୍ତ୍ତି ହେଉଛନ୍ତି। ଫଳରେ ଉପାନ୍ତ ଓ ଗ୍ରାମାଞ୍ଚଳରେ ଶିକ୍ଷକ ଅଭାବ ଲାଗି ରହିବ ନିଶ୍ଚୟ।

## ଆକ୍ସନ ମୁଡ୍‌ରେ ପୁଲିସ କମିଶନର

# ଚାର୍ଜସିଟ୍ ଦେଇ ନପାରି ଏସ୍‌ଆଇ ନିଲମ୍ବିତ : ସ୍କାନରରେ ବହୁ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଠିକ୍ ସମୟରେ ମାମଲାର ଚାର୍ଜସିଟ୍ ଦାଖଲ କର। ସମ୍ବେଦନ ଶୀଳ ମାମଲାକୁ ଗୁରୁତ୍ୱର ସହ ନେଇ ଶୀଘ୍ର ତଦନ୍ତ ସାର। କାର୍ଯ୍ୟରେ ଖିଲାପ କଲେ ଘରେ ବସ। କାର୍ଯ୍ୟରେ ଢିଲା ଯୋଗୁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ ଖଣ୍ଡଗିରି ଥାନା ଏସ୍‌ଆଇ ଦେବୀପ୍ରସାଦ ବେଉରାଙ୍କୁ ନିଲମ୍ବନ କରି ଏଭଳି କଡ଼ା ସନ୍ଦେଶ ଦେଇଛନ୍ତି। କାରଣ କମିଶନରେଟ୍ ପୁଲିସ ବର୍ତ୍ତମାନ ନିଶାମାଫିଆ, ବନ୍ଧୁକ ମାଫିଆ, କୁଖ୍ୟାତ ଓ ଅଭ୍ୟାସଗତ ଅପରାଧୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଗିରଫ ପରେ ଯେଭଳି ସେମାନେ ଦୋଷୀ ସାବ୍ୟସ୍ତ ହେବେ ଏଥିପାଇଁ ପୁଲିସ ସମସ୍ତ ଉଦ୍ୟମ କରୁଛି। ହେଲେ କିଛି ତଦନ୍ତକାରୀ ଅଧିକାରୀଙ୍କ କୋହଳ ମନୋଭାବ ଅପରାଧୀଙ୍କୁ ସୁହାଇଛି। ଫଳରେ ସେମାନେ ସହଜରେ ଜାମିନ ପାଇ ପୁଣି ଅପରାଧ ସାମ୍ରାଜ୍ୟ ବିସ୍ତାର କରୁଛନ୍ତି।

ଗତ ଏପ୍ରିଲ୍ ୧୧ ତାରିଖ ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଜୟଦେବବାଟିକା ରୋଡ୍‌ରେ ସ୍ପେସାଲ୍ କ୍ରାଇମ୍ ୟୁନିଟ୍ ଏନ୍‌କାଉଣ୍ଟର କରି କୁଖ୍ୟାତ ନିଶାମାଫିଆ ସେକ୍ ଜାମ୍‌ସେଦ୍‌କୁ ଗିରଫ କରିଥିଲା। ତା' ନିକଟରୁ ୨୦୦ ଗ୍ରାମ ବ୍ରାଉନ୍‌ସୁଗାର, ଗୋଟିଏ ମାଉଜର, ୨ ଲୋଡେଡ୍ କ୍ୟାଟ୍ରିଜ୍ ଓ ବାଇକ୍ ଜବତ କରାଯାଇଥିଲା। ଉଦ୍‌ବେଗର ବିଷୟ ଯେ ଏନ୍‌କାଉଣ୍ଟର ପରେ କୁଖ୍ୟାତ ନିଶାମାଫିଆ ବିରୋଧରେ ପୁଲିସ ଯେଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିବା କଥା ସେପରି କରି ନାହିଁ। ତାକୁ ଯେଭଳି ଦୋଷୀ ସାବ୍ୟସ୍ତ କରାଯିବ; ଏଥିପାଇଁ ପୁଲିସ ଯେଉଁ ପଦକ୍ଷେପ ନେବା କଥା ତାହା ନେଇନଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଦେବୀପ୍ରସାଦ ବେଉରା ୬୦ଦିନ ଭିତରେ ଚାର୍ଜସିଟ୍ ନଦେବାରୁ କୋର୍ଟ ଅଭିଯୁକ୍ତଙ୍କୁ ଜାମିନ୍ ମଞ୍ଜୁର କରିଥିଲେ। ଯାହାକି ପୁଲିସର ଅବହେଳାକୁ ପଦାରେ ପକାଇଥିଲା। କାର୍ଯ୍ୟରେ ଅବହେଳା ଯୋଗୁ ପୁଲିସ କମିଶନର ଦେବୀପ୍ରସାଦଙ୍କୁ ନିଲମ୍ବନ କରିଥିବା ବେଳେ ଏହା ଅନ୍ୟମାନଙ୍କ ପାଇଁ ମଧ୍ୟ ସତର୍କ ଘଣ୍ଟି ହୋଇଛି। କାରଣ କମିଶନରେଟ୍ ପୁଲିସରେ କେବଳ ଦେବୀପ୍ରସାଦ ନୁହନ୍ତି, ଏଭଳି ଅନେକ ଅଧିକାରୀ ମଧ୍ୟ ଠିକ୍ ସମୟରେ ଚାର୍ଜସିଟ୍ ଦାଖଲ କରୁନାହାନ୍ତି। ଯାହାକି ଅପରାଧୀଙ୍କ ପାଇଁ ଅପରାଧ ଘୋଡ଼ାଇବାକୁ ସୁଯୋଗ ସୃଷ୍ଟି କରୁଛି। ତେଣୁ ଦେବୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପରେ ଏବେ ଅନ୍ୟମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

# ଦାରିଙ୍ଗବାଡ଼ି-ବେଲଘରରେ ହେବ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା : ଗାଁ ଭିତରେ ହେବ ହୋମ୍ ଷ୍ଟେ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**



କନ୍ଧମାଳ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଆଉ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। ଏଥିପାଇଁ ନୂତନ ଯୋଜନାକୁ ସଫଳ କରିବା ପାଇଁ ସର୍ଭେ କାର୍ଯ୍ୟ କରାଉଛନ୍ତି। ବିଶେଷକରି କନ୍ଧମାଳ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରହିଥିବା ବେଳେ ପର୍ଯ୍ୟଟକମାନେ ଆଦିବାସୀଙ୍କ ଚଳଣି ପାରମ୍ପରିକ ଖାଦ୍ୟ, ନାଚ, ବାଦ୍ୟଯନ୍ତ୍ର, ପୂଜା ପାର୍ବଣ, ଧରଣୀ ପେନୁଙ୍କ ପୂଜା ପଦ୍ଧତି, ଅଳଙ୍କାର ଧାରଣ, ପାରମ୍ପରିକ ଚାଷ, ସେମାନଙ୍କ ଅତିତ ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିଛି ତେଣୁ ଏହି ସବୁ ଜାଣିବା ଓ ଗାଁ ଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ରୋଜଗାର ବୃଦ୍ଧି ସହ ସ୍ୱାବଲମ୍ବୀ କରାଯିବା ପାଇଁ ସରକାର ଯୋଜନା କରୁଛନ୍ତି। ଏଥିପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜନଜାତିଙ୍କ ବସ୍ତିରେ ଖାଲି ପଡ଼ିଥିବା ଜମିରେ ହୋମ୍ ଷ୍ଟେ'ର ବ୍ୟବସ୍ଥା କରିବା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କନ୍ଧମାଳ ଜିଲ୍ଲାରେ ଜନଜାତି ଉନ୍ନୟନ ସଂସ୍ଥା ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ଏକ୍ସପର୍ଟଙ୍କ ମିଳିତ ସର୍ଭେ କାର୍ଯ୍ୟ କରାଯାଉଛି। ତୁମୁଡିବନ୍ଧ ବ୍ଲକ ବେଲଘର ପର୍ଯ୍ୟଟନକ୍ଷେତ୍ରର ଦେଓଗଡ଼ାଠାରେ ହୋମ୍ ଷ୍ଟେ କରାଯିବାକୁ ଚୂଡ଼ାନ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଶନିବାର ସର୍ଭେ ଦଳ ଦାରିଙ୍ଗବାଡ଼ି ବ୍ଲକର ଗ୍ରୀନବାଡ଼ି ପଞ୍ଚାୟତ ସମେତ ସିଆଙ୍ଗବାଲିର କିସୁବାଡ଼ି ଦାସିଙ୍ଗବାଡ଼ି ପଞ୍ଚାୟତର ମିଡିୟୁବାନ୍ଧା ଜଳପ୍ରପାତ, ଦାରିଙ୍ଗବାଡ଼ି ପଞ୍ଚାୟତର ହିଲଭିୟୁ ପାର୍କ ନିକଟ ହାତୀମୁଣ୍ଡା ପଞ୍ଚାୟତ ପାଡିକାରିପି ଆଦି ଅଞ୍ଚଳରେ ସର୍ଭେ କରାଯାଇଥିବା ଜଣାପଡ଼ିଛି। ଏନେଇ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା କହିଛନ୍ତି। ଏହା ସରକାରଙ୍କ ଧରଣୀ ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଅଭିଯାନ ତଥା ଭାରତ ଦର୍ଶନ ଚିନ୍ତାକଳ୍ପରେ ପର୍ଯ୍ୟଟନକ୍ଷେତ୍ରର ବିକାଶ ଯୋଜନାରେ ଏହା କରାଯିବ। ଗାଁ ମଝିରେ ହୋମଷ୍ଟେ କରାଗଲେ ଗାଁର ବାସ୍ନାକୁ ପର୍ଯ୍ୟଟକ ଅନୁଭବ କରିବେ। ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ି ବୁଲିବାକୁ ଆସି ଦିନରେ ଆସି ଦିନରେ ଫେରିଯାଇଥାନ୍ତି। ଯଦି ସେମାନଙ୍କ ପାଇଁ ଗାଁରେ ହୋମଷ୍ଟେ ବ୍ୟବସ୍ଥା କରାଗଲେ ସେମାନେ ରାତ୍ରିଯାପନ କରିବା ସହ ଗାଁ ବିଷୟରେ ଜାଣିପାରିବେ ଗାଁର ବୃଦ୍ଧ ମାନଙ୍କଠାରୁ ପୁରୁଣା ସ୍ମୃତି କାହାଣୀ ଭଳି ଶୁଣି ଜାଣିପାରିବେ। ସେମାନଙ୍କ ଚଳଣି ସମ୍ପର୍କରେ ଜାଣିବା ସହ ସ୍ଥାନୀୟ ଏସଏଚ୍‌ଜିମାନଙ୍କଠାରୁ ପର୍ଯ୍ୟଟକ ପାରମ୍ପରିକ ଖାଦ୍ୟ ଖାଇବାକୁ ପାଇବେ। ଫଳରେ ଗାଁ ପରିବେଶ ଦେଖିବାକୁ ଜାଣିବାକୁ ଆସୁଥିବା ସହରୀ ପର୍ଯ୍ୟଟକଙ୍କୁ ଏହା ଆକୃଷ୍ଟ କରିପାରିବ ବୋଲି ସେ କହିଛନ୍ତି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ହୋମଷ୍ଟେରେ ମୌଳିକ ସମସ୍ତ ବ୍ୟବସ୍ଥା ରହିବା ସହ ସମ୍ପୂର୍ଣ୍ଣ ଗାଁ ଭଳି ହୋମଷ୍ଟେଟି ପର୍ଯ୍ୟଟକଙ୍କୁ ଅନୁଭୂତି ହୋଇପାରିବ ବୋଲି କୁହାଯାଇଛି। ଏହି ସର୍ଭେ ଦଳରେ ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କ ସହ ଭୁବନେଶ୍ୱରର ପର୍ଯ୍ୟଟନ ବିଭାଗର ଏକ୍ସପର୍ଟ ଶ୍ରଦ୍ଧା ହୋତାଙ୍କ ସମେତ ଅନ୍ୟ ପ୍ରତିନିଧିଦଳ ଉପସ୍ଥିତ ରହିଥିଲେ।

## ଅବ୍ୟବସ୍ଥା ଘେରରେ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ

# ଖାଲିପଡ଼ିଛି ଅନେକ ପଦବୀ : ଲୋକେ ପାଉନାହାନ୍ତି ସେବା

**କର୍ଲାମୁଣ୍ଡା, ନ୍ୟୁଜ୍‌ବ୍ୟୁରୋ**




କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅବ୍ୟବସ୍ଥା ଘେରରେ ରହୁଥିବାରୁ ଲୋକେ ଉପଯୁକ୍ତ ସମୟରେ ସରକାରୀ ସେବାଗୁଡ଼ିକ ଠିକ୍ ଭାବେ ପାଇପାରୁ ନ ଥିବା ଅଭିଯୋଗ ହେଉଛି। ୧୨ଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ଅନେକ ଗୁଡ଼ିଏ ପଦବୀ ଖାଲି ରହିଥିବା ବେଳେ ନର୍ଲା ଏବିଡିଓ ଦେବେନ୍ଦ୍ର ସାମଲଙ୍କୁ ଗତ ଜାନୁଆରୀରୁ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ଅନ୍ୟ ବ୍ଲକର ଅଧିକାରୀଙ୍କୁ ଏଠି ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ବ୍ଲକର ୧୨ଟି ପଞ୍ଚାୟତର ଉନ୍ନୟନ କାର୍ଯ୍ୟର ତଦାରଖ ପାଇଁ ଜଣେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇ) ଓ ୩ ଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ଠିକ୍ ସେହିପରି ବ୍ଲକରେ ୧୨ଟି ପଞ୍ଚାୟତକୁ ୯ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୭ ଜଣ ଆକାଉଣ୍ଟାଣ୍ଟ କମ୍ ଡିଇଓ, ଜଣେ ଗ୍ରାମ ରୋଜଗାର ସେବକ ରହିଛନ୍ତି।

ଅନ୍ୟ ପଟେ ବ୍ଲକରେ କେସିଙ୍ଗା ଡବ୍ଲ୍ୟୁଇଓ, ମ.ରାମପୁର ଖାଉଟି ଯୋଗାଣ ଅଧିକାରୀଙ୍କୁ ଏହି ବ୍ଲକରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫଳରେ ଏହି ଅଧିକାରୀମାନେ ନିୟମିତ ଭାବେ ଆସୁ ନ ଥିବାରୁ ସାଧାରଣ ଲୋକ ହଇରାଣ ହେଉଥିବା ଜଣାପଡ଼ିଛି। ଏହି ବ୍ଲକରେ ଏବେ କିଛି ଦିନ ପୂର୍ବରୁ ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀଙ୍କ ପଦୋନ୍ନତି ପାଇ ବଦଳି ହେବା ପରେ କିରାଣି ପ୍ରଦୀପ କୁମାର ମାଝୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଅନ୍ୟ ପଟେ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ଚଳିତ ମାସରେ ଅନ୍ୟତ୍ର ବଦଳି ହେବା ପରେ ଏହି ପଦବୀ ପୂରଣ ହୋଇପାରିନାହିଁ। ପିଏ,ଏବିଡିଓ, କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀଗୁଡିକ ଦୀର୍ଘଦିନରୁ ଖାଲି ପଡ଼ିଥିବାରୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିନି। ଏଣୁ ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଡେଙ୍ଗୁ ନିରାକରଣ ଓ ସଚେତନତା ନେଇ କର୍ମଶାଳା

**ଲଡୁଗାଁ, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଲଡୁଗାଁ ପିଏଚସିରେ ଡେଙ୍ଗୁ ନିରାକରଣ ଓ ସଚେତନତା ନେଇ ଏକ କର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସମାଜସେବି ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜିଲ୍ଲା ଏଡିପିଏଚଓ ଡ. ନିହାରେନ୍ଦ୍ର ପଣ୍ଡା, ଭିବିଡିସି ଦିନେଶ ପ୍ରହରାଜ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୋକସରା ପିଏଚଇ ଓ ଶର୍ମିଳା ଛତ୍ରୀଆ, ବିପିଏମ ସୁରଜିତ ସିଂ କୁମାର, ଭିବିଡିଟିଏସ ଦୁଷ୍ମନ୍ତ ରାଉତ, ଏସଟିଏସ ଆମୋଦ ଚନ୍ଦ୍ର ଗୋଲାପ, ଏମପିଏଚଏସ କେତନ ପାତ୍ର ଉପସ୍ଥିତ ରହି ଡେଙ୍ଗୁ ନିରାକରଣ ଓ ସଚେତନତା ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ବିଗତ ବର୍ଷରେ ଲଡୁଗାଁରେ ଡେଙ୍ଗୁ ସଂକ୍ରମଣର ହଟସ୍ପଟ ଥିବା ବେଳେ ଅନେକ ରୋଗୀ ସଂକ୍ରମିତ ହୋଇଥିଲେ। ଲଡୁଗାଁ ଏକ କ୍ରମ ବର୍ଦ୍ଧିତ ସହର ଓ ବ୍ୟବସାୟିକ ପେଣ୍ଠସ୍ଥଳି ସହ ଅନେକ କଳ କାରଖାନା, ଶିକ୍ଷାନୁଷ୍ଠାନ ରହିଥିବା କାରଣରୁ ଏହାରେ ଡେଙ୍ଗୁ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଥିବା କାରଣରୁ ଡେଙ୍ଗୁ ନିରାକରଣ ନେଇ ଲୋକଙ୍କୁ ସଚେତନତା କରିବା ପାଇଁ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ ବୋଲି କହିଥିଲେ।

# କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଯାଦବ ସମିତି ପୁନଃର୍ଗଠିତ

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡ଼ଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ, ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ମାଧବ ଲହଜଲ ଓ ଅରକ୍ଷିତ ଭଇଁସାଲ ଯୋଗ ଦେଇ ଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସତ୍ୟ ନାରାୟଣ ବିଶି ଓ ନଳିନୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଳ ନାଏକ, ଧର୍ମଗଡ଼ ଏନଏସି ଯାଦବ ସମିତିର ଅନିରୁଦ୍ଧ ଲହଜାଲ, ଶିକ୍ଷାବିତ ପ୍ରଶୁନ୍ନ କୁମାର ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁର୍ଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

## ଉଦ୍ୟାନ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କର୍ମଚାରୀ

# ନିଯୁକ୍ତି କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଥିବା ଉଦ୍ୟାନ ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣକୁ ନେଇ ଚର୍ଚ୍ଚିତ ହୋଇ ରହିଥିବା ସହ ଦୁର୍ନୀତିର ଲମ୍ବା ଅଭିଯୋଗ ରହିଥିବା କଥା କାହାକୁ ଅଛପା ନୁହେଁ। ଏହି କାର୍ଯ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀଙ୍କ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ଆଣିଛନ୍ତି କେନ୍ଦୁଝର ଜିଲ୍ଲା ବିଚାର ବିଭାଗରେ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ତଥା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଦସ୍ୟ ବିପ୍ରରଞ୍ଜନ ମିଶ୍ର। ସେ ଏ ସମ୍ପର୍କରେ ଅଭିଯୋଗ କରି ପ୍ରଥମେ ସୂଚନା ଅଧିକାର ଆଇନ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ମାତ୍ର ଅଧିକାରୀମାନଙ୍କଠାରୁ ସୂଚନା ମିଳିବା ତ ଦୂରର କଥା, ଏକ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟା ପ୍ରଣୟନ କରିବା ଦିଗରେ ଆନ୍ତରିକତା ଦେଖିବାକୁ ପାଇ ନ ଥିଲେ। ଏହି କାର୍ଯ୍ୟାଳୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ବା ଡିଏମଏଫ ଅର୍ଥରେ ଆକାଉଣ୍ଟସ ଅଫିସର ବା ବିଓ ଅଧିକାରୀ ଏବଂ ଡାଟା ଏଣ୍ଟ୍ରି ଅପରେଟର ବା ଡିଇଓ ନିଯୁକ୍ତି କରାଯାଇଥିଲା, ଯେଉଁଥିରେ କୌଣସି ନିଯୁକ୍ତି ସମ୍ପର୍କୀତ ବିଜ୍ଞାପନ ବା ନୋଟିସ୍ ବାହାରି ନ ଥିଲା। ଆକାଉଣ୍ଟସ ଅଫିସରଙ୍କ ପାଇଁ ମାସିକ ୨୦ ହଜାର ଟଙ୍କା ଦରମାରେ ବର୍ଷକ ପାଇଁ ଏହି ନିଯୁକ୍ତି ଉଦ୍ୟାନ ଉପନିର୍ଦ୍ଦେଶକଙ୍କ ଅର୍ଚ୍ଚାଡ ପ୍ଲାଣ୍ଟେସନ ବା ଫୁଲ-ଫଳ ବଗିଚାର ବିକାଶ ପାଇଁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ଏହାକୁ ବର୍ଷକୁ ବର୍ଷ କାର୍ଯ୍ୟର ଅବଧିକୁ ବୃଦ୍ଧି କରାଯାଇଛି। ସୂଚନା ଅଧିକାର ଆଇନ ବଳରେ ନିଯୁକ୍ତି ପ୍ରକ୍ରିୟାର ମାନଦଣ୍ଡ ଶ୍ରୀ ମିଶ୍ର ଜାଣିବାକୁ ଚାହିଁଥିଲେ ମଧ୍ୟ ତାହା ମିଳିବା ସମ୍ଭବପର ନ ହେବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ହାଇକୋର୍ଟଙ୍କ ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଆଦେଶ ସଂଖ୍ୟା ଡବ୍ଲୁପି(ସି)୧୮୬୮୩/ ୨୦୨୫ ତା ୧୦.୦୭.୨୦୨୫ରେ ଏହି ପ୍ରକ୍ରିୟାରେ କ'ଣ ପଦକ୍ଷେପ ରହିଛି ଓ ସ୍ୱଚ୍ଛତା କାହିଁକି ବଜାୟ ରଖାଯାଇନାହିଁ ବୋଲି ଉଲ୍ଲେଖ କରିଥିବା ସହ କେନ୍ଦୁଝର ଜିଲ୍ଲାପାଳ ଓ ଉଦ୍ୟାନ ଉପ ନିର୍ଦ୍ଦେଶକଙ୍କୁ ନିଯୁକ୍ତିରେ ସ୍ୱଚ୍ଛତା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ବିଚାର ବିଭାଗରେ ୪୦ବର୍ଷ ଧରି ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ତଥା ସଚେତନ ବରିଷ୍ଠ ନାଗରିକ ବିପ୍ରରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ଯେ, ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଅବସରପ୍ରାପ୍ତ କର୍ମଚାରୀ ହୁଅନ୍ତୁ ବା ଆଉଟସୋର୍ସିଂ ସଂସ୍ଥାର ଠିକା କର୍ମଚାରୀ ନିଯୁକ୍ତି ହେଉ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ଆସୁଛି। ସେ ବ୍ୟକ୍ତିଗତ ଭାବରେ କୌଣସି ସଂସ୍ଥାରେ ନିଯୁକ୍ତି ଗ୍ରହଣ କରିବେ ନାହିଁ ବୋଲି ପ୍ରକାଶ କରି ଏପରି ନିଯୁକ୍ତିରେ ସ୍ୱଚ୍ଛତା ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି।

# ଏଟିଏମ ଲୁଟ୍ ଉଦ୍ୟମ ୨ ଜଣଙ୍କୁ କାବୁ କଲେ ସ୍ଥାନୀୟ ବାସିନ୍ଦା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହର ପାରାବେଡାରେ ଥିବା ଏସବିଆଇ ଏଟିଏମ ଲୁଟ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ୨ ଜଣକୁ କବୁ କରିଛି। ସ୍ପଷ୍ଟ ଦିବା ଲୋକରେ ଏଟିଏମଙ୍କୁ ଭାଙ୍ଗୁଥିବା ବେଳେ ସ୍ଥାନୀୟ ବାସିନ୍ଦା ଦେଖି କାବୁ କରିଥିଲେ। ଘଟଣା ସ୍ଥଳରେ ଜୟପୁର ଟାଉନ ପୋଲିସ ପହଞ୍ଚିବା ପରେ ସ୍ଥାନୀୟ ବାସିନ୍ଦା କାବୁ କରିଥିବା ୨ ଜଣ ଲୁଟେରାଙ୍କୁ ପୋଲିସ ହାତରେ ଜିମା ଦେଇଥିଲେ। ଦୁଇ ଜଣ ଲୁଟେରା ବାହାର ରାଜ୍ୟର ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଏଟିଏମ୍ ଭାଙ୍ଗୁଥିବା ବଳେ ଏଟିଏମ୍ ସର୍ଟର ପକାଇ ୨ ଲୁଟେରାକୁ ରଖିବା ପରେ ପୋଲିସକୁ ଜିମା ଦେଇଥିଲେ।

# ଅବହେଳିତ ଅବସ୍ଥାରେ ବହୁ ପୁରାତନ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**




ଗଞ୍ଜାମ ସହର ବଡ଼ ବଜାର ଠାରେ ବହୁ ପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହେତୁ ଦୈନନ୍ଦିନ ଶହ ଶହ ରୋଗୀ ପ୍ରାଥମିକ ଚିକିତ୍ସା ପାଇଁ ଆସିଥାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗଞ୍ଜାମ ବ୍ଲକ ୧୫ ପଞ୍ଚାୟତ ମଧ୍ୟରୁ ପ୍ରାୟ ଦଶଟି ପଞ୍ଚାୟତର ବିଭିନ୍ନ ଗ୍ରାମ ଗଞ୍ଜାମ ଏନଏସିର ୧୨ ଟି ୱାର୍ଡର ପାଖାପାଖି ଦଶ ହଜାରରୁ ଉର୍ଦ୍ଧ ଜନସାଧାରଣ ଙ୍କ ସମେତ ପୁରୀ ଜିଲ୍ଲା କୃଷ୍ଣ ପ୍ରସାଦ ବ୍ଲକର କିଛି ପଞ୍ଚାୟତ ନିର୍ଭର କରନ୍ତି । ଦୀର୍ଘ ବର୍ଷ ହେବ ଏହି ମେଡିକାଲରେ ସ୍ଥାଇ ଆମ୍ବୁଲାନ୍ସ ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ନା ରହୁଛି ସ୍ଥାଇ ଆମ୍ବୁଲାନ୍ସ ନା ରହୁଛି ଚିକିତ୍ସା ପାଇଁ ଉପକରଣ । ଦୈନିକ ଏଠି ଆକ୍ସିଡେଣ୍ଟ ହେଇ ଆସିଥିବା ଲୋକେ ନାହିଁ ନଥିବା ହଇରାଣର ସମୁଖୀନ ହେଉଥାନ୍ତି ଏଣୁ ଆଗାମୀ ଦିନରେ ଯଦି ଏହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୂପେ ଘୋଷଣା ନ କରାଯାଏ ତେବେ ଗଞ୍ଜାମବାସୀ ରାଜରାସ୍ତାକୁ ଓହ୍ଲେଇବା ପାଇଁ ପଛେଇବେନି ବୋଲି ମତ ପ୍ରକକ୍ଷଶ ପାଇଛି । ଏନେଇ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପରୋକ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପ୍ରଶାସନ ସ୍ତରରେ ଆଲୋଚନା କରି ପଦକ୍ଷେପ ନେବା ଲାଗି ଅଞ୍ଚଳବାସୀ ନିବେଦନ କରିଛନ୍ତି ।

# ବଗଚରା ଜବରଦଖଲ ନେଇ ବିବାଦ ରାସ୍ତା ନିର୍ମାଣ କାର୍ଯ୍ୟ ଠପ୍

**ନୟାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ଗାଡ଼ିମଟର ସଂଖ୍ୟା ବଢିବାରେ ଲାଗିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପ୍ରଶସ୍ତୀକରଣ ସହ ଉନ୍ନତିକରଣ ପାଇଁ କୋଟିକୋଟି ଟଙ୍କା ବ୍ୟୟ କରୁଛି। ଅନେକ ସ୍ଥାନରେ ପ୍ରଶସ୍ତୀକରଣ ସମୟରେ ଜବରଦଖଲ ସମସ୍ୟା ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଉଛି। ସେଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଚମ୍ପତିପୁର ଠାରୁ ଜେଲଛକ ଭାୟା ଲତାର ରାସ୍ତାରେ। ଭାୟା ଲତାରକୁ ରାସ୍ତା ଭୁଲିଯାଇଛନ୍ତି ବିଭାଗୀୟ ଯନ୍ତ୍ରୀ। ସବୁ ରାସ୍ତା କଡ଼ରେ ସ୍ଥାନ କାଳ ଅନୁଯାୟୀ ଅତିକମ୍‌ରେ ଦଶଫୁଟ ବଗଚରା ଥାଏ। କିନ୍ତୁ କୁଞ୍ଜବନ ମଶାଣୀ ନିକଟରେ ରାସ୍ତା ପ୍ରଶସ୍ତୀକରଣ ଚାଲିଥିବାବେଳେ ଜଣେ ରାସ୍ତାକଡ଼ ଚାଷୀ ବଗଚରାରେ ବାଡ଼ଦେଇ ନିଜ ଅଧିକାର ସାବ୍ୟସ୍ତ ଯୋଗୁ ରାସ୍ତା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀ ମାପଚୁପ ପାଇଁ ରଣପୁର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ରଣପୁର ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିବା ଅଧିଖଣ୍ଡ ଯନ୍ତ୍ରୀ ଜୟଚନ୍ଦ୍ର ପଟ୍ଟନାୟକ କହିଛନ୍ତି ମାପଚୁପ ପରେ କାର୍ଯ୍ୟ ହେବ। ନିର୍ଦ୍ଧାରିତ ସ୍ଥାନରେ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଦୁର୍ଘଟଣା ଆଶଙ୍କା ରହୁଛି। ତହସିଲଦାର ଡ. ଆର୍ଯ୍ୟ କୁମାର ସର୍ବଦମନ ତାଙ୍କ ପାଖରେ ମାପଚୁପ ଦରଖାସ୍ତ ପହଞ୍ଚି ନଥିବା କୁହନ୍ତି। ପହଞ୍ଚିବା ପରେ ପ୍ରାଥମିକତା ଦେଇ ମାପଚୁପ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଗେରୁଆ ଷ୍ଟିକରିଂ ହେଉଛି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**



ସହର ମହକୁମାରୁ ଦୂରରେ ଅବସ୍ଥିତ ଗାଁ ଗହଳିରେ ପ୍ରାଣୀ ଚିକିତ୍ସାକୁ ସୁଗମ କରିବାକୁ ଗତ ସରକାରଙ୍କ ସମୟରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ପାଇଁ ଗାଡ଼ି ପ୍ରଦାନ କରାଯାଇଥିଲା। ଏହି କ୍ରମରେ ପ୍ରତି ବ୍ଲକ୍‌ରେ ମୋବାଇଲ୍ ଭେଟନାରୀ ୟୁନିଟ୍ ରହିଛି। ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସ୍କୁଲ ୟୁନିଫର୍ମର ରଙ୍ଗ ବଦଳାଇଲା ଭଳି ଏହି ଗାଡ଼ି ଗୁଡ଼ିକର ରଙ୍ଗ ବି ପରିବର୍ତ୍ତନ ହୋଇ ଗେରୁଆ ହେଉଛି। ବର୍ତ୍ତମାନ ଜିଲ୍ଲାରେ ରହିଥିବା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ଓ ମୋବାଇଲ୍ ଭେଟନାରୀ ୟୁନିଟ୍ ଗାଡ଼ିଗୁଡ଼ିକରେ ସରକାର ରଙ୍ଗ ବଦଳାଇଥିବା ଦେଖିବାକୁ ମିଳିଛି। ଏହି ଗାଡ଼ିଗୁଡ଼ିକରେ ଗେରୁଆ ରଙ୍ଗର ବ୍ୟବହାର ହୋଇଛି। କିଛି ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଜନାରେ ବ୍ରହ୍ମପୁରକୁ ଗୋଟିଏ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାରେ ଥିବା ପ୍ରତି ବ୍ଲକ୍‌କୁ ଗୋଟିଏ ଲେଖାଏଁ ମୋବାଇଲ୍ ଭେଟନାରୀ ୟୁନିଟ୍ ପ୍ରଦାନ କରାଯାଇଛି। ଏଭଳି ଜିଲ୍ଲାର ପ୍ରାୟ ୨୩ଟି ଗାଡ଼ି ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଗୃହପାଳିତ ପ୍ରାଣୀ ସମେତ ରାସ୍ତାରେ ବୁଲୁଥିବା ପଶୁଙ୍କ ଚିକିତ୍ସା ନିମନ୍ତେ ଏହି ଗାଡ଼ିଗୁଡ଼ିକୁ ବ୍ୟବହାର କରାଯିବ। ଆବଶ୍ୟକସ୍ଥଳେ କୌଣସି ବ୍ୟକ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ୧୯୬୨ ନମ୍ବରକୁ ଫୋନ୍ କରି ସହାୟତା ମାଗିଲେ। କିଛି ସମୟ ମଧ୍ୟ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ କିମ୍ବା ମୋବାଇଲ୍ ଭେଟନାରୀ ୟୁନିଟ୍ ଘଟଣାସ୍ଥଳରେ ପହଞ୍ଚି ଆହତ ପ୍ରାଣୀଙ୍କୁ ଚିକିତ୍ସା କରିବେ। ଉକ୍ତ ଗାଡ଼ିଗୁଡ଼ିକରେ ଜନ ସଚେତନତା ଲାଗି ବିଭିନ୍ନ ଷ୍ଟିକର ଲାଗିଛି। ହେଲେ ଷ୍ଟିକରଗୁଡ଼ିକ ନଷ୍ଟ ହୋଇନଥିବା ବେଳେ ସେହି ସ୍ଥାନରେ ସମାନ ଲେଖାରେ ଗେରୁଆ ରଙ୍ଗର ଷ୍ଟିକର ଲଗାଯାଉଛି। ଏଭଳି ଭାବେ ଜିଲ୍ଲାର ରହିଥିବା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ୍ ସମେତ ମୋଟ ୨୩ଟି ମୋବାଇଲ୍ ଭେଟନାରୀ ୟୁନିଟ୍‌ର ରଙ୍ଗ ପରିବର୍ତ୍ତନ କରାଯିବ ବୋଲି ଜଣାପଡ଼ିଛି। ଗାଡ଼ି ଷ୍ଟିକରିଂ କରିବାକୁ ପ୍ରତି ଗାଡ଼ି ପିଛା ୪ରୁ ୫ ହଜାର ଟଙ୍କା ଖର୍ଚ୍ଚ କରାଯିବ। ୨୩ଟି ଗାଡ଼ିର ଷ୍ଟିକରିଂ କରିବା ନିମନ୍ତେ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ଦିଲ୍ଲୀର ଏକ ସଂସ୍ଥାର କର୍ମଚାରୀମାନେ ରାଜ୍ୟର ବିଭିନ୍ନ ଜିଲ୍ଲା ବୁଲି ଏଭଳି ଗାଡ଼ିର ରଙ୍ଗ ବଦଳାଇବେ। ରାଜ୍ୟରେ ନୂତନ କରି ସରକାର ଗଠନ କରିଥିବା ବିଜେପି ସରକାରଙ୍କ ଏଭଳି ରଙ୍ଗ ବଦଳାଇବା ନୀତିକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆବଶ୍ୟକ ନଥାଇ ରାଜ୍ୟ ସରକାର ରାଜକୋଷରୁ ଅଯଥା ଟଙ୍କା ଖର୍ଚ୍ଚ ଘଟଣାକୁ ସାଧାରଣରେ ନାସପନ୍ଦ କରାଯାଇଛି।

# ଶବକୁ ଅସମ୍ମାନ : ସହାୟତାର ହାତ ବଢ଼ାଇଲା ଜିଲ୍ଲା ପ୍ରଶାସନ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଦେଉଳା ପଞ୍ଚାୟତ ବିନ୍ଧାଣୀ ସାହି ଗ୍ରାମରେ ଦେଖିବାକୁ ମିଳିଥିଲା ହୃଦୟ ବିଦାରକ ଦୃଶ୍ୟ। ଅର୍ଥ ଅଭାବରୁ ବାପା ଝିଅର ମୃତଦେହକୁ ଟ୍ରଲିରେ ବୋହି ଆଣିଥିଲା। ଏହି ଖବର ପ୍ରସାରଣ ପରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ତହସିଲଦାର, ବିଡିଓ ବାଲିଆପାଳ, ଦେଉଳାର ସରପଞ୍ଚ ଏବଂ ପିଇଓଙ୍କ ସହିତ ସମନ୍ୱୟ କରି ମୃତଦେହକୁ ଶବଦାହ ପାଇଁ ନେବା ନିମନ୍ତେ ଗାଡ଼ିର ବ୍ୟବସ୍ଥା କରିଥିଲେ। ହରିଶ୍ଚନ୍ଦ୍ର ଯୋଜନା ଅଧୀନରେ ରେଡ୍‌କ୍ରସ୍ ତରଫରୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇ ଥିଲା। ଏ ନେଇ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ୱିଟ୍ ଯୋଗେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଦେଉଳା ପଞ୍ଚାୟତ ବିନ୍ଧାଣୀ ସାହି ଗ୍ରାମର ମଧୁବିନ୍ଧାଣୀ ଝିଅ ନନ୍ଦିନୀ ଘରୁ ରାଗିଯାଇ ନିକଟସ୍ଥ ଗ୍ରାମରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପରେ ଖବର ପାଇ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପରିବାର ଲୋକଙ୍କୁ ଦାୟିତ୍ୱ ଦେଇ ପଳାଇ ଆସିଥିଲେ। ତେବେ ବାପା ମଧୁ ଅତ୍ୟନ୍ତ ଗରିବ ଦିନ ମଜୁରିଆ ହୋଇଥିବାରୁ ଆମ୍ବୁଲାନ୍ସରେ ଶବକୁ ନେବାକୁ ୧୨ଶହ ଟଙ୍କା ବ୍ୟବସ୍ଥା କରିପାରି ନ ଥିଲେ। ଗ୍ରାମର ଜୈନେକ ବ୍ୟକ୍ତିଙ୍କ ଠାରୁ ଟ୍ରଲି ମାଗି ଝିଅର ଶବକୁ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରିଥିଲେ। ତେବେ ଡାକ୍ତରଖାନାକୁ ଶବଟି ଟ୍ରଲିର ଯାଉଥିବା ସମୟର ଫଟୋ ଏବେ ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ଗରିବ ଅସହାୟ ଆଦିବାସୀଙ୍କ ପ୍ରତି ପୁଲିସ ପ୍ରଶାସନର ମାନବିକତା ନ ଦେଖାଇବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ଏବେବି ଗୁଣିଗାରେଡି ପରମ୍ପରା ବଜାୟ ରହିଛି

# ୪ ବର୍ଷରେ ସାପ କାମୁଡ଼ାରେ ଗଲାଣି ୧୫୯ ଜୀବନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସବୁକ୍ଷେତ୍ରରେ ବିଜ୍ଞାନ ଆଗକୁ ମାଡି ଚାଲିଥିବାବେଳେ ସମାଜରେ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ି ପରମ୍ପରା ଲୋପ ପାଉନାହିଁ। ଯାହାଫଳରେ ଜିଲ୍ଲାରେ ସାପ କାମୁଡା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗାଉଁଲି ଅନ୍ଧ ବିଶ୍ୱାସକୁ ହଟାଇବା ପାଇଁ ଜିଲ୍ଲା ପ୍ରଶାସନ (ଓସ୍‌ଡୋମା) ପକ୍ଷରୁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ସାପ କାମୁଡିଲେ କ'ଣ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରାଯିବ, ସେଥିପାଇଁ ଗାଁ ଗହଳିରେ ପାଲା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବା ସହ ବିଦ୍ୟାଳୟରେ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଶିକ୍ଷକଙ୍କ ଜରିଆରେ ସତର୍କ କରିଦିଆଯାଉଛି। ଏତଦ୍‌ବ୍ୟତୀତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଫାର୍ମର୍ସ୍ କ୍ଲବ୍, ୟୁଥ୍ କ୍ଲବ୍ ଓ ଆଶା ଅଙ୍ଗନୱାଡ଼ି କର୍ମୀଙ୍କୁ ମଧ୍ୟ ସଚେତନତା ସୃଷ୍ଟି ପାଇଁ ଓସ୍‌ଡୋମା ପକ୍ଷରୁ ନିୟୋଜିତ କରାଯାଇଛି। ତଥାପି ସାପ କାମୁଡା ରୋଗୀଙ୍କୁ ଏବେବି ଗାଁ ଗହଳିରେ ତତ୍‌କ୍ଷଣାତ୍ ନିକଟସ୍ଥ ଡାକ୍ତରଖାନାକୁ ନଯାଇ ବିଷ ଝଡାଇବା ଭଳି ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଗୁଣିଗାରେଡି ପରମ୍ପରାକୁ ଆପଣାଉଛନ୍ତି। ଯାହାଫଳରେ ସାପ କାମୁଡା ରୋଗୀଙ୍କ ମୃତ୍ୟୁ ସୁନିଶ୍ଚିତ କରୁଛି। ବିଭାଗୀୟ ସୂଚନାରୁ ଜଣାଯାଇଛି ଯେ ଭଦ୍ରକ ଜିଲ୍ଲାରେ ଗତ ୨୦୨୦ ରୁ ୨୦୨୫ ଅଦ୍ୟାବଧି ଜିଲ୍ଲାର ୭ଟି ବ୍ଲକ୍‌ରେ ସାପ କାମୁଡାରେ ୧୫୯ ଜଣଙ୍କର ପ୍ରାଣହାନୀ ଘଟିଛି। ମୃତ ସାପ କାମୁଡା ପ୍ରତ୍ୟେକ ପରିବାରଙ୍କୁ ଏଥିପାଇଁ ୪ ଲକ୍ଷ ଲେଖାଏଁ ଟଙ୍କା ଅନୁକମ୍ପା ରାଶି ବାବଦରେ ସାଢେ ଚାରିବର୍ଷ ମଧ୍ୟରେ ମୋଟ ୬ କୋଟି ୩୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ସାଢେ ଚାରିବର୍ଷ ମଧ୍ୟରେ ସର୍ବାଧିକ ବାସୁଦେବପୁର ବ୍ଲକ୍‌ରେ ୩୫ ଜଣ ସାପ କାମୁଡାରେ ମରିଥିବାବେଳେ ସବୁଠାରୁ କମ୍ ୭ ଜଣ ମରିଛନ୍ତି ବନ୍ତ ବ୍ଲକ୍‌ରେ । ସେହିପରି ଚାନ୍ଦବାଲି ବ୍ଲକ୍‌ରେ ୩୨ ଜଣ, ତିହିଡିରେ ୨୯ ଜଣ, ଧାମନଗରରେ ୨୪ ଜଣ, ଭଦ୍ରକରେ ୧୯ ଜଣ ଓ ଭଣ୍ଡାରିପୋଖରୀ ବ୍ଲକ୍‌ରେ ୧୩ ଜଣ ବ୍ୟକ୍ତିଙ୍କର ସାପ କାମୁଡାରେ ମୃତ୍ୟୁ ଘଟିଛି।

# ମ୍ୟାମାର୍‌ରେ ଫସିଛନ୍ତି ନିଆଳିର ୪ ଯୁବକ:ଉଦ୍ଧାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି

**ନିଆଳି, ନ୍ୟୁଜ୍ ବ୍ୟୁରୋ**

ହଙ୍ଗକଙ୍ଗ୍‌ର ଏକ ଫୁଡ୍ ପ୍ୟାକେଜିଂ କମ୍ପାନୀରେ କାମ କରିବାକୁ କହି ନିଆଳି ଅଞ୍ଚଳର ୪ଜଣ ଯୁବକଙ୍କୁ ଜଣେ ଏଜେଣ୍ଟ ନେଇଯାଇଥିଲେ। ହେଲେ, ଅଧିକ ରୋଜଗାରର ଲୋଭ ଦେଖାଇ ଉକ୍ତ ଏଜେଣ୍ଟ କୌଶଳକ୍ରମେ ସେମାନଙ୍କୁ ମ୍ୟାମାର୍ ଦେଶରେ ପହଞ୍ଚାଇ ସେଠାରେ ସାଇବର୍ ଠକେଇ କାର୍ଯ୍ୟରେ ଲଗାଇଥିଲେ। ସେଥିରେ ରାଜି ନହେବାରୁ ସେମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ଫଳରେ ସେମାନେ ଗାଁକୁ ଫେରିବା ପାଇଁ ପରିବାରଙ୍କୁ ଆକୁଳ ନିବେଦନ କରିଛନ୍ତି। ସେମାନଙ୍କ ଅସୁବିଧା ଜାଣିବା ପରେ ପରିବାର ଲୋକେ ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି କରିଛନ୍ତି। ସୂଚନା ମୁତାବକ, ନିଆଳି ବ୍ଲକ୍ ଜଲ୍ଲାରପୁର ପଞ୍ଚାୟତ କୁଜଜଲ୍ଲାରପୁରର ପ୍ରତ୍ୟୁଷ ସ୍ୱାଇଁ (୩୦), ବିଜୟ ନାୟକ (୩୦), ବାହାରଣା ପଞ୍ଚାୟତ ବରିମୁଣ୍ଡେଇର ଲକ୍ଷ୍ମୀକାନ୍ତ ପଣ୍ଡା (୨୯) ଓ ସୌମ୍ୟରଞ୍ଜନ ବିହାରୀ (୩୬) ଜଣେ ଏଜେଣ୍ଟଙ୍କ ମାଧ୍ୟମରେ ଗତ ଫେବୃୟାରୀ ୨୭ ତାରିଖରେ ଘରୁ ବାହାରିଯାଇଥିଲେ। ସେମାନଙ୍କର ଭିସା ହୋଇନଥିଲା। ତେବେ, କିଛିଦିନ କାମ କରିବା ପରେ ଭିସା ମିଳିଯିବ ବୋଲି କହି ବେଆଇନ୍ ଭାବେ ସୀମା ଅତିକ୍ରମ କରାଇ ମ୍ୟାମାର୍ ନିଆଯାଇଥିଲା। ସେଠାରେ ୪ ଜଣଙ୍କୁ ଅଲଗା ଅଲଗା



ସ୍ଥାନରେ ରଖି ଓଡ଼ିଆ ଓ ହିନ୍ଦୀ ଭାଷାରେ ଫୋନ୍ କରି ଭାରତ ଓ ବିଶେଷ କରି ଓଡ଼ିଶା ଲୋକଙ୍କୁ ଫସାଇ ସାଇବର୍ ଠକେଇ ଜାଲରେ ଛନ୍ଦିବାକୁ ବାଧ୍ୟ କରାଯାଇଥିଲା। ସେମାନେ ରାଜି ନ ହେବାରୁ ଖାଇବା ପିଇବା ବନ୍ଦ କରିଦିଆଯିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏମିତିକି ଦିନକୁ ଗୋଟିଏ ବେଳା ମ୍ୟାଗି ଖାଇବାକୁ ଦିଆଯାଉଥିବା ବେଳେ ମାତ୍ର ଅଧା ଲିଟର ପାଣି ପିଇବାକୁ ଦିଆଯାଉଥିଲା ବୋଲି ଜଣେ ଯୁବକ ଫୋନ୍ କରି ତାଙ୍କ ପରିବାରକୁ ଜଣାଇଛନ୍ତି। ଦିନକୁ ମାତ୍ର ୧୦ ମିନିଟ୍ ଲାଗି ସେମାନଙ୍କୁ ମୋବାଇଲ୍ ଦିଆଯାଉଥିଲା। ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଯୁବକମାନେ ସେମାନଙ୍କ ପରିବାରକୁ ଫୋନ୍ କରି ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ପରିବାର ଲୋକେ ପ୍ରଥମେ ଶ୍ରମ କମିସନର୍ ଓ ପରେ ମ୍ୟାମାର୍ ଦୂତାବାସ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଅତ୍ୟାଚାର ବଢ଼ି ଚାଲିବା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଆସିଥିବା ବେଳେ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ସଚିବ ମନୋଜ ସାହୁ ଯୁବକମାନଙ୍କ ପରିବାର ସହ ଆଲୋଚନା କରିଥିଲେ। ଏ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଉଦ୍ଧାର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

# ଓଡ଼ିଶାର ସୀମାନ୍ତ ଗାଁକୁ ଅକ୍ତିଆର ପାଇଁ ଆନ୍ଧ୍ରର ପ୍ରୟାସ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପଣସପୁଟ, ଧୂଳିପୁଟ ଓ ଯନ୍ତ୍ରୀ ପଞ୍ଚାୟତ ସୀମାକୁ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଲାଗିଛି। ସୀମାନ୍ତରେ ଅବସ୍ଥିତ ଓଡ଼ିଶାର ଗାଁକୁ ନିଜ ଅକ୍ତିଆରକୁ ନେଇ କ୍ଷେତ୍ର ବିସ୍ତାର କରିବାକୁ ଆନ୍ଧ୍ର ପ୍ରୟାସ ଜାରି ରଖିଛି। ଅନ୍ୟପଟେ ଓଡ଼ିଶାର ସୀମାନ୍ତ ଗାଁଗୁଡ଼ିକରେ ଆଜି ମଧ୍ୟ ବିକାଶ ଅପହଞ୍ଚ। ତେଣୁ ଜୀବନ ସହ ଜୀବିକା ପାଇଁ ଆନ୍ଧ୍ର ଉପରେ ବର୍ଷ ତମାମ୍ ସୀମାନ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି। ଯାହାର ଗୋଟିଏ ନମୁନା ହେଲା ପଣସପୁଟ ପଞ୍ଚାୟତର ତବଲାଗୁଡ଼ା ଗାଁ। ଉପରୋକ୍ତ ଗାଁରେ ପରଜା ସଂପ୍ରଦାୟର ପ୍ରାୟ ୩୦ ପରିବାର ବସବାସ କରୁଛନ୍ତି। ପଡ଼ୋଶୀ ରାଜ୍ୟ ସୀମାକୁ ଲାଗି ଗାଁ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଲୋକେ



ଆନ୍ଧ୍ର ଉପରେ ନିର୍ଭରଶୀଳ। ଏପରିକି ଦିଆସିଲି ଖଣ୍ଡିଏ ପାଇଁ ଆନ୍ଧ୍ରକୁ ଯାଉଛନ୍ତି। ଆନ୍ଧ୍ର ସରକାର ବହୁବର୍ଷ ହେଲା ଏହି ଗାଁ ଉପରେ ନଜର ରଖିଛନ୍ତି। ପୂର୍ବରୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ଅନ୍ୟ ସେବା ଯୋଗାଇବାକୁ ମଧ୍ୟ ପ୍ରୟାସ କରିଥିଲେ। ଯାହା ସମ୍ଭବ ହୋଇନଥିଲା। ପଣସପୁଟ ପଞ୍ଚାୟତ ସଦର ଠାରୁ ଗାଁର ଅବସ୍ଥିତି ୭ କିମି ହୋଇଥିଲା ବେଳେ ଆନ୍ଧ୍ରର ଏଏସ୍‌ଆର୍ ଜିଲ୍ଲାର ଗଙ୍ଗାପୁଟ ପଞ୍ଚାୟତ ଠାରୁ ମାତ୍ର ୫୦୦ ମିଟର ଦୂରରେ ରହିଛି। ତେଣୁ କାମ ଥିଲେ ପଣସପୁଟ ଯାଉଛନ୍ତି, ନଚେତ ଗଙ୍ଗାପୁଟ ପଞ୍ଚାୟତକୁ ଅଧିକାଂଶ ସମୟରେ ଯାଉଛନ୍ତି। ଗାଁରେ ବିଦ୍ୟାଳୟ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ। ଏଥିପାଇଁ ୪ କିମି ଦୂର କୁସୁମପୁଟ ବିଦ୍ୟାଳୟରେ ପିଲା ନାମ ଲେଖାଇଛନ୍ତି। ତେବେ ଦୂରତା ଯୋଗୁ ନିୟମିତ ସ୍କୁଲ୍ ଯାଉନଥିବା ଜଣାପଡ଼ିଛି। ଅଧିକାଂଶ ଲୋକ ଓଡ଼ିଆ ଏବଂ ଆଦିବାସୀ ଭାଷା ଜାଣିଥିଲେ ସୁଦ୍ଧା ତେଲୁଗୁ କହିବାକୁ ପସନ୍ଦ କରୁଛନ୍ତି। ଏପରିକି ପିଲାଙ୍କୁ ଓଡ଼ିଆରେ ପ୍ରଶ୍ନ କଲେ ତେଲୁଗୁରେ ଉତ୍ତର ମିଳୁଛି। ସେହିପରି ଗ୍ରାମବାସୀଙ୍କୁ ଆନ୍ଧ୍ରରେ ମୂଲ ଲଗାବାକୁ କାମ ମିଳୁଥିବା କହିଛନ୍ତି। ସରକାର ଗାଁ ନିକଟରେ ରହିଥିବା ନଦୀରେ ପୋଲ ନିର୍ମାଣ କରିଛନ୍ତି। ଯାହା ଆନ୍ଧ୍ର ଏବଂ ଓଡ଼ିଶାକୁ ଦୁଇଭାଗ କରିଛି। ପୋଲ ଅତିକ୍ରମ କଲେ ଆନ୍ଧ୍ର ସୀମା ଆରମ୍ଭ ହେଉଥିବାରୁ ଓଡ଼ିଶା ବଦଳରେ ଆନ୍ଧ୍ର ଉପରେ ନିର୍ଭରଶୀଳତା ଲୋକଙ୍କର ବଢ଼ିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ମୌଳିକ ସୁବିଧା ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଇନି। ବହୁ ଲୋକ ଆବାସ ଯୋଜନା ଏବଂ ଭତ୍ତାରୁ ବଞ୍ଚିତ ରହିଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ନଜର ନଦିଏ ଲୋକେ ଆନ୍ଧ୍ର ଆଡ଼କୁ ଢଳିବା ନିଶ୍ଚିତ।

## ତାମିଲନାଡୁରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

# ହରିଶ୍ଚନ୍ଦ୍ର ଅନୁଦାନ ପ୍ରଦାନରେ ଅବହେଳା ଅଭିଯୋଗ



**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତର ଜଣେ ଯୁବକ ତାମିଲନାଡୁରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାବେଳେ ରାସ୍ତା ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ହେଲେ ମୃତକ ରଘୁନାଥ ନାୟକ। ତାଙ୍କ ମୃତ ଶରୀର ନିଜ ଗାଁରେ ଗୁରୁବାର ପହଞ୍ଚି ଶେଷକୃତ୍ୟ ସରିଥିବାର ଇତିମଧ୍ୟରେ ୪ ଦିନ ବିତିଯାଇଥିଲେ ମଧ୍ୟ ମୃତକଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଆଜି ପର୍ଯ୍ୟନ୍ତ ମିଳିନାହିଁ। ଏମିତିକି ଶେଷକୃତ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମଧ୍ୟ ସହାୟତା ରାଶି ଦିଆଯାଇନଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଗ୍ରୀନବାଡ଼ି ସରପଞ୍ଚ ସୁନୀତା ପ୍ରଧାନ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ କହଁରଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ସ୍ତ୍ରୀକୁ ହତ୍ୟା କରି ନଦୀରେ ଫିଙ୍ଗିଦେଲା ସ୍ୱାମୀ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଅନୈତିକ ସମ୍ପର୍କ ସନ୍ଦେହରେ ଜଘନ୍ୟ କାଣ୍ଡ ଭିଆଇଛି ସ୍ୱାମୀ । ସ୍ତ୍ରୀକୁ ବୁଲିବାକୁ ଡାକି ନେଇ ହତ୍ୟା କରିବା ପରେ ଅଖାରେ ବାନ୍ଧି ନଦୀରେ ଫିଙ୍ଗି ଦେଇଛି । ଏମିତି ଅଭାବନୀୟ ଘଟଣା ଘଟିଛି ଗୁରୁଣ୍ଡିଆ ଥାନା ପଂକର୍ଡ଼ିହି ପଞ୍ଚାୟତ ଜଡ଼ା ଗ୍ରାମରେ । ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଲକ୍ଷ୍ମଣ ଓରାମକୁ ଅଟକ ରଖିଛି । ସ୍ତ୍ରୀକୁ ବୁଲିବାକୁ ଡାକି ନେଇ ହତ୍ୟା କରିବା ପରେ ଅଖାରେ ବାନ୍ଧି ନଦୀରେ ଫିଙ୍ଗି ଦେଇଛି । ମୃତ ମହିଳା ଜୟନ୍ତୀ କୁଜୁର ଅଙ୍ଗନବାଡି କର୍ମୀ ଥିଲେ । ଅଭିଯୁକ୍ତ ସ୍ୱାମୀର ବୟାନ ଅନୁଯାୟୀ, ପୋଲିସି ଲାଠିକଟା ଟିମଜୋର ନଦୀରେ ମୃତ ମହିଳାଙ୍କ ଅଖାବନ୍ଧା ଶବକୁ ଖୋଜୁଛି । ମୃତ ମହିଳା ଜୟନ୍ତୀ କୁଜୁର ଅଙ୍ଗନବାଡି କର୍ମୀ ଥିଲେ । ଅଭିଯୁକ୍ତ ସ୍ୱାମୀର ବୟାନ ଅନୁଯାୟୀ, ପୋଲିସ ଲାଠିକଟା ଟିମଜୋର ନଦୀରେ ମୃତ ମହିଳାଙ୍କ ଅଖାବନ୍ଧା ଶବକୁ ଖୋଜୁଛି ।



# ୧୪୦ ଲିଟର ମହୁଲି ମଦ ଜବତ:୨ ଗିରଫ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା କୁମୁଣ୍ଡ ଛକ ପାର୍ଶ୍ୱରେ ନିକଟରେ ୧୪୦ ଲିଟର ମଦ ଜବତ ହୋଇଥିବା ସହ ଦୁଇ ମଦ ବ୍ୟବସାୟୀଙ୍କୁ ଗିରଫ ହୋଇଥିବା ଖବର ମିଳିଛି । ଗିରଫ ହୋଇଥିବା ମଦ ବ୍ୟବସାୟୀମାନେ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର ଏନ.ସୌରାପଲ୍ଲୀ ଗ୍ରାମର ବିକ୍ରମ ଶବର ଓ ଜିତୁ ଜାନୀ । ଗତ ଶୁକ୍ରବାର ସନ୍ଧ୍ୟା ୬.୩୦ ମିନିଟ୍ ସମୟରେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲିଙ୍କ ନେତୃତ୍ୱରେ ଏଏସ୍‌ଆଇ ଛବିରାଣୀ ନାୟକ, ଏଏସ୍‌ଆଇ ପ୍ରଭାତ ବାଲିକାନା ଓ ତାଙ୍କ ପୋଲିସ୍ ଟିମ୍ ବେଆଇନ୍ ମହୁଲି ମଦ ଚାଲାଣ ହେଉଥିବାର ଖବରପାଇ ଚଢ଼ଉ କରିଥିଲେ । ଘଟଣାସ୍ଥଳରୁ ୧୪୦ ଲିଟର ମଦ, ଏକ ନମ୍ବର ବିହୀନ ବାଇକ୍‌କୁ ଜବତ କରିବା ସହ ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଥିବା ରମ୍ଭା ଥାନା ସୂତ୍ରରୁ ପ୍ରକାଶ । କେଶ୍ ନଂ:୫୬୯/୨୫ ମାମଲା ରୁଜୁ ହୋଇଥିବା ବେଳେ ଏଏସ୍‌ଆଇ ପ୍ରଭାତ କୁମାର ବାଲିକାନା ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ଡିଜିଟାଲ୍ କରେନ୍ସି ନେଇ ସଚେତନତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ଆନୁକୂଲ୍ୟରେ ଡିଜିଟାଲ୍ କରେନ୍ସି ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନାରେ ହିତାଧିକାରୀ ମାନଙ୍କୁ ସିବ୍‌ଡିସି କାର୍ଯ୍ୟକ୍ରମ ମାଧ୍ୟମରେ ଡିଜିଟାଲ୍



ଟଙ୍କା ପ୍ରଦାନ କରାଯିବା ସମ୍ପର୍କରେ ହିତାଧିକାରୀ ମାନଙ୍କୁ ସଚେତନତା କରାଇଥିଲେ । କାର୍ଯ୍ୟକ୍ରମରେ କଂସାର, ଓସ୍ତପୁର ପ୍ରଭୃତି ଅଞ୍ଚଳର ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ । ଆୟୋଜିତ ଏହି କାର୍ଯ୍ୟାକ୍ରମରେ ଏସ୍‌ବିଆଇର ଜଗନ୍ନାଥ ପଣ୍ଡା, ରାମେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ୪୬ ମିଶ୍ରଣ ସ୍କୁଲ୍ ଖୋଲିଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମିଶ୍ରଣ ସ୍କୁଲ୍ ଖୋଲିବା ନେଇ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ ପୂର୍ବରୁ ମିଶ୍ରଣ ହୋଇଥିବା ୪୬ ସ୍କୁଲ୍ ଖୋଲିଛି । ଆଗକୁ ଆଉ ୪ ସ୍କୁଲ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି । ୪୬ ସ୍କୁଲ୍ ମଧ୍ୟରୁ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨ଟି ଥିବାବେଳେ ଦେବଗଡ଼ରେ ୧୦ଟି ବରଗଡ଼ରେ ୭ଟି, ଯାଜପୁରରେ ୪ଟି ଓ ଖୋର୍ଦ୍ଧା ଜିଲ୍ଲାରେ ୩ ସ୍କୁଲ୍ ରହିଛି । ୭ ହଜାର ୭୫୧ ସ୍କୁଲ୍ ମିଶ୍ରଣ ନେଇ ଅନୁମୋଦନ ମିଳିଥିବା ବେଳେ ୫ ହଜାର ୬୩୦ ସ୍କୁଲ୍ ମିଶ୍ରଣ ହୋଇଛି ।

# ପାଇକ ବିଦ୍ରୋହକୁ ଏନ୍‌ସିଇଆର୍‌ଟି ଇତିହାସ ବହିରୁ ବାଦ୍ ଦେବା ଓଡ଼ିଶା ପ୍ରତି ଅପମାନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବହୁ ବାଦ ବିବାଦ ଓ ଉଦ୍ୟମ ଫଳରେ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବ୍ରିଟିଶ ବିରୋଧୀ ବିଦ୍ରୋହ ଓଡ଼ିଶାର ପାଇକ ବିଦ୍ରୋହକୁ ୨୦୧୭ ମସିହାରୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ୮ମ ଶ୍ରେଣୀର ଇତିହାସ ବହିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଦୁଃଖର କଥା ଗତ ସପ୍ତାହରେ ଏନ୍‌ସିଇଆର୍‌ଟି ତରଫରୁ ଯେଉଁ ନୂଆ ଇତିହାସ ବହି ଛପା ଯାଇଛି, ସେଥିରେ 'ଖୋର୍ଦ୍ଧାର ପାଇକ ବିଦ୍ରୋହ'କୁ କର୍ତ୍ତୃପକ୍ଷ ବାଦ୍ ଦେଇଛନ୍ତି। ଏହା ଓଡ଼ିଆ ଜାତି ପ୍ରତି ଏକ ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି। ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ୮ମ ଶ୍ରେଣୀର ଏନ୍‌ସିଇଆର୍‌ଟି ଇତିହାସ ବହିରେ ପୁନର୍ବାର ସ୍ଥାନ ଦେବା ଦାବିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓଡ଼ିଆପୁଅ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳମାନଙ୍କର ବିଦ୍ରୋହ ସେହି ଇତିହାସ ବହିରେ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ ଦେବା ବୀର ପାଇକ ମାନଙ୍କର ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ। ଓଡ଼ିଆ ଜାତିର ସ୍ୱାଭିମାନ ଦୃଷ୍ଟିରୁ ସେହି ବୀର ପାଇକମାନଙ୍କର ବଳିଦାନକୁ ପୁନଶ୍ଚ ଇତିହାସ ବହିରେ ସ୍ଥାନ ଦେବାକୁ ଶ୍ରୀ ବେହେରାଙ୍କ ସମେତ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ସର୍ବଶ୍ରୀ ଅରୁଣ ଜେନା, ନାରାୟଣ ଡାଲୁଆ, ସୁବାସ କୁମାର ତାରଣିଆଁ, ଗଣେଶ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ରାଜ୍ୟର ସାଂସଦମାନେ ଏହି ଘଟଣାକୁ ପୁନର୍ବାର ପାର୍ଲାମେଣ୍ଟରେ ଦାବି ଉପସ୍ଥାପନ କରିବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି ଏବଂ ରାଜ୍ୟର ସମସ୍ତ ରାଜନୈତିକ ଦଳ ଏହା ଉପରେ ଏକ୍‌ଜୁଟ୍ ହୋଇ ଶିକ୍ଷାମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ଶ୍ରୀ ବେହେରା ରାଜ୍ୟର ରାଜନୈତିକ ଦଳ, ପାଇକ ସଂଗଠନ ଓ ପାଇକମାନଙ୍କ ଦାୟାଦଙ୍କୁ ଅନୁରୋଧ କରିଛନ୍ତି।



# ଦୁର୍ବୃତ୍ତଙ୍କ ଜନବିରୋଧୀ କାର୍ଯ୍ୟ:ଗାଁ ନଳକୂପରେ ପକାଇଲେ ବିଷାକ୍ତ କୀଟନାଶକ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ଘୁନସର ଗ୍ରାମପଞ୍ଚାୟତର ପୁଟକେଲଚୁଆଁ ଗ୍ରାମର ତଳିପଡ଼ା ଓ ମଝିପଡ଼ା ଠାରେ ଥିବା ଦୁଇଟି ନଳକୂପରେ କେହି ଦୁର୍ବୃତ୍ତ ବିଷାକ୍ତ କୀଟନାଶକ ଔଷଧ ବିଞ୍ଚିଦେଇଥିବାରୁ ଦୁଇ ପଡ଼ାବାସି ଆଜି ଖାଇବା ପାଣି ପାଇଁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ପୁଟକେଲଚୁଆଁ ଗ୍ରାମର ତଳିପଡା ଓ ମଝିପଡାର ଦୁଇଟି ନଳକୂପରେ ଗତ ରାତିରେ କେହି ଦୁର୍ବୃତ୍ତ ଅତି ବିଷାକ୍ତ କୀଟନାଶକ ଔଷଧ ବିଞ୍ଚି ଦେଇଥିବା ବେଳେ ସକାଳୁ ଗାଁ ଲୋକେ ଦେଖି ଆର୍‌ଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ଖବର ଦେଇଥିଲେ । ଏନେଇ ଯନ୍ତ୍ରୀ ପଡ଼ାଲୋକଙ୍କୁ ନଳକୂପର ପାଣି ବ୍ୟବହାର ପାଇଁ ବାରଣ କରିବା ସହ ସନ୍ଦେହରେ ପାଣିକୁ ପରୀକ୍ଷଣ ପାଇଁ ପଠାଯାଇଥିବା ସୂଚନା ଦେଇଛନ୍ତି । ତେବେ ଖବରପାଇ ଏତେ ବଡ଼କାଣ୍ଡ କିଏ ଓ କଣ ପାଇଁ କୀଟନାଶକ ଔଷଧ ବିଞ୍ଚିଛି ସେନେଇ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରି ତଦନ୍ତ ଜାରି ରଖିଥିବା ପ୍ରକାଶ କରିଛନ୍ତି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୭।୨୦୨୫, ଶ୍ରାବଣ ଦି୭ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୮।୫୦ ଚନ୍ଦ୍ରୋଦୟ- ରାଘ ୩।୨୪।୧୨**

**ଦ୍ୱାଦଶୀ-** ପ୍ରାଘ ୭।୧୬ ପର୍ଯ୍ୟନ୍ତ ଗତେ ତ୍ରୟୋଦଶୀ କ୍ଷୟ । **ମୃଗଶିରା ନକ୍ଷତ୍ର-** ସଂଘ ୭।୨୫ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଦିଘ ୮।୧୫ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର। ଦିଘ ୮।୧୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ବିଛା ରାଶିର। ଦିଘ ୮।୧୫ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ପ୍ରାଘ ୭।୦୬ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୮ ଗତେ ଘ ୧୦।୩୫ ମଧ୍ୟେ । ଦିଘ ୪।୪୫ ଗତେ ଘ ୫।୩୧ ମଧ୍ୟେ ।


**ମେଷ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ। ମାଙ୍ଗଳିକ କାମ ସକାଶେ ଯାତ୍ରା କରିବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।


**ବୃଷ:** କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହୋଇପାରନ୍ତି। ରୋଜଗାର ଭଲ ହେବ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।


**ମିଥୁନ:** ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ଆର୍ଥିକ ସ୍ଥିତି ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ।


**କର୍କଟ:** ପାରିବାରିକ ସୁଖ ଅବ୍ୟାହତ ରହିବ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଧନ ଲାଭ ହେବ। ପରୋପକାରୀ ହେବେ। ସମସ୍ତ କାର୍ଯ୍ୟ ଆପଣଙ୍କର ସୁରୁଖୁରୁରେ ସମ୍ପାଦନ ହେବ। ଦେହ ଓ ମନ ଭଲ ରହିବ।


**ସିଂହ:** ଚାକିରୀ କ୍ଷେତ୍ରରେ କର୍ମତତ୍ପରତା ପ୍ରକାଶ ପାଇବ। ମାଲିମୋକଦ୍ଦମାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।


**କନ୍ୟା:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ଅଶାନ୍ତି ଦେଖାଦେବ। ବେପାର ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା।


**ତୁଳା:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ। କାର୍ଯ୍ୟକ୍ଷେତ୍ରରେ ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଆୟରେ ଉନ୍ନତି ଦେଖଦେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବାର ସୂଚନା। ଗୃହେ ଶାନ୍ତି ଲାଭ।


**ବିଛା:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସଫଳତା ଦେଖାଦେବ। ଖର୍ଚ୍ଚର ପରିମାଣ ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।


**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ। ମାଙ୍ଗଳିକ କାର୍ଯ୍ୟ ସହିତ ଦେବ ଦର୍ଶନର ସୁଯୋଗ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଖୁସିର ବାତାବରଣ ରହିବ। ମନ ଭଲ ରହିବ ।


**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ। ଶତ୍ରୁ ନାଶ ହେବେ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ପାଇ ଉପକୃତ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଗୃହେ ଆନନ୍ଦ ଦେଖାଦେବ। ଶରୀର ସୁସ୍ଥ ରହିବ।


**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହୋଇପାରନ୍ତି। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ମନ ଅସ୍ଥିର ରହିବ।


**ମୀନ:** ଅନେକ କ୍ଷେତ୍ରରେ ବିଜୟୀ ହେବେ। ଅଟକି ରହିଥିବା କାମ ଆରମ୍ଭ ହେବ। ରୋଜଗାର ଭଲ ହେବ। ଆଜି ବନ୍ଧୁ ମିଳନ ହେତୁ ଆନନ୍ଦ ଆସିବ। ପାରିବାରିକ ଜୀବନ ସୁଖମୟ ହେବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୭।୨୦୨୫, ଶ୍ରାବଣ ଦି୮ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୯।୧୨ ଚନ୍ଦ୍ରୋଦୟ- ନିଘ ୪।୩୦।୦୬**

**ଚତୁର୍ଦ୍ଦଶୀ-** ରାଘ ୨।୨୯ ପର୍ଯ୍ୟନ୍ତ। **ଆର୍ଦ୍ରା ନକ୍ଷତ୍ର-** ସଂଘ ୫।୫୪ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୨।୨୯ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଘ ୭।୦୭ ମଧ୍ୟେ । ଦିଘ ୨।୦୩ ଗତେ ଘ ୫।୩୧ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା, ଲୋକମାନ୍ୟ ତିଳକ ଜୟନ୍ତୀ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପ୍ରଦୂଷଣ ହ୍ରାସରୁ ବିଶ୍ୱରେ ବଢୁଛି ତାପମାତ୍ରା

ପ୍ରାୟ ୧୦ ବର୍ଷ ତଳେ ଚୀନ୍‌ରୁ ଅନେକ ଫଟୋ ଓ ଭିଡିଓ ସାମ୍ନାକୁ ଆସିଲା, ଯେଉଁଥିରେ ଲୋକଙ୍କୁ ପ୍ରଦୂଷଣକୁ ନେଇ ଚିନ୍ତିତ ଥିବା ଦେଖିବାକୁ ମିଳିଲା । ଶୀତଦିନେ ସ୍ଥିତି ଆହୁରି ଖରାପ ହେଉଥିଲା। ଇତିମଧ୍ୟରେ ସରକାର ଅନେକ ନିୟମ ଲାଗୁ କଲେ । କୋଇଲା ଚାଳିତ କାରଖାନାଠୁ ଆରମ୍ଭ କରି ଗାଡ଼ି ଉପରେ କଠୋର ନିୟମ ଲାଗୁ ହେଲା । ଫଳରେ ୨୦୧୦ରୁ ୧୦ ବର୍ଷ ମଧ୍ୟରେ ସେଠାରେ ବିଷାକ୍ତ ଗ୍ୟାସ୍ ନିର୍ଗମନ ମାତ୍ରା ଖୁବ୍ କମିଗଲା । କିନ୍ତୁ ଏହି ସଫେଇ ପଦକ୍ଷେପ ସୂର୍ଯ୍ୟର ଉତ୍ତାପକୁ ରୋକୁଥିବା ସେହି ସ୍ତରକୁ ହଟାଇଦେଲା । ଅର୍ଥାତ୍ ବିଶ୍ୱ ଉତ୍ତାପନ ବଢ଼ିଲା। ପ୍ରଦୂଷଣ କମିଲେ ଉତ୍ତାପ କେମିତି ବଢ଼େ, ତାହା ବୁଝିବା ପୂର୍ବରୁ ସଦ୍ୟ ଅଧ୍ୟୟନ ବିଷୟରେ ଜାଣିବା ଆବଶ୍ୟକ । କମ୍ୟୁନିକେସନ୍ସ ଆର୍ଥ୍ ଆଣ୍ଡ ଏନ୍‌ଭିରନ୍‌ମେଣ୍ଟ ନାମକ ଅନ୍ତର୍ଜାତୀୟ ବିଜ୍ଞାନ ପତ୍ରିକାରେ ଏକ ସଦ୍ୟ ଅଧ୍ୟୟନ ପ୍ରକାଶ ପାଇଛି । ଅଧ୍ୟୟନ ଅନୁସାରେ, ବିଶ୍ୱ ଉତ୍ତାପନରେ ବର୍ତ୍ତମାନ ଯେଉଁ ବୃଦ୍ଧି ପରିଲକ୍ଷିତ ହେଉଛି, ପୂର୍ବ ଏସିଆରେ ସ୍ୱଚ୍ଛତା ମଧ୍ୟ ଏଥିପାଇଁ ଦାୟୀ। ଅଧ୍ୟୟନରେ ଆମେରିକା, ନରୱେ ଓ ବ୍ରିଟେନର ବୈଜ୍ଞାନିକମାନେ ମିଳିତ ଭାବେ କାମ କରିଛନ୍ତି । ସେମାନେ ଜାଣିବାକୁ ପାଇଛନ୍ତି, ୨୦୧୦ରୁ ପରବର୍ତ୍ତୀ ଦଶନ୍ଧିରେ ପୃଥିବୀର ହାରାହାରି ତାପମାତ୍ରା ୦.୨୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ିବା କଥା । କିନ୍ତୁ ପ୍ରକୃତରେ ତାପମାତ୍ରା ୦.୩୩ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଗଲା । ଏହି ଅନ୍ତର ପଢ଼ିବା ଓ ଶୁଣିବା ପାଇଁ କମ୍ ମନେ ହେଉଥାଇପାରେ। କିନ୍ତୁ ବିଶ୍ୱସ୍ତରରେ ବହୁତ ଅଧିକ । ଏହି ବର୍ଦ୍ଧିତ ଗ୍ରାଫ୍‌ରୁ ପ୍ରାୟ ୦.୦୭ ଡିଗ୍ରୀ ଉତ୍ତାପ କେବଳ ପୂର୍ବ ଏସିଆର ସ୍ୱଚ୍ଛ ବାୟୁ ଯୋଗୁ ବଢ଼ିଛି । ଅର୍ଥାତ୍ ବାୟୁକୁ ସ୍ୱଚ୍ଛ କରିବାର ପ୍ରୟାସ ଅଜାଣତରେ ବିଶ୍ୱକୁ ଆହୁରି ଉତ୍ତପ୍ତ କରିଛି । କିନ୍ତୁ ଚୀନ୍ ଏମିତି କ'ଣ କଲା ପ୍ରଦୂଷଣକୁ ନେଇ ନିରନ୍ତର ଚାଲିଥିବା ହୋ-ହଲ୍ଲା ମଧ୍ୟରେ ବେଜିଂ ନିଜର କାରଖାନା, ବିଜୁଳିଘର ଓ ଗାଡ଼ିରୁ ହେଉଥିବା ପ୍ରଦୂଷଣ ରୋକିବା ଉପରେ ଧ୍ୟାନ ଦେଲା। ଖାସ୍‌କରି ସଲ୍‌ଫର ଡାଇଅକ୍ସାଇଡ୍ ନାମକ ଗ୍ୟାସ୍‌କୁ କମାଇବା ଉପରେ ଫୋକସ୍ କଲା, ଯାହା ବାୟୁ ପ୍ରଦୂଷଣର ବଡ଼ କାରଣ । କୋଇଲାରୁ ପରିଚାଳିତ ପ୍ଲାଣ୍ଟଗୁଡ଼ିକୁ ବନ୍ଦ କରାଗଲା । କାରଖାନା ପାଇଁ କଡ଼ା ନିୟମ ଲାଗୁ ହେଲା । ଏହା ଦ୍ୱାରା ବାୟୁ ପରିଷ୍କାର ହେବାକୁ ଲାଗିଲା। କିନ୍ତୁ ବିଶ୍ୱ ଉପରେ ଏହାର ଓଲଟା ପ୍ରଭାବ ପଡ଼ିଲା । ବାୟୁରେ ଉପସ୍ଥିତ ସଲଫର ଡାଇଅକ୍ସାଇଡ୍‌ର କଣିକାକୁ ଏରୋସୋଲ୍ ମଧ୍ୟ କୁହାଯାଏ । ସୂର୍ଯ୍ୟର ଉତ୍ତାପ ଏହି କଣିକାରେ ବାଜି ପୁଣି ଫେରିଯାଏ । ଏହା ଦ୍ୱାରା ପୃଥିବୀରେ ସୂର୍ଯ୍ୟର ସେହି ତାପମାତ୍ରା ପହଞ୍ଚିପାରେ ନାହିଁ । ଚୀନ୍ ଯେତେବେଳେ ବାୟୁରୁ ଏରୋସୋଲ୍ ହଟାଇଦେଲା, ପରଦା ହଟିବାରୁ ଉତ୍ତାପ ସିଧା ତଳକୁ ପହଞ୍ଚିଲା। ବିଶ୍ୱ ତାପମାତ୍ରାରେ ଅତିରିକ୍ତ ବୃଦ୍ଧିରେ କେବଳ ଚୀନ୍ ନୁହେଁ, ଜାପାନ, ଦକ୍ଷିଣ କୋରିଆ ଭଳି ଦେଶ ମଧ୍ୟ ସାମିଲ। ଏ ସମସ୍ତ ଦେଶ ମିଶି ସୋଲାର ଜିଓଇଞ୍ଜିନିୟରିଙ୍ଗ କରୁଛନ୍ତି । ଏହାର ଅର୍ଥ ଜାଣିଶୁଣି ବାୟୁରେ ଏଭଳି କଣିକା(ଏରୋସୋଲ୍) ଛାଡ଼ିବା, ଯାହା ସୂର୍ଯ୍ୟ ରଶ୍ମିକୁ ଫେରାଇଦେବ। ଆଗ୍ନେୟଗିରି ବିସ୍ଫୋରଣକୁ ଦେଖି ଏହି ବିଚାର ସେମାନଙ୍କ ମନକୁ ଆସିଲା। ଯେତେବେଳେ କୌଣସି ବଡ଼ ବିସ୍ଫୋରଣ ହୁଏ, ଆଖପାଖରେ ଧୂଳି ଓ ଧୂଆଁ ବ୍ୟାପିଯାଏ। ଏହା ପରେ ଉକ୍ତ କ୍ଷେତ୍ରର ତାପମାତ୍ରା ବହୁତ ଦିନ ପର୍ଯ୍ୟନ୍ତ କମ୍ ରହେ । ଏଥିରୁ ଉପରୋକ୍ତ ଦେଶ ସୋଲାର ଜିଓଇଞ୍ଜିନିୟରିଙ୍ଗ୍‌ର ବିଚାର ପାଇଲେ। ଏହି ବିଚାରକୁ ନେଇ ୨୦୨୨ରେ ମେକ୍ସିକୋରେ ସବୁଠୁ ବଡ଼ ପ୍ରୟୋଗ ହେଲା । ଏକ ଆମେରିକୀୟ କମ୍ପାନି ତାପମାତ୍ରା ହ୍ରାସ କରିବା ଲାଗି ଚୁପ୍‌ଚାପ୍ ବାୟୁରେ ସଲ୍‌ଫର ଡାଇଅକ୍ସାଇଡ୍‌ପୂର୍ଣ୍ଣ ବେଲୁନ୍ ଛାଡ଼ିଲା । କିନ୍ତୁ ମାମଲା ସାମ୍ନାକୁ ଆସିବା ପରେ ହଙ୍ଗାମା ହେଲା । ମେକ୍ସିକୋର ବୈଜ୍ଞାନିକମାନେ ବିରୋଧ କଲେ । ଏରୋସୋଲ୍‌ର ସନ୍ତୁଳନ ବିଗିଡ଼ିଲେ, ଭୟଙ୍କର ବର୍ଷା-ମରୁଡ଼ି କିମ୍ବା ଅତିଶୟ ଥଣ୍ଡା ଭଳି ଅନେକ ଚରମ ସ୍ଥିତି ଉପୁଜିବ ବୋଲି ଚେତାବନୀ ଦେଲେ । ଶେଷରେ କମ୍ପାନି ପ୍ରୟୋଗକୁ ବନ୍ଦ କରିଦେଲା । କିନ୍ତୁ ବିଶ୍ୱ ଉତ୍ତାପନକୁ ରୋକିବା ପାଇଁ ଏହି ନୂଆ କୌଶଳ ଚର୍ଚ୍ଚାକୁ ଆସିଲା । ବାୟୁ ପ୍ରଦୂଷଣକୁ ହ୍ରାସ କରିବାର ଏହି ଉପାୟ ଭୁଲ ନୁହେଁ । କିନ୍ତୁ ସଲ୍‌ଫର ଡାଇଅକ୍ସାଇଡ୍ ସହିତ କାର୍ବନ୍ ଡାଇଅକ୍ସାଇଡ୍ ଓ ଅନ୍ୟ ଗ୍ରୀନ୍ ହାଉସ୍ ଗ୍ୟାସ୍‌ଗୁଡ଼ିକୁ ମଧ୍ୟ କମାଇବା ଜରୁରି, ଯାହା ଯୋଗୁ ବିଶ୍ୱ ତାପନ ବଢୁଛି ।

# ଓବିସି କମିଶନ ଓ ଏହାର ସୁପାରିଶ୍



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଦେଶରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) କଥା ବିଭିନ୍ନ କ୍ଷେତ୍ରରେ ଯେତେବେଳେ ଚର୍ଚ୍ଚାକୁ ଆସେ ସେ ସମୟରେ ମଣ୍ଡଳ ଆୟୋଗ କଥା ମଧ୍ୟ ଚର୍ଚ୍ଚାକୁ ଆସେ। ଏହା ପୂର୍ବରୁ ସ୍ୱାଧୀନତା ପ୍ରାପ୍ତିର ଅଳ୍ପଦିନ ପରେ ଏମାନଙ୍କ ପାଇଁ ଯେଉଁ ପ୍ରଥମ ଆୟୋଗ ଗଠିତ ହୋଇଥିଲା ସେ ବିଷୟରେ ଖୁବ୍ କମ୍ ଚର୍ଚ୍ଚା ହୁଏ। ଏହି ଆୟୋଗ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ବସିଥିଲା। ତାଙ୍କରି ନାମ ଅନୁସାରେ ଏହା କାଲେଲକର କମିଶନ ବା ଆୟୋଗ ଭାବେ ପରିଚିତ। ଏହି ଆୟୋଗ ୨୯ ଜାନୁଆରୀ ୧୯୫୩ ମସିହାରେ ଗଠିତ ହୋଇଥିଲା ଓ ଏହା ୩୦ ମାର୍ଚ୍ଚ ୧୯୫୫ ମସିହାରେ ନିଜର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲା। କାକା କାଲେଲକର ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସାମ୍ବାଦିକ ଓ ଦାର୍ଶନିକ। ଓବିସିମାନଙ୍କ ବିକାଶ ପାଇଁ ସେ ଯେଉଁ ସୁପାରୀଶମାନ କରିଥିଲେ ସେଗୁଡିକ ଆଜିବି ଅନୁଧ୍ୟାନର ବିଷୟ। ସେ ସମୟରେ କେନ୍ଦ୍ର ସରକାର ଏହାର ସୁପାରୀଶକୁ କାର୍ଯ୍ୟକାରୀ ନକରି ଫାଇଲ ଭିତରେ ରଖିଦେଇ ଥିଲେ।

ଏହି ଆୟୋଗ ସମଗ୍ର ଦେଶର ଅନ୍ୟାନ୍ୟ ଅନଗ୍ରସର ଜାତି ସମୂହକୁ, ଏସଟି ଓ ଏସସିଙ୍କୁ ଛାଡି, ସେମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପୂର୍ବକ ଓବିସିମାନଙ୍କ ଏକ ଜାତି ତାଲିକା ପ୍ରସ୍ତୁତ କରିଥିଲେ। କମିଶନ ମୋଟ ୨୩୯୯ ଜାତିକୁ ଓବିସି ଭାବେ ଚିହ୍ନିତ କରିଥିଲେ। ଏଗୁଡିକ ମଧ୍ୟରୁ ୮୩୭ ଟି ଜାତିକୁ ଅତ୍ୟନ୍ତ ପଛୁଆ ବର୍ଗ ଭାବେ ଚିହ୍ନଟ କରିଥିଲେ। ଏହି କମିଶନଙ୍କ ରିପୋର୍ଟର ଉଲ୍ଲେଖନୀୟ ବିଷୟ ଥିଲା ଯେ ଏହା ସମଗ୍ର ନାରୀ ସମାଜକୁ ଓବିସିର ଅନ୍ତର୍ଭୁକ୍ତ କରିଥିଲା। ଆୟୋଗ ସମାଜରେ ଥିବା ଉଭୟ ଜାତିଗତ ଓ ଲିଙ୍ଗଗତ ବୈଷ୍ୟମତାକୁ ଅନୁଧ୍ୟାନ କରିଥିଲା। ବିଭିନ୍ନ ଜାତିର ସାମାଜିକ ସ୍ଥିତି ଓ ଆର୍ଥିକ ଅବସ୍ଥାକୁ ଗଭୀରଭାବେ ବିଶ୍ଳେଷଣ କରିଥିଲା। ସମସ୍ତ ଜାତିରେ ନାରୀମାନେ ପୁରୁଷ ତୁଲ୍ୟ ସମାନ ମର୍ଯ୍ୟାଦା ପାଆନ୍ତି ନାହିଁ। ଏମାନଙ୍କୁ ଶିକ୍ଷା, ସମ୍ପତ୍ତି ଓ ବୃତ୍ତିଗତ ଅଧିକାରରୁ ବଞ୍ଚିତ କରାଯାଏ। ତେଣୁ ଆୟୋଗ ସମଗ୍ର ନାରୀ ସମାଜର ବିକାଶ କଥା ଚିନ୍ତାକରି ତାଙ୍କୁ ଓବିସି ତାଲିକାରେ ରଖିଥିଲା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏହା ପୂର୍ବରୁ ଡ. ଆମ୍ବେଦକର ହିନ୍ଦୁ ସମାଜରେ ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ ପାଇଁ ସୁପ୍ରସିଦ୍ଧ ହିନ୍ଦୁ କୋଡ଼ ବିଲ୍ ପାର୍ଲିଆମେଣ୍ଟରେ ଆଗତ କରିଥିଲେ। ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଥିଲା। ଜଣେ ସମାଜ ସଂସ୍କାରକଭାବେ କାକା କାଲେଲକର ଏହାକୁ ସମର୍ଥନ କରୁଥିଲେ। କିନ୍ତୁ ରକ୍ଷଣଶୀଳଙ୍କ ପ୍ରବଳ ବିରୋଧ ଯୋଗୁଁ ହିନ୍ଦୁ କୋଡ଼ ବିଲ୍ ଗୃହୀତ ହୋଇପାରିଲା ନାହିଁ। ଯେଉଁଥି ପାଇଁ ଡ. ଆମ୍ବେଦକର ନେହେରୁଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ। ଏ ଘଟଣା ପ୍ରବାହ ଆୟୋଗଙ୍କ ରିପୋର୍ଟକୁ ପ୍ରଭାବିତ କରିଥିଲା। ଆୟୋଗ ନାରୀମାନଙ୍କ ବିକାଶ କଥା ଚିନ୍ତା କରିଥିଲା ଓ ତାଙ୍କୁ ଓବିସିର ଅନ୍ତର୍ଗତ କରିଥିଲା। ନାରୀ ସମାଜକୁ ଏକକ ଅନଗ୍ରସର ଜାତିଭାବେ ଗ୍ରହଣ କରିଥିଲା।

ହିନ୍ଦୁ ସମାଜରେ କେତେକ ଜାତ ଅସ୍ପୃଶ୍ୟ ନୁହଁନ୍ତି, କିନ୍ତୁ ସାମାଜିକ ସୋପାନରେ ତଳ ସ୍ତରର ବୋଲି ବିବେଚିତ ହୁଅନ୍ତି। ଏହାକୁ ଆଧାରକରି ତାଙ୍କର ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ବିଚାର ପୂର୍ବକ ଓବିସି ତାଲିକା ଆୟୋଗ ପ୍ରସ୍ତୁତ କରିଥିଲା। ଅଗ୍ରସର ଜାତିସମୂହ ତୁଲ୍ୟ ଏମାନଙ୍କୁ ସମାନ ମର୍ଯ୍ୟାଦା ଓ ସମ୍ମାନ ମିଳେ ନାହିଁ। ଏମାନେ ମଧ୍ୟ ଭେଦଭାବର ଶୀକାର ହୁଅନ୍ତି। ଏମାନେ ପ୍ରାୟ ସମସ୍ତେ କୌଳିକ ବୃତ୍ତି ଉପରେ ନିର୍ଭରଶୀଳ ହୋଇଥାନ୍ତି। ଶାରୀରିକ ଶ୍ରମ ଏମାନଙ୍କ ସମ୍ପଦ। ଏହି ଜାତିମାନଙ୍କ ଭିତରେ ଯେଉଁମାନେ ସାମାନ୍ୟ ସ୍ୱଚ୍ଛଳ ଥାଆନ୍ତି ସେମାନେ ସାମାଜିକ ଭାବେ ଉଚ୍ଚ ବୋଲି ପରିଗଣିତ ହୁଅନ୍ତି ନାହିଁ। ଜାତି ଯୋଗୁଁ ତାଙ୍କୁ ମଧ୍ୟ ତିରସ୍କାର ସହିବାକୁ ପଡେ। ତେଣୁ ଆୟୋଗ ଜାତି ଆଧାରରେ ଓବିସିମାନଙ୍କ ବିକାଶ ପାଇଁ ସୁପାରୀଶ କରିଥିଲା। ଉଦ୍ଦେଶ୍ୟ ଥିଲା ଓବିସି ଜାତିମାନଙ୍କ ବିକାଶ ସମତାଭିତ୍ତିକ ସମାଜ ଗଠନରେ ସହାୟକ ହେବ। ଏମାନେବି ଅଗ୍ରସର ଜାତିମାନଙ୍କ ସମକକ୍ଷ ହେବେ। ଫଳରେ ଜାତିଗତ ବୈଷମ୍ୟ ଦୂର ହେବ।

କାଲେଲକର ଆୟୋଗ ଯେଉଁ ସମସ୍ତ ସୁପାରୀଶ କରିଥିଲା ସେଗୁଡିକ ନିମ୍ନମତେ ଉଲ୍ଲେଖଯୋଗ୍ୟ। ଆୟୋଗ ସୁପାରୀଶ କରିଥିଲା ପରବର୍ତ୍ତୀ ଜନଗଣନା ଅର୍ଥାତ୍ ୧୯୬୧ ମସିହା ଜନଗଣନା ଜାତିଭିତ୍ତିକ କରାଯାଇ ପ୍ରତ୍ୟେକ ଜାତିର ସ୍ଥିତି ଜାଣିବା ସହିତ ଓବିସିଙ୍କ ପ୍ରକୃତ ସଂଖ୍ୟାର ଆକଳନ କରିବା। ପ୍ରତ୍ୟେକ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ଓବିସି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶତକଡା ୭୦ ଭାଗ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିବା। ଚାକିରୀ କ୍ଷେତ୍ରରେ ବିଭିନ୍ନ ହାରରେ ସଂରକ୍ଷଣ ଦେବାକୁ ଆୟୋଗ ସୁପାରୀଶ କରିଥିଲା। ପ୍ରଥମ ଶ୍ରେଣୀ ଚାକିରୀ ପାଇଁ ୨୫%, ଦ୍ୱିତୀୟ ଶ୍ରେଣୀ ଚାକିରୀ ପାଇଁ ୩୩.୫% ଏବଂ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଚାକିରୀ ପାଇଁ ୪୦% ସଂରକ୍ଷଣ ଦେବାକୁ ସୁପାରୀଶ କରିଥିଲା। ଏହା ସହିତ ଏମାନଙ୍କ ବିକାଶ ପାଇଁ ଅନେକ ଗୁଡିଏ ଯୋଜନା କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲା।

ସେ ସମୟର ନେତୃ ମଣ୍ଡଳୀ ହୁଏତ ଚିନ୍ତା କରିଥିଲେ ଯେ ଏହି ରିପୋର୍ଟକୁ କାର୍ଯ୍ୟକାରୀ କଲେ ଜାତିବାଦ ଆହୁରି ବଢ଼ିବ। ବରଂ ଏହାକୁ କର୍ଯ୍ୟକାରୀ ନକଲେ ଦେଶରୁ ଜାତି ଆସ୍ତେ ଆସ୍ତେ ଆପେ ହଟିଯିବ। କିନ୍ତୁ ଏହା ଭୁଲ ଆକଳନ ଥିଲା। ଏ ରିପୋର୍ଟ କାର୍ଯ୍ୟକାରୀ ହେଲା ନାହିଁ ତଥାପି ଜାତିବାଦ କମିଲା ନାହିଁ। ତେଣୁ କମିଶନ ଯାହା ଚିନ୍ତା କରିଥିଲେ ତାହା ଠିକ୍ ଥିଲା ଯେ ଅନଗ୍ରସର ଜାତି ସମୂହର ଆର୍ଥିକ, ଶିକ୍ଷାଗତ, ସାମାଜିକ ଓ ରାଜନୈତିକ ଚେତନାର ବିକାଶ ଜାତିବାଦକୁ ହଟାଇବାରେ ସହାୟକ ହେବ। ଏଥି ପାଇଁ ସଂରକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି। କାରଣ ଜାତିକୁ ନେଇ ସୁବିଧା ସୁଯୋଗ ଉପଭୋଗ କରୁଥିବା ଗୋଷ୍ଠୀ ସହଜରେ ଜାତିକୁ ହଟାଇବାକୁ ଦେବେ ନାହିଁ। ଏହାକୁ ଧର୍ମ ଓ ସଂସ୍କୃତିର ଲେପଦେଇ ବଞ୍ଚାଇ ରଖିବାକୁ ଚାହିଁବେ।

୧୯୭୭ ମସିହାରେ କେନ୍ଦ୍ରରେ ଜନତା ପାର୍ଟି ସରକାର ଗଠିତ ହୁଏ। ଶ୍ରୀ ମୋରାରଜୀ ଦେଶାଇ ଦେଶର ପ୍ରଧାନମନ୍ତ୍ରୀ ବନନ୍ତି। ଏହା ଏକ ପ୍ରତିକ୍ରିୟାଶୀଳ ସରକାର ଥିଲା। ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନର ଫଳ ସ୍ୱରୂପ ଏ ସରକାର କ୍ଷମତାକୁ ଆସିଥିଲା। ଭ୍ରଷ୍ଟାଚାର ହଟାଇବା ଓ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ସ୍ଥାପନ ଏ ସରକାରର ମୁଖ୍ୟ ଆଭିମୁଖ୍ୟ ଥିଲା। ଏହା ସହିତ ସରକାରର ଏକ ବଡ ଅଂଶୀଦାର ସାମାଜିକ ପରିବର୍ତ୍ତନର ସମର୍ଥକ ଥିଲା। ଯେଉଁମାନେ ସମାଜବାଦୀ ବିଚାରଧାରାର ଥିଲେ ଓ ସାମାଜିକ ବିକାଶ ପାଇଁ ସମାଜର ତଳ ସ୍ତରର ଜାତିମାନଙ୍କ ବିକାଶ ବିନା ସମାଜବାଦ ଅସମ୍ଭବ ବୋଲି ବୁଝୁଥିଲେ। ଅନ୍ୟାନ୍ୟ ପଛୁଆ ବର୍ଗଙ୍କ ବିକାଶ ପାଇଁ କାକା କାଲେଲକର ଆୟୋଗର ସୁପାରୀଶକୁ କାର୍ଯ୍ୟକାରୀ ନକରିବାର କ୍ଷୋଭ ସମାଜବାଦୀଙ୍କ ଭିତରେ ଥିଲା। ଏମାନଙ୍କ ବିଶ୍ୱାସ ଥିଲା ଯେ ସମାଜର ଏକ ବଡ ଅଂଶ ଦେଶର ବିକାଶରେ ଭାଗୀଦାର ହୋଇପାରୁ ନାହାଁନ୍ତି। ଯାହାର ପ୍ରଭାବ ମୋରାରଜୀ ଦେଶାଇଙ୍କ ସରକାରରେ ଅନୁଭୂତ ହୋଇଥିଲା।

ଜନତା ପାର୍ଟି ସରକାର ଅନ୍ୟାନ୍ୟ ପଛୁଆ ବର୍ଗ ଉପରେ ଅନୁଧ୍ୟାନ କରିବା ପାଇଁ ଦ୍ୱିତୀୟ ଆୟୋଗ ବସାଇଥିଲେ, ପ୍ରଥମ ଜାନୁଆରୀ ୧୯୭୯ ମସିହାରେ। ଏହାର ଅଧ୍ୟକ୍ଷ ଥିଲେ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳ। ସେ ଥିଲେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ସାମାଜିକ ବିକାଶ ଆନ୍ଦୋଳନର ଅନ୍ୟତମ ପୁରୋଧା। ତାଙ୍କରି ନାମ ଅନୁସାରେ ଏହା ମଣ୍ଡଳ କମିଶନ ବା ଆୟୋଗ ଭାବେ ଖ୍ୟାତ। ଏହି ଆୟୋଗ ତାର ରିପୋର୍ଟ ୩୧ ଡିସେମ୍ବର ୧୯୮୦ ମସିହାରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲା। ଏହାର ବହୁ ପୂର୍ବରୁ ଜନତା ପାର୍ଟି ସରକାର ଭାଙ୍ଗିଯାଇ ଥିଲା ଓ ନୂଆ କଂଗ୍ରେସ ସରକାର ଆସି ଯାଇଥିଲା। ମଣ୍ଡଳ ଆୟୋଗ ଏସଟି ଓ ଏସସି ବାଦେ ଅନ୍ୟାନ୍ୟ ସାମାଜିକ ଅନଗ୍ରସର ଜାତିମାନଙ୍କ ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାକୁ ଅନୁଧ୍ୟାନ କରିଥିଲା ଏବଂ ଏମାନଙ୍କ ଜାତି ତାଲିକା ପ୍ରସ୍ତୁତ କରିଥିଲା। ଆୟୋଗ ସେ ସମୟରେ ୩୭୪୩ ଟି ଜାତିକୁ ଓବିସି ଭାବେ ଚିହ୍ନଟ କରିଥିଲା। ଏବେ ଏହା ବୃଦ୍ଧିପାଇ ୫୦୧୩ ଜାତିରେ ପହଞ୍ଚିଛି। ଓଡ଼ିଶାର ୧୯୭ ଟି ଜାତି ଏହାର ଅନ୍ତର୍ଗତ ଅଟେ। ଆୟୋଗ ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନାକୁ ଆଧାର କରି ଦେଶରେ ଶତକଡା ୫୨% ଓବିସି ରହିଛନ୍ତି ବୋଲି ଉଲ୍ଲେଖ କରିଥିଲା।

ମଣ୍ଡଳ ଆୟୋଗ ତାଙ୍କ ସୁପାରୀଶରେ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଓବିସିମାନଙ୍କ ପାଇଁ ଶତକଡ଼ା ୨୭ ଭାଗ ସଂରକ୍ଷଣ ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। ଶତକଡା ୫୨ ଭାଗ ଓବିସିଙ୍କ ପାଇଁ ଶତକଡା ୨୭ ଭାଗ ସଂରକ୍ଷଣ ସଂଖ୍ୟାନୁପାତିକ ନଥିଲା। ଏହାର କାରଣ ଆୟୋଗ ସଂରକ୍ଷଣ ସୀମାକୁ ଶତକଡା ୫୦ ଭାଗ ମଧ୍ୟରେ ସୀମିତ ରଖିବାକୁ ଚାହିଁଥିଲା। ସଂରକ୍ଷଣ ହାର ଅଧିକ ହୋଇଥିଲେ ଏହାକୁ ସର୍ବୋଚ୍ଚ ନ୍ୟାୟାଳୟ ନାକଚ କରିଦେବାର ସମ୍ଭାବନା ଥିଲା। ପୂର୍ବରୁ ଏସଟି ଓ ଏସସି ପାଇଁ ସଂରକ୍ଷଣ ୨୨.୫% ଥିଲା। ତେଣୁ ୫୦% ଭିତରେ ଅବଶିଷ୍ଟ ୨୭% ସଂରକ୍ଷଣ ଓବିସିଙ୍କୁ ପ୍ରଦାନ ପାଇଁ ଆୟୋଗ ସୁପାରୀଶ କରିଥିଲା। ଆୟୋଗ ରାଜନୈତିକ ସଂରକ୍ଷଣ ପାଇଁ ସୁପାରୀଶ କରିନଥିଲା। ଓବିସିଙ୍କ ବିକାଶ ପାଇଁ ଅନେକ ଗୁଡିଏ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲା। ଆୟୋଗଙ୍କ ମୂଳ ଭାବନା ଥିଲା ଦେଶରେ ସାମାଜିକ ସମତା ପ୍ରତିଷ୍ଠା କରିବା ଓ ଜାତିଗତ ଆଧିପତ୍ୟକୁ ସମାପ୍ତ କରିବା।

ତତ୍‌କାଳୀନ ସରକାର ମଣ୍ଡଳ ଆୟୋଗ ରିପୋର୍ଟକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ଦେଖାଇଲେ ନାହିଁ। କାଲେଲକର ରିପୋର୍ଟ ଭଳିଆ ଏହା ମଧ୍ୟ ଫାଇଲ ଭିତରେ ବନ୍ଧାହୋଇ ରହିଗଲା। ପୁଣି ଚାଲିଗଲା ଦଶବର୍ଷ। ୧୯୮୮ ମସିହାରେ ଗଢାହେଲା ନୂତନ ପାର୍ଟି ଜନତା ଦଳ। ଏହାର ନେତୃତ୍ୱରେ ପୁଣି ଅଣକଂଗ୍ରେସ ଓ ଅଣବିଜେପିକୁ ନେଇ ଗଢା ହେଲା ନେସନାଲ ଫ୍ରଣ୍ଟ। ଏହା ତାର ନିର୍ବାଚନ ଇସ୍ତାହାରରେ ରଖିଲା ମଣ୍ଡଳ ଆୟୋଗ ରିପୋର୍ଟକୁ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି। ୧୯୮୯ ନିର୍ବାଚନରେ ଏହା ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିଲା ନାହିଁ। ତେଣୁ ବାମପନ୍ଥୀ ଓ ବିଜେପିର ସମର୍ଥନରେ ନେସନାଲ ଫ୍ରଣ୍ଟ ସରକାର ଗଠନ ହେଲା। ଶ୍ରୀଯୁକ୍ତ ବିଶ୍ୱନାଥ ପ୍ରତାପ ସିଂ ହେଲେ ଭାରତବର୍ଷର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ। ନିର୍ବାଚନୀ ଇସ୍ତାହାର ମୁତାବକ ସେ ୭ ଅଗଷ୍ଟ ୧୯୯୦ ମସିହାରେ ଘୋଷଣା କଲେ ମଣ୍ଡଳ ଆୟୋଗ ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ। ଅର୍ଥାତ୍ ଚାକିରୀ କ୍ଷେତ୍ରରେ ଓବିସିଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ।

ମଣ୍ଡଳ ଆୟୋଗ ରିପୋର୍ଟର କାର୍ଯ୍ୟକାରିତାକୁ ନେଇ ଚାରିଆଡ଼େ ପ୍ରତିବାଦର ସ୍ୱର ଉଠିଲା। ଅନେକାଂଶରେ ଏହା ବିରୋଧି ରାଜନୈତିକ ଦଳମାନଙ୍କ ପ୍ରାୟୋଜିତ ଥିଲା। ପଛରେ ଥାଇ ରାଜନୈତିକ ଦଳମାନେ ଇନ୍ଧନ ଯୋଗାଇଲେ। ପୋଡାଜଳା ଓ ଭଙ୍ଗାରୁଜା ଆରମ୍ଭ ହେଲା। ବିକ୍ଷୋଭ ଓ ଶୋଭାଯାତ୍ରାମାନ ଅନୁଷ୍ଠିତ ହେଲା। ଆନ୍ଦୋଳନକାରୀଙ୍କ ମଧ୍ୟରେ ଅନେକ ଛାତ୍ର ଓ ଯୁବକ ଥିଲେ ଯେଉଁମାନେ ଓବିସି ବର୍ଗର ଥିଲେ, ଯେଉଁମାନଙ୍କ ପାଇଁ ଏ ସଂରକ୍ଷଣ ଉଦ୍ଦିଷ୍ଟ ଥିଲା। କିଛି ନବୁଝି ଏମାନେ ବିରୋଧ ଆନ୍ଦୋଳନରେ ମାତିଯାଇ ଥିଲେ। ଅନେକ ସ୍ଥାନରେ ସପକ୍ଷରେ ମଧ୍ୟ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଅନ୍ୟପଟେ ବିଜେପିର ତୁଙ୍ଗ ନେତା ଶ୍ରୀଯୁକ୍ତ ଲାଲକୃଷ୍ଣ ଆଡଭାନୀ ରାମରଥ ଯାତ୍ରା ଆରମ୍ଭ କଲେ। ଏହାକୁ ନେଇ ଧାର୍ମିକ ଉତ୍ତେଜନା ଦେଖାଦେଲା। ଯେଉଁଆଡ଼େ ରଥ ଗଲା ସେଆଡେ ଦଙ୍ଗାଫିସାଦ ଆରମ୍ଭ ହେଲା। ରଥଯାତ୍ରା ଆସି ବିହାରରେ ପହଁଞ୍ଚେ। ସେ ସମୟର ବହୁଚର୍ଚ୍ଚିତ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଲାଲୁପ୍ରସାଦ ଯାଦବ ଶ୍ରୀଯୁକ୍ତ ଆଡଭାନୀଙ୍କୁ ଗିରଫ କରନ୍ତି। ବିଜେପି ଉତକ୍ଷିପ୍ତ ହୁଏ ଓ କେନ୍ଦ୍ର ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରିନିଏ। ଭି. ପି. ସିଂ ଇସ୍ତଫା ଦିଅନ୍ତି। ସରକାରର ପତନ ହୁଏ। କିଛିଦିନ ରାଜନୈତିକ ଅସ୍ଥିରତା ଲାଗିରହେ।

ଅନ୍ୟପଟେ ମଣ୍ଡଳ ରିପୋର୍ଟର କାର୍ଯ୍ୟକାରିତାକୁ ନେଇ କୋର୍ଟରେ କେଶ୍ ଦାଏର୍ ହୁଏ। ଏହା ହଠାତ୍ କାର୍ଯ୍ୟକାରୀ ହୋଇପାରେ ନାହିଁ। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ରିପୋର୍ଟର କାର୍ଯ୍ୟକାରିତାକୁ ବୈଧ ବୋଲି ମୋହର ମାରନ୍ତି। ଏହାପରେ କେନ୍ଦ୍ରରେ ଓ ପର୍ଯ୍ୟାୟକ୍ରମେ ରାଜ୍ୟମାନଙ୍କରେ ଚାକିରି କ୍ଷେତ୍ରରେ ଓବିସିମାନଙ୍କ ପାଇଁ ସଂରକ୍ଷଣ ଲାଗୁ ହୁଏ। ପୁଣି ୨୦୦୬ ମସିହାରେ କେନ୍ଦ୍ରର ତତ୍କାଳୀନ ମାନବସମ୍ବଳ ମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜୁନ ସିଂ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ମାନଙ୍କରେ ପଢିବା ପାଇଁ ୨୭% ସଂରକ୍ଷଣ ଓବିସିମାନଙ୍କ ପାଇଁ ଲାଗୁ କରନ୍ତି। ଦେଶରେ ମଣ୍ଡଳ ଆୟୋଗ ରିପୋର୍ଟ ପୂର୍ଣ୍ଣ କାର୍ଯ୍ୟକାରୀ ହୁଏ। ଅନେକ ରାଜ୍ୟ ପ୍ରାଦେଶିକ ସ୍ତରରେ ସେହି ଓବିସି ନାମରେ ସଂରକ୍ଷଣ ପ୍ରଦାନ କଲେ। ଓଡିଶା ମୂଳ ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ସାମାଜିକ ଓ ଆର୍ଥିକଭାବେ ପଛୁଆ ବର୍ଗ(ଏସଇବିସି) ତାଲିକା ପ୍ରସ୍ତୁତ କଲେ ଓ ସଂରକ୍ଷଣ ପ୍ରଦାନ କଲେ। ଅନେକ ରାଜ୍ୟ ଓବିସିଙ୍କୁ ୨୭% ସଂରକ୍ଷଣ ଦେଇପାରୁ ନାହାଁନ୍ତି, ଯେହେତୁ ଏସଟି ଓ ଏସସି ସଂରକ୍ଷଣ ହାର ପୂର୍ବରୁ ଅଧିକ ଅଛି। ଯେଉଁପରି ଓଡିଶାରେ ଏମାନଙ୍କ ସଂରକ୍ଷଣ ହାର ଶତକଡା ୩୮.୭୫ ଭାଗ। ତେଣୁ ଏସଇବିସିଙ୍କୁ ୧୧.୨୫% ସଂରକ୍ଷଣ ଚାକିରି କ୍ଷେତ୍ରରେ ଦିଆ ଯାଉଥିଲା। ଏବେ ରାଜ୍ୟ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ସମାନ ହାରରେ ସଂରକ୍ଷଣ ପ୍ରଦାନ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା କନ୍ତୁ ମେଡିକାଲ, ଇଞ୍ଜିନିୟରିଂ ଓ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କରେ ଲାଗୁହେବ ନାହିଁ। ରାଜ୍ୟରେ ମଣ୍ଡଳ ଆୟୋଗର ସୁପାରିଶ ମୁତାବକ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପ୍ରଦାନ ପାଇଁ ଦାବୀ ଜୋର ଧରୁଛି।

ମଣ୍ଡଳ ଆୟୋଗ ରାଜନୈତିକ ସଂରକ୍ଷଣ ଉପରେ କୌଣସି ସୁପାରୀଶ କରିନଥିଲେବି ଏହାର ରାଜନୈତିକ ପ୍ରଭାବ ସୁଦୂର ପ୍ରସାରୀ ହୋଇଛି। ଏହା ଜାତୀୟ ତଥା ପ୍ରାଦେଶିକ ରାଜନୀତିକୁ ପ୍ରଭାବିତ କରିଆସିଛି। ଏହା ଦ୍ୱାରା ଓବିସି ମାନେ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପାଉଛନ୍ତି ସତ୍ୟ, ତେବେ ତାଠାରୁ ବଡ ବିଷୟ ପରିଲକ୍ଷିତ ହେଉଛି ଯେ ଓବିସିମାନଙ୍କୁ ବହୁଳ ମାତ୍ରାରେ ଏହା ରାଜନୈତିକ ଭାବେ ସଚେତନ କରିଦେଇଛି। ବିଭିନ୍ନ ରାଜ୍ୟରେ ଏମାନଙ୍କ ରାଜନୈତିକ ନେତୃତ୍ୱ ତିଆରି ହୋଇଛି। ବିଭିନ୍ନ ଦଳରେ ଏମାନଙ୍କ ନେତୃତ୍ୱକୁ ସ୍ୱୀକାର କରାଯାଉଛି। ଏପରିକି ଭାରତବର୍ଷର ପ୍ରଧାନମନ୍ତ୍ରୀ ମଧ୍ୟ ନିଜକୁ ଓବିସି ବୋଲି କହିବାରେ କୁଣ୍ଠିତ ହେଉନାହାଁନ୍ତି। ଏହି ବର୍ଗରୁ ଅନେକ ମୁଖ୍ୟମନ୍ତ୍ରୀ ଆସିଲେଣି। ରାଜନୀତିରେ ଏହି ବର୍ଗର ଉପେକ୍ଷା ଏବେ ଅସମ୍ଭବ ବୋଲି ପ୍ରତୀୟମାନ ହେଉଛି। ଓଡ଼ିଶାରେ ମଧ୍ୟ ଏହାର ପଦଧ୍ୱନି ଶୁଣିବାକୁ ମିଳିଲାଣି। ବୋଧହୁଏ ରାଜ୍ୟ ରାଜନୀତିର ମଣ୍ଡଳୀକରଣ ହେବାକୁ ଯାଉଛି।

# ମହାରାଣୀ ସୁମିତ୍ରା ଦେବୀ: ଭଞ୍ଜବଂଶ ଶାସନର ପ୍ରଥମ ବୀରା ଶାସିକା

ମାନସ ରଞ୍ଜନ ଷଡ଼ଙ୍ଗୀ
ମୋ-୮୪୫୭୦୬୨୯୮୨

ଦୂରଦୃଷ୍ଟି ସଂପନ୍ନା ମହାରାଣୀ 'ମୟୂରଭଞ୍ଜ ପେଲେସ' ସ୍ଥାପନା କଲେ କିନ୍ତୁ ବିଡମ୍ବନା: ତାଙ୍କ ଅମର ସ୍ମୃତିରେ କିଛି ବି ସ୍ମାରକୀ ନାହିଁ ଆଜି ପର୍ଯ୍ୟନ୍ତ। ବିଗତ କିଛି ଦିନ ଧରି ମନକୁ ଛୁଇଁଛି ଏମିତି ମୟୂରଭଞ୍ଜ ଇତିହାସକୁ ଅନୁଧ୍ୟାନ ପରେ... କେମିତି ଆମ ଭଞ୍ଜ ରାଜବଂଶର ଶାସକ ଓ ରାଜ ପରିବାରର ସଦସ୍ୟଙ୍କୁ ଯଥା ମାନ୍ୟ ଦେଇ ନାମିତ ହୋଇଛି ::

୧. ବାରିପଦା ହାଇସ୍କୁଲ ନାମିତ ହେଲା - ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ
୨. କଲେଜର ନାମ ରହିଲା - ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ
୩. ବେତନଟୀ ହାଇସ୍କୁଲ ନାମ ରହିଲା - ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ
୪. ଲେଡିଜ୍ ଫ୍ରେଜାର୍ ସ୍କୁଲ୍ ନାମିତ ହେଲା - ମହାରାଣୀ ପ୍ରେମ୍ କୁମାରୀ ବାଳିକା ଉଚ୍ଚ ବିଦ୍ୟାଳୟ।
୫. ମହାରାଜା କୃଷ୍ଣଚନ୍ଦ୍ରଙ୍କ କନିଷ୍ଠ ପୁତ୍ର ଶ୍ରୀଦାମ ଭଞ୍ଜଙ୍କ ସ୍ମୃତିରେ ଥିଲା- ଶ୍ରୀଦାମ ଛାତ୍ରାବାସ ( ପରେ ଅବଶ୍ୟ ପରିଚିତ ହେଲା ' ଫ୍ରେଜର ହଷ୍ଟେଲ - ଏମ୍ କେ ସି ହାଇସ୍କୁଲର)
୬. ଏମ୍ କେ ସି ହାଇସ୍କୁଲର ପରିସରରୁ ଦୂରରେ ଥିଲା - 'ପ୍ରଦୀପ ନିବାସ, ସ୍ୱରୂପ ନିବାସ' ( ମହାରାଜା ପ୍ରତାପ ଚନ୍ଦ୍ରଙ୍କ ବଡପୁଅ ଓ ସାନପୁଅ ଅର୍ଥାତ୍ ଟୀକାୟତ୍ ଓ ଛୋଟରାୟ ଙ୍କ ନାମ ଅନୁସାରେ)- ଏବେ କମଳା ନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟ ଚାଲିଛି ସେଠାରେ)
୭.ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିରେ - ପୂର୍ଣ୍ଣଚନ୍ଦ୍ର ସ୍ମାରକୀ ମନ୍ଦିର
୮. କଟକ ମେଡ଼ିକାଲ ସ୍କୁଲ୍ ନାମିତ ହେଲା - ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ
୯. କଟକରେ ବହୁ ପୁରାତନ ସଭା କକ୍ଷ - ଶ୍ରୀରାମଚନ୍ଦ୍ର ଭବନ
୧୦. ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରେ ସଂସ୍କୃତରେ ଅଧ୍ୟୟନ ଓ ଗବେଷଣା ପାଇଁ ଆର୍ଥିକ ଅନୁଦାନ ଆକାରରେ - ଶ୍ରୀରାମଚନ୍ଦ୍ର ଚେୟାର ଗଠନ।
୧୧. ମୟୁରଭଞ୍ଜ ଷ୍ଟେଟ ଛାପାଖାନାକୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ ସ୍ୱରୂପ, ଯାହା ଏବେ 'ମହାରାଜା ଶ୍ରୀରାମଚନ୍ଦ୍ର ପ୍ରେସ' ଭାବେ କାର୍ଯ୍ୟ କରୁଛି।
୧୨. ଓଡ଼ିଆ ଭାଷାର ଅମୂଲ୍ୟ ସମ୍ପଦ, ବିଶ୍ୱର ଅନ୍ୟତମ ବୃହତ୍ ଶବ୍ଦକୋଷ ମହାରାଜାଙ୍କ ସୌଜନ୍ୟ ଓ ଆର୍ଥିକ ସହାୟତାରେ - 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'
୧୩. ବାରିପଦାରେ 'ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ କେନ୍ଦ୍ର '( ୧୯୩୩ ରୁ)
୧୪. ଦେଉଳ ସାହି ବାରିପଦାରେ - ' ମହାରାଣୀ ( ଲକ୍ଷ୍ମୀକୁମାରୀ )ଧର୍ମଶାଳା'
୧୫. ରାଜକୁମାରୀ ଶ୍ରୀପଦମଞ୍ଜରିଙ୍କ ସ୍ମୃତିରେ - ଶ୍ରୀପଦମଞ୍ଜରି କୁଷ୍ଠାଶ୍ରମ

ଏମିତି ଅନେକ ଅନୁଷ୍ଠାନ / କୀର୍ତ୍ତି ରାଜି ରହିଛି 'ନାମ' ଅନୁସାରେ ...

ଏବେ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଫେରିବା ଭଞ୍ଜ ରାଜବଂଶର ବଂଶାବଳୀକୁ ଅନୁଧ୍ୟାନ କଲେ ଏମିତି ଜଣେ ଅନନ୍ୟା ମହିଳାଙ୍କ କଥା ଦୃଷ୍ଟିକୁ ଆସେ - ସିଏ ଦୂରଦୃଷ୍ଟି ସଂପନ୍ନା, ବୁଦ୍ଧିମତୀ, ସ୍ୱାଭିମାନୀ , ବୀରା ରମଣୀ -: (ଷଢ଼େଇକଳା ରାଜ ପରିବାରର ରାଜକୁମାରୀ) ମହାରାଜେଶ୍ୱରୀ ମହାରାଣୀ ସୁମିତ୍ରା ଦେବୀ ଭଞ୍ଜଦେଓ ( ରାଜତ୍ୱ କାଳ ୧୭୯୬-୧୮୧୧) - ପ୍ରଥମ ମହାରାଣୀ ଯେ କି ରାଜ ଶାସନ ତୁଲାଇ ଥିଲେ, ଯାହାଙ୍କର କୁଟନୈତିକ ଦୂରଦୃଷ୍ଟି ଅତୁଳନୀୟ; ଯାହା ସ୍ପଷ୍ଟ ହୁଏ କେମିତି ଇଂରେଜ ସରକାରଙ୍କ ସହିତ ସୁସମ୍ପର୍କ ରକ୍ଷା କରି ବିଚକ୍ଷଣ ଭାବେ ନିଜର ଦକ୍ଷ ମନ୍ତ୍ରୀ ଭବାନୀ ସିଂଙ୍କ ନେତୃତ୍ୱରେ ମରହଟ୍ଟା ଆକ୍ରମଣ ଓ ଇଂରେଜ ରାଜୁତିକୁ ଏଡ଼ାଇ ପାରିଥିଲେ ନିଜେ ଶାସନଦଣ୍ଡ ଧରିଥିଲେ ... ଜୀବନର ଶେଷ ପର୍ଯ୍ୟନ୍ତ ମୟୂରଭଞ୍ଜକୁ ସ୍ୱାଧୀନ ରଖିଥିଲେ.... ନା ଥିଲେ ବ୍ରିଟିଶ୍ ନା ଥିଲେ ମରହଟ୍ଟାଙ୍କ ଅଧୀନରେ .....ଅନେକ ରୋଚକ କଥା ରହିଛି, କିନ୍ତୁ ଏହା ଏଠାରେ ବଖାଣିଲେ ପୃଷ୍ଠା ପୃଷ୍ଠା ଭରି ଯିବ! ମୂଳ କଥା ହେଲା-କେମିତି, କେଉଁ ପରିସ୍ଥିତିରେ ସେ ସ୍ଥିର କଲେ ହରିପୁର ଗଡ଼ରୁ ରାଜ ଉଆସ ଉଠାଇ ପ୍ରାକୃତିକ ଶୋଭାରାଜି ଭରା ବାରିର ଭଣ୍ଡାର ବୁଢ଼ା ବଳଙ୍ଗ ଓ ଚିପଟ ନଦୀର ସଙ୍ଗମ ସ୍ଥଳରେ ଓ ଶିମିଳିପାଳ ପାହାଡର ନିମ୍ନରେ ଥିବା ବାରିପଦା ସହରରେ ନୂତନ ରାଜ ବାଟିର ସ୍ଥାପନା ?

ହଁ - ଏ ପରିକଳ୍ପନା ଶେଷରେ ବାସ୍ତବବାଦୀ ହେଲା କେବଳ ମହାରାଣୀଙ୍କ ଉଚ୍ଚକୋଟୀର ଚିନ୍ତନ ଓ ଦୂରଦୃଷ୍ଟି ତଥା ଉତ୍ସର୍ଗୀକୃତ ଦୃଢ଼ ମନୋଭାବ ଓ ଚିନ୍ତାଧାରା - ନିଜର ସ୍ୱତନ୍ତ୍ର କୂଟନୀତି କୌଶଳ ବଳରେ ଇଂରେଜ ସରକାରଙ୍କ ବଡଲାଟ ଲର୍ଡ ୱେଲସଲିଙ୍କ ସହ ସୁସମ୍ପର୍କ ରଖି ନୂଆ ରାଜବାଟିର ନିର୍ମାଣ ପାଇଁ ସହାୟତା ପାଇଲେ - ନିର୍ମାଣ ଶୈଳୀ ଓ କଳା ଭାସ୍କର୍ଯ୍ୟ କେମିତି ଚମକପ୍ରଦ ହେବ - ମାର୍ଗ ଦର୍ଶନ ପାଇଲେ । ମୟୂରଭଞ୍ଜ ଷ୍ଟେଟର ରାଜମହଲର ସାମ୍ନା ଆକୃତି ଇଂଲଣ୍ଡର ରାଜ ଉଆସ 'ବକିଂହାମ' ଭଳି ହେବ। ନିଜର ଅଗାଧ ବୁଦ୍ଧିମତ୍ତା ପାଇଁ ସବୁ କିଛି ପାଇଲେ ନୂତନ ରାଜବାଟି ନିର୍ମାଣ କାର୍ଯ୍ୟ ପାଇଁ - ଇସ୍ପାତର ବିମ୍, ଧାରଣା, ଇତ୍ୟାଦିର ଆମଦାନୀ ପାଇଁ ଇଂଲଣ୍ଡର ସମ୍ରାଟ ୩ୟ ଜର୍ଜଙ୍କ ସହିତ ଚୁକ୍ତିଠୁ ଆରମ୍ଭ କରି ଚୂନ ପଥରର କୁଶଳୀ କାରିଗର, ବାସ୍ତୁକାର, ଭାସ୍କର୍ଯ୍ୟ ଶିଳ୍ପୀ ପୁଣି ବ୍ରିଟିଶ ଇଂଜିନିୟରଙ୍କ ପ୍ଲାନ୍, ଡିଜାଇନ୍ ଓ ତଦାରଖସହିତ.. ରାଜବାଟି ନିର୍ମାଣରେ ମହାରାଣୀ ସୁମିତ୍ରା ଦେବୀ ଖର୍ଚ୍ଚ ପାଇଁ କୌଣସି ସାଲିସ କରି ନ ଥିଲେ । ନିଜର ବିଚକ୍ଷଣ କୌଶଳନୀତି ଯୋଗୁଁ ନିଜ ପ୍ରଜାଙ୍କ ଉପରେ କର ଭାର ନ ଦେଇ ପୁରୀକୁ ଆସୁଥିବା ତୀର୍ଥ ଯାତ୍ରୀଙ୍କ ପାଖରୁ ସୁବର୍ଣ୍ଣରେଖା ନଦୀର ଫେରିଘାଟରେ ରାଜସ୍ୱ ଆଦାୟ କରି ଅର୍ଥ ଯୋଗାଡ଼ କରିବାରେ ସଫଳ ହେଲେ। ଶେଷରେ ଚାରିବର୍ଷ ଲାଗିଲା ( ୧୮୦୪-୦୮) ମୁଣ୍ଡ ଟେକି ଠିଆ ହେଲା ନୂଆ ରାଜବାଟି 'ମୟୁରଭଞ୍ଜ ଷ୍ଟେଟର ( ଅବଶ୍ୟ ପରେ ପରେ ମହାରାଜା କୃଷ୍ଣଚନ୍ଦ୍ରଙ୍କଠୁ ଆରମ୍ଭ କରି ଅନ୍ତିମ ମହାରାଜା ପ୍ରତାପ ଚନ୍ଦ୍ରଙ୍କ ସମୟରେ ରାଜବାଟିର ସମ୍ପ୍ରସାରଣ ହୋଇଛି ବିଭିନ୍ନ କ୍ଷେତ୍ରରେ, ନୂଆ ରୂପରେଖ ନେଇଛି 'ବକିଂ ହାମ' ଢାଞ୍ଚାରେ - (୧୨୬ ଟି ପ୍ରକୋଷ୍ଠ ସହିତ) ମହାରାଣୀ ରାଜ୍ ବାଟି ମଧ୍ୟରେ ରାଜବଂଶର ଆରାଧ୍ୟ ତଥା ଇଷ୍ଟ ଦେବୀ କିଚକେଶ୍ୱରି ହାଇଦ୍ରାବାଦର ଚାର ମିନାର୍ ଢ଼ଙ୍ଗରେ ଓ ଗୌଡ଼ିୟ ଶୈଳୀରେ ଲକ୍ଷ୍ମୀନାରାୟଣ ମନ୍ଦିର ମଧ୍ୟ ସ୍ଥାପନା କରିଥିଲେ, ଯାହା ଏବେ ପରିତ୍ୟକ୍ତ ଅବସ୍ଥାରେ ମୁକସାକ୍ଷୀ ଭାବେ ରହିଛି। ସୁମିତ୍ରା ଦେବୀଙ୍କ ଏହି ରାଜପ୍ରାସାଦରେ ଶାସନ ପରେ ଅନ୍ୟ ୮ ଜଣ ମହାରାଜା/ ମହାରାଣୀ ଶାସନ କରି ବହୁ ଯୁଗାନ୍ତକାରୀ, ଜନହିତକାର ନିଷ୍ପତ୍ତି ନେଇଥିଲେ ପ୍ରଜାଙ୍କ ପାଇଁ । ଯାହାର ସୁଫଳ ଆଜି ବି ଆମେ ପ୍ରାୟ ଅନୁଭବ କରୁଛୁ। ତ, ପ୍ରସଙ୍ଗ ହେଲା , ଯେଉଁ ବୀରାରମଣୀ ମହାରାଣୀ ଏ ରାଜପ୍ରାସାଦ ନିର୍ମାଣର ସ୍ୱପ୍ନ ଦେଖି ବାସ୍ତବ ରୂପ ରେଖ ଦେଲେ ଦୁଇଶହ ବର୍ଷ ତଳେ, ଯାହା ଆଜି ମୂକସାକ୍ଷୀ ରୂପେ ଦଣ୍ଡାୟମାନ, ଯାହାର ପ୍ରତିଷ୍ଠାତା ମହାରାଣୀ ସୁମିତ୍ରା ଦେବୀ , ସେ ପୁଣି ଜୀବନକୁ ବାଜି ରଖି ମରହଟ୍ଟା ଆକ୍ରମଣକୁ ପ୍ରତିହତ କରି ମୟୁରଭଞ୍ଜ ଷ୍ଟେଟ୍‌ର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିଲେ- ଯିଏ କି 'Mother of the Palace' କହିଲେ ଅତ୍ୟୁକ୍ତି ହେବ ନାହିଁ:: ତାଙ୍କୁ ଆମେ ଜାଣତରେ ହେଉ ବା ଅଜାଣତରେ ହେଉ ଭୁଲିଯାଇଛୁ, ସେହି ବୀରା ନାରୀଙ୍କ ସ୍ମୃତିରେ ଆଦ୍ୟାବଧି କିଛି ବି ହୋଇନାହିଁ । ନା ଅଛି ଅନୁଷ୍ଠାନ, ନା ଅଛି ସ୍ମୃତି ଭବନ, ନା ସ୍ମୃତିସ୍ତମ୍ଭ ନା କୌଣସି ଅଞ୍ଚଳର ନାମ । ଦୁଃଖର କଥା..... ସମ୍ପ୍ରତି ଏହା ଅନୁଧ୍ୟାନର ପ୍ରସଙ୍ଗ ।

ଯାହା ବି ହେଉ, ବିଳମ୍ବ ହେଲେ ବି ବିଳମ୍ବ ହୋଇନାହିଁ, ଆମେ ଧରିବା - ଏବେ ବୋଧେ ପ୍ରକୃଷ୍ଟ ସମୟ ଆସିଛି, ଯଦିଓ ଦୁଇ ଶହରୁ ଉର୍ଦ୍ଧ୍ୱ ବର୍ଷ ଅତିକ୍ରମ କଲାଣି । ପ୍ରସ୍ତାବ ଟି ହେଲା....ବାରିପଦା ସହରରେ ଥିବା ୧୯୭୫ ରେ ସ୍ଥାପିତ ମୟୂରଭଂଜ ଜିଲ୍ଲା ର ପ୍ରଥମ ସରକାରୀ ମହିଳା ମହାବିଦ୍ୟାଳୟର ନାମକରଣ ମହାରାଣୀ ସୁମିତ୍ରା ଦେବୀ ଭଞ୍ଜଦେଓଙ୍କ ନାମରେ ନାମିତ କରିବା ପାଇଁ ସଂକଳ୍ପ ନେଇ ବିଧିବଦ୍ଧ ଭାବେ ତଥ୍ୟ ଭିତ୍ତିକ ଓ ଯଥାର୍ଥତା ପ୍ରତିପାଦନ କରି ପ୍ରସ୍ତାବଟେ ରାଜ୍ୟ ସରକାରଙ୍କ ସଦୟ ଅନୁମୋଦନ ନିମନ୍ତେ ରଖିଲେ କେମିତି ହୁଅନ୍ତା ? ଯେ କି,୨୦୦ ବର୍ଷ ପୂର୍ବେ ନାରୀ ଜାଗରଣ ଓ ନାରୀ ସଶକ୍ତିକରଣର ମୂଳଦୁଆ ଦେଇଥିଲେ। ଏହି ମହିୟସୀ ନାରୀଙ୍କ ନାମରେ ନାମିତ ହେଲେ ଏ ପିଢ଼ି ଓ ଆଗାମୀ ପିଢ଼ିର ଝିଅମାନେ ଜାଣିବେ ଏଇ ବୀରାନାରୀଙ୍କ ସାହସିକତାର କାହାଣୀର ଅମର ଗାଥା। ଏ ପ୍ରସଙ୍ଗକୁ ରୂପରେଖ ଦେଇ ଆମେ ଶ୍ରେୟ ନେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବା ନାହିଁ । ଏହାର ଶ୍ରେୟ ଯିବ ସାରା ମୟୂରଭଞ୍ଜ ବାସୀଙ୍କୁ ଓ ମୟୁରଭଞ୍ଜବାସୀ ଉପହାର ଦେବେ ଭଞ୍ଜ ରାଜବଂଶଙ୍କୁ।

ବୋଧହୁଏ, ଏହା କାର୍ଯ୍ୟକାରୀ ହେଲେ, ଏହା ହିଁ ହେବ ସର୍ବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ମହାରାଣୀ ସୁମିତ୍ରା ଦେବୀଙ୍କ ଅମର ସ୍ମୃତି ପାଇଁ। ଆରପାରିରେ ଥାଇ ସୁମିତ୍ରା ଦେବୀଙ୍କ ଅମର ଆତ୍ମା ଶାନ୍ତି ପାଇବ ଓ ସେ ବୋଧେ ଅନୁଭବ କରିବେ - 'ମୋ ମୟୂରଭଞ୍ଜ ମୋତେ ମନେ ରଖିଛି'।

ଏହି କ୍ରମରେ ପ୍ରସ୍ତାବଟି ଦଳ ମତ ନିର୍ବିଶେଷରେ ଅନୁଶୀଳନ କରିବାର ଆବଶ୍ୟକତା ରହିଛି - ନା ଏଥିରେ ରହିବ କୌଣସି ରାଜନୀତିର ଛାପ, ନା ଆବଶ୍ୟକ ପଡିବ ପାଣ୍ଠି ବା ସରକାରୀ ଅନୁଦାନ। କେବଳ ମିଳିତ ପ୍ରଚେଷ୍ଟା ଓ ସଂଘଟିତ ପଦକ୍ଷେପ ଆବଶ୍ୟକ । ମିଳିତ ଭାବେ ଦାୟିତ୍ୱ ନେବାର ସମୟ ଆସିଛି, ଯେଉଁଥିରେ ସାମିଲ ହେବେ ବୁଦ୍ଧିଜୀବୀ, ସମସ୍ତ ବିକାଶ ମଞ୍ଚ, ଅନ୍ୟାନ୍ୟ ଫୋରମ୍, ମୟୂରଭଞ୍ଜ ପ୍ରଗତି ପାଇଁ ସକ୍ରିୟ ବାହିନୀ ସମୂହ, ବରିଷ୍ଠ ନାଗରିକ ମଞ୍ଚ ପ୍ରମୁଖ ସ୍ୱାଭିମାନୀ ସାମାଜିକ ସଂସ୍ଥାମାନ, ସମସ୍ତ ଛାତ୍ର ସଂଗଠନ ସକ୍ରିୟ ଭାବେ ସହଯୋଗ କରିବେ ବଡ଼ ଭାଇ ହିସାବ ରେ ନୈତିକ ମୂଲ୍ୟବୋଧ ଦୃଷ୍ଟିରୁ ଭଉଣୀ ମାନଙ୍କ ସ୍ୱାଭିମାନକୁ ପରିବୃଦ୍ଧି ପାଇଁ । ସୂଚନା ଯୋଗ୍ୟ ଯେ ୧୪ ଅଗଷ୍ଟ ୧୯୭୫ - International Women's Day ଦିନ ଏହି ମହିଳା ମହାବିଦ୍ୟାଳୟଟି ଆରମ୍ଭ ହୋଇଥିଲା, ସଂଯୋଗକୁ ସେହି ବର୍ଷ ବାରିପଦା ଦ୍ୱିତୀୟ ଶ୍ରୀ କ୍ଷେତ୍ରରେ ମା ସୁଭଦ୍ରାଙ୍କ ରଥ ମହିଳା ମାନେ ଟାଣିବା ଆରମ୍ଭ କରି ଇତିହାସ ରଚିଲେ - ଏଠାରେ ନିଶ୍ଚିତ ଭାବେ ସୂଚନା ଯୋଗ୍ୟ ଯେ ଅତୀତରେ ବିଭିନ୍ନ ଅନୁଷ୍ଠାନଙ୍କ ନାମ ପରିବର୍ତ୍ତନ ହୋଇଛି - (ପୁରୁଣାରୁ ନୂଆ) ରମା ଦେବୀ ମହିଳା କଲେଜ, ଶୈଳବାଳା ମହିଳା କଲେଜ, ଆମ ବାରିପଦା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ମେଡ଼ିକାଲ କଲେଜ - ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅମର ସ୍ମୃତିରେ... ଏମିତି ଅନେକ) ଏହି ପୃଷ୍ଠଭୂମିରେ ପ୍ରସ୍ତାବଟି ବିଚାର ଯୋଗ୍ୟ ପରିଧିକୁ ଆସିବ ବୋଲି ମୟୂରଭଞ୍ଜ ବାସୀ ଆଶା ବାନ୍ଧି ବସିଛନ୍ତି । ବାରିପଦାର ସଚେତନ ବୁଦ୍ଧିଜୀବୀ ଓ ବିଶେଷ କରି ଏମ୍ ପି ସି ଆଲୁମ୍ନୀ ଆସୋସିଏସନ୍ ଓ ଶିକ୍ଷାବିତ୍ ଏ ପ୍ରସଙ୍ଗ ରେ ମଙ୍ଗ ଧରିବେ ବୋଲି ବିଶ୍ୱାସ କରାଯାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୨୨ ଜୁଲାଇ ୨୦୨୫ ମଙ୍ଗଳବାର





# ଘରୋଇ ଗ୍ୟାସ୍‌ର କୃତ୍ରିମ ଅଭାବ:ଲୋକେ ହଟହଟା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାରେ ବିଶେଷ କରି ଭଦ୍ରକ ସହରରେ ଏବେ ଘରୋଇ ଗ୍ୟାସ୍‌ର ଏବେ କୃତ୍ରିମ ଅଭାବ ପରିଲକ୍ଷିତ ହୋଇଛି। ଲୋକମାନେ ବିଭିନ୍ନ ଗ୍ୟାସ୍ ଏଜେନ୍ସିରୁ ଗ୍ୟାସ୍ ବୁକିଂ କରୁଥିବା ବେଳେ ସେମାନଙ୍କୁ ଦୁଇଦିନରୁ ତିନି ଦିନି ଭିତରେ ଗ୍ୟାସ୍ ମିଳିଯାଉଥିଲା। ମାତ୍ର ଏବେ ଗ୍ୟାସ୍ ଉପଭୋକ୍ତାମାନେ ୧୫ରୁ ୨୦ ଦିନ ଧରି ଗ୍ୟାସ୍ ବିକିଂ କରିଥିଲେ ମଧ ସେମାନଙ୍କୁ ଗ୍ୟାସ୍ ମିଳିପାରିନାହିଁ। ଉପଭୋକ୍ତାମାନେ ବାରମ୍ବାର ଗ୍ୟାସ୍ ଅଫିସ୍‌କୁ ଫୋନ୍ କରୁଥିଲେ ମଧ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଭଦ୍ରକ ଜିଲ୍ଲାରେ ଗ୍ୟାସ୍‌ର କୃତ୍ରିମ ଅଭାବ ପରିଲକ୍ଷିତ ହୋଇଥିବା ବେଳେ ଉପଭୋକ୍ତାଙ୍କୁ ଗ୍ୟାସ୍ ବିତରଣ ଦାୟିତ୍ୱରେ ଏଜେନ୍ସି ଏ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି। ଉପଭୋକ୍ତା ମାନେ ଗ୍ୟାସ୍ ନପାଇ ଅସୁବିଧାରେ



ସମ୍ମୁଖୀନ ହେଉଛନ୍ତି। ଗ୍ୟାସ୍‌ର ଏହି ପ୍ରକାର କୃତିମ ଅଭାବ ଯୋଗୁ ଏବେ ଗ୍ୟାସର କଳା ବଜାରି ବୃଦ୍ଧି ପାଇଥିବା ନେଇ ଲୋକେ ଅଭିଯୋଗ ଉଠାଇଛନ୍ତି। ଗ୍ୟାସ୍ ଅଭାବରୁ ଅନେକ ଲୋକଙ୍କ ଘରେ ରୋଷେଇରେ ସମସ୍ୟା ସୃଷ୍ଟି ହୋଇଛି। ଗ୍ୟାସ୍ ଖାଲି ପଡ଼ିଥିବା ବେଳେ ଅନେକ ଲୋକ ଇଣ୍ଡନ୍ ଚୁଲାରେ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ଗ୍ୟାସ୍‌ର ଅଭାବ ପଛରେ କାରଣ କ'ଣ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କେବଳ ସେତିକି ନୁହେଁ ଏବେ ଉପଭୋକ୍ତା ମାନେ ଗ୍ୟାସ୍ ଅଭାବ ପାଇଁ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାର ଅଫିସ୍, ଜିଲ୍ଲା ଯୋଗାଣ ଅଫିସ୍ ଓ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି ଦିଗ ପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ରାସନ କାର୍ଡ ପାଇଁ ଇ-କେଓ୍ୱାଇସି କରିନାହାନ୍ତି ୨୦ ଲକ୍ଷ ୫୮ ହଜାର ଲୋକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାସନ କାର୍ଡ ପାଇଁ ୨୦ ଲକ୍ଷ ୫୮ ହଜାର ଲୋକ ଇ-କେଓ୍ୱାଇସି କରିନାହାନ୍ତି । ସେମାନଙ୍କ ଚାଉଳ ବନ୍ଦ କରାଯାଇଛି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଯଦି ଚାଉଳ ଯାଉନି ଶୁଣି ସେମାନେ ଆସନ୍ତି, ତେବେ ଇ-କେଓ୍ୱାଇସି କଲେ ସରକାର ଚାଉଳ ଦେବେ । ଯେଉଁମାନେ କରିନାହାନ୍ତି ଇ-କେଓ୍ୱାଇସି ପାଇଁ ୩ ମାସ ଅପେକ୍ଷା କରିବେ ସରକାର । କାର୍ଡ ଗୁଡ଼ିକ ସେହି ସମୟରେ ସସ୍‌ପେଣ୍ଡ ଅବସ୍ଥାରେ ରହିବ । ଯଦି ଏହି ସମୟରେ ଲୋକ ଇ-କେଓ୍ୱାଇସି ନକରନ୍ତି, ତେବେ କାର୍ଡ ଗୁଡ଼ିକ କାଟି ଦେବେ ସରକାର । ତାପରେ ଆସି ଇ-କେଓ୍ୱାଇସି କଲେ ଚାଉଳ ପାଇବେ । ନେଟ୍‌ଓ୍ୱର୍କ ସମସ୍ୟା ଯେଉଁ ଜିଲ୍ଲା ମାନଙ୍କରେ ଥିଲା, ସେଠାରେ ସରକାର ନେଟ୍‌ଓ୍ୱର୍କ ବ୍ୟବସ୍ଥା କରିଛନ୍ତି । ବୁଷ୍ଟର ମଧ ଲଗାଯାଇଛି । ଯଦି ତଥାପି ହୋଇନାହିଁ, ସେମାନେ ଜିଲ୍ଲା କେନ୍ଦ୍ରରେ ଆସି କରିପାରିବେ । ଇ-କେଓ୍ୱାଇସି ଯେଉଁ ମାନଙ୍କର ହୋଇଯାଇଛି । ସେମାନେ ଚାଉଳ ପାଇବେ । ୫ ବର୍ଷରୁ ଅଧିକ ବୟସ ପିଲାମାନେ ରାସନ୍ କାର୍ଡରେ ସାମିଲ୍ ହେବେ ବୋଲି ମନ୍ତ୍ରୀ କହିଛନ୍ତି।

# ପିସ୍ତଲ ଦେଖାଇ ଲୁଟିନେଲେ ଲକ୍ଷାଧିକ ଟଙ୍କା ଓ ସୁନା-ରୁପା ଅଳଙ୍କାର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ବାମରା ବ୍ଲକ୍ ଅନ୍ତର୍ଗତ କେଛୁପାଣି ଗ୍ରାମରେ ଗତ ବିଳମ୍ବିତ ରାତ୍ରିରେ ଏକ ବଡ଼ ଧରଣର ଡକାୟତି ସଂଘଟିତ ହୋଇଛି । ରାତ୍ରି ପ୍ରାୟ ୧ଟା ସମୟରେ ୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ରୁଦ୍ରାକ୍ଷ ସାହୁଙ୍କ ଘରେ ବଳପୂର୍ବକ ପ୍ରବେଶ କରିଥିଲେ । ଦୁର୍ବୃତ୍ତମାନେ ପିସ୍ତଲ ଓ ମାରଣାସ୍ତ୍ର ଦେଖାଇ ତାଙ୍କ ପରିବାର ଲୋକଙ୍କୁ ଭୟଭୀତ କରାଇ ଲକ୍ଷାଧିକ ନଗଦ ଟଙ୍କା ଓ ସୁନା ରୂପା ଅଳଙ୍କାର ଲୁଟି ନେଇଥିଲେ ବୋଲି ଗୃହକର୍ତ୍ତା ଶ୍ରୀ ସାହୁ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଦୁର୍ବୃତ୍ତଙ୍କ ଆଖିବୁଜା ମାଡ଼ରେ ଗୃହକର୍ତ୍ତା ଶ୍ରୀ ସାହୁଙ୍କ ବଡ଼ପୁଅର ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଚିକିତ୍ସା ପାଇଁ ତାଙ୍କୁ ବାମରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ଡକାୟତମାନେ ଲୁଟି ନେଇଥିବା ସମ୍ପତିର ପରିମାଣ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ମୂଳତଃ ରୁଦ୍ରାକ୍ଷଙ୍କ ବ୍ୟବସାୟୀକ ପ୍ରତିଷ୍ଠାନ କେଶାଇବାହାଲ ଓ ବାମରାରେ ରହିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଛାନ୍‌ଭିନ୍ ଆରମ୍ଭ କରିଛି । ସୂଚନାଯୋଗ୍ୟ କିଛି ମାସ ପୂର୍ବରୁ ଏହି ଥାନା ଅଞ୍ଚଳର ମଝିପଡ଼ାର ବ୍ୟବସାୟୀ ଗୋଲୁ ଖଣ୍ଡେଲୱାଲଙ୍କ ଘରେ ମଧ ସଶସ୍ତ୍ର ଡକାୟତି ହୋଇଥିଲା । ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ଅଦ୍ୟାବଧି ପୋଲିସ ଏହାର ସୁରାକ୍ ପାଇନଥିବା କୁହାଯାଉଛି । ଏବେ ଏହି ଘଟଣାର ତଦନ୍ତ କରି କେବେ ପୋଲିସ ଲୋକଙ୍କ ବିଶ୍ୱାସ ଭାଜନ ହେବ ତାହା ପ୍ରଶ୍ନବାଚୀ ହୋଇଛି ।

## ||||||||||||||| ପରିବହନ ନିୟମର ଖୋଲା ଉଲ୍ଲଂଘନ |||||||||||||||

# ବ୍ୟବସାୟରେ ଲାଗୁଛି ବ୍ୟକ୍ତିଗତ ପଞ୍ଜିକୃତ ଯାନବାହାନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ ପରିସରରେ ବିଭିନ୍ନ ସ୍ଥାନରେ ନିୟମିତ ପ୍ରାୟ ୨୦ରୁ ଅଧିକ କାର୍ ପାର୍କିଂ ହେଉଥିବା ଦେଖିବାକୁ ମିଳୁଛି । ଏହି ଗାଡ଼ିଗୁଡ଼ିକ ବ୍ୟକ୍ତିଗତ ମାଲିକାନାରେ ପଞ୍ଜିକୃତ ହୋଇଛି । କିନ୍ତୁ ଦୀର୍ଘବର୍ଷ ଧରି ଉକ୍ତ ଗାଡ଼ି ମାଲିକମାନେ ମେଡ଼ିକାଲ୍ କ୍ୟାମ୍ପସ୍‌ରେ ବେଆଇନ୍ ଭାବେ ପାର୍କିଂ କରିବା ସହ ସେଗୁଡ଼ିକୁ ଭଡ଼ାସୂତ୍ରରେ ଅର୍ଥାତ୍ ଟ୍ୟାକ୍ସି ଭଳି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଯଦ୍ୱାରା ଗାଡ଼ି ମାଲିକମାନେ ଖୋଲାଖୋଲି ଭାବେ ପରିବହନ ବିଭାଗର ନିୟମକୁ ଉଲ୍ଲଂଘନ କରୁଛନ୍ତି । ଏହି ଘଟଣାକୁ ନେଇ ମେଡ଼ିକାଲ୍ କର୍ତ୍ତୃପକ୍ଷ ଓ ପରିବହନର ବିଭାଗର ଅଧିକାରୀମାନେ ଅବଗତ ଥିଲେ ହେଁ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି । ଏଭଳି କ୍ଷେତ୍ରରେ ଦିନକୁ ଦିନ ମେଡ଼ିକାଲ୍ ପରିସରରେ ବେଆଇନ୍ ପାର୍କିଂ ବୃଦ୍ଧି ପାଉଛି । ଅନ୍ୟପକ୍ଷରେ ରାଜ୍ୟ ସରକାର ଏଥିପାଇଁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି । ଏମ୍‌କେସିଜି ମେଡ଼ିକାଲ୍‌ରେ ଥିବା ବିଭିନ୍ନ ବିଭାଗକୁ ପ୍ରତିଦିନ ବହୁ ଜିଲ୍ଲାର ଶତାଧିକ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି । ଚିକିତ୍ସା ପରେ ସୁସ୍ଥ ହୋଇ ସେମାନେ ଘରକୁ ଫେରିଥାନ୍ତି । ମେଡ଼ିକାଲ୍‌କୁ ଆସିବା ବେଳେ ରୋଗୀମାନେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାଗଣା ଆମ୍ବୁଲାନ୍ସ ସେବାର ସୁବିଧା ନେଇଥାନ୍ତି । କିନ୍ତୁ ସୁସ୍ଥ ହୋଇ ଘରକୁ ଫେରିବା ବେଳେ ସେମାନେ ଗାଡ଼ି ଭଡ଼ା କରି ନିଜ ଘରକୁ ଯାଇଥାନ୍ତି । ଏହାର ସୁଯୋଗ ନେଇ ବହୁ ଗାଡ଼ିମାଲିକ ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ପଞ୍ଜିକୃତ ଗାଡ଼ିକୁ ମେଡ଼ିକାଲ୍‌ର ବିଭିନ୍ନ ସ୍ଥାନରେ ପାର୍କିଂ କରୁଛନ୍ତି । ଉକ୍ତ ଗାଡ଼ି ଭଡ଼ାକୁ ଦିଆଯିବ ଲେଖାଥିବା ସହ ଡ୍ରାଇଭର ମୋବାଇଲ ନମ୍ବର ମଧ ଲେଖା ଯାଇଥିବା ଏକ ବୋର୍ଡ଼ ଲାଗିଥିବା ଦେଖିବାକୁ ମିଳୁଛି । ସେହିପରି ରୋଗୀଙ୍କ ଠାରୁ ସମ୍ପୃକ୍ତ ଗାଡ଼ିର ମାଲିକମାନେ ଭଡ଼ା ବାବଦକୁ ମନଇଚ୍ଛା ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି । ସେପଟେ ଡାକ୍ତରଖାନା ପରିସରରେ ଏଣେତେଣେ ଗାଡ଼ିଗୁଡ଼ିକର ବେଆଇନ୍ ପାର୍କିଂ ଯୋଗୁଁ କ୍ୟାମ୍ପସ୍‌ରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଫଳରେ ଆମ୍ବୁଲାନ୍ସ ଯାତାୟାତରେ ମଧ ବାଧା ଉପୁଜୁଛି । ଏନେଇ ବାରମ୍ବାର ଅଭିଯୋଗ ସତ୍ୱେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଓ ପରିବହନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଅନ୍ୟପକ୍ଷରେ କମର୍ସିଆଲ୍ ଓ ଟ୍ୟାକ୍ସି ପରିମିଟ୍ ଥିବା ଗାଡ଼ି ହିଁ ଭଡ଼ା ସୂତ୍ରରେ ବ୍ୟବହାର ହୋଇପାରିବ ବୋଲି ପରିବହନ ବିଭାଗର ନିୟମ ଥିବାବେଳେ ଏଠାରେ ବହୁ ଗାଡ଼ି ମାଲିକ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି । ତେବେ ବ୍ୟକ୍ତିଗତ ଗାଡ଼ିରେ ଟିକସ କମ୍ ପଡୁଥିବାରୁ ଗାଡ଼ି ମାଲିକମାନେ କମର୍ସିଆଲ୍ ଟିକସ ଫାଙ୍କିବା ପାଇଁ ଜାଣିଶୁଣି ବ୍ୟକ୍ତିଗତ ପଞ୍ଜିକୃତ କରାଉଥିବା ଜଣାପଡ଼ିଛି । ତେଣୁ ଜିଲ୍ଲା ପ୍ରଶାସନ, ପରିବହନ ବିଭାଗ ଓ ଏମ୍‌କେସିଜି ମେଡ଼ିକାଲ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବେଆଇନ୍ କାର୍ଯ୍ୟ କରୁଥିବା ଗାଡ଼ି ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ଏ ସମ୍ପର୍କରେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ମେଡ଼ିକାଲ୍ ପରିସରରେ ବେଆଇନ୍ ପାର୍କିଂ ସହ ବ୍ୟକ୍ତିଗତ ବ୍ୟବହୃତ ପାଇଁ ପଞ୍ଜିକୃତ ଗାଡ଼ିକୁ ଭଡ଼ାସୂତ୍ରରେ ବ୍ୟବହାର ଘଟଣା ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅବଗତ କରାଯାଇଛି । ସେହିପରି ବେଆଇନ୍ ପାର୍କିଂ ଗାଡ଼ିଗୁଡ଼ିକୁ ହଟାଇବାକୁ ମେଡ଼ିକାଲ୍ ପକ୍ଷରୁ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।




# ଖ୍ରୀଷ୍ଟ କଲେଜରେ ଯୌନ ଉତ୍ପୀଡ଼ନ ନିବାରଣ ସଂପର୍କୀତ କାର୍ଯ୍ୟକ୍ରମ

**କଟକ, ନ୍ୟୁଜ୍ ବ୍ୟୁରୋ**

ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଖ୍ରୀଷ୍ଟ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ 'କାର୍ଯ୍ୟସ୍ଥଳୀରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ ସଂପର୍କୀତ ସଚେତନତା ଓ ତାର ନ୍ୟାୟିକ ପ୍ରତିକାର' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷା ମଧୁମିତା ପାତ୍ର ସ୍ୱାଗତ ଅଭିଭାଷଣ ଦେବା ସହ ମହିଳାମାନେ ତାଙ୍କର ଅଧିକାର ପ୍ରତି ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। ଓଡ଼ିଶା ହାଇକୋର୍ଟର ବରିଷ୍ଠ ଅଧିବକ୍ତା ସୁଜାତା ଜେନା ମୁଖ୍ୟଅତିଥି ଭାବେ ଯୌନ ଉତ୍ପୀଡ଼ନର ବିଭିନ୍ନ କାରଣ ଓ ନ୍ୟାୟିକ ନିରାକରଣ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଉପାଧକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ଗୃହବିଜ୍ଞାନ ବିଭାଗର ମୁଖ୍ୟ ଡଃ ବିନିତା ନନ୍ଦ, ମନୋବିଜ୍ଞାନ ବିଭାଗୀୟ ମୁଖ୍ୟ ଡଃ ସାଦିଆ ଆଲାମ୍ ପ୍ରମୁଖ ମହିଳାମାନଙ୍କର ପ୍ରତି ହେଉଥିବା ଉତ୍ପୀଡ଼ନର ବିଭିନ୍ନ ଦିଗ ସଂପର୍କରେ ଅଭିଭାଷଣ ରଖିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଇଂରାଜୀ ବିଭାଗ ଅଧ୍ୟାପିକା ଡଃ ଜୀତା ରାୟ। କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ମଧୁସ୍ମିତା ଯାଚକ, ଡଃ ସ୍ୱାତୀ ମହାନ୍ତି, ଡଃ ଲକ୍ଷ୍ମୀକାନ୍ତ ମିଶ୍ର, ଡଃ ମଙ୍ଗରାଜ ପାତ୍ର, ସମାଜସେବୀ ଶ୍ରୀଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରି ଯୌନ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଶପଥଗ୍ରହଣ କରିଥିଲେ।

# ଚିଲିକା ମତ୍ସ୍ୟଜୀବୀଙ୍କ ପାରମ୍ପରିକ ସମସ୍ୟା ଓ ଜୀବିକା ନିର୍ବାହକୁ ନେଇ ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀ ମାନଙ୍କ ଜୀବନ ଜୀବିକାକୁ ନେଇ ଥିବା ବିଭିନ୍ନ ସମସ୍ୟା ଉପରେ ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟ ସଂଗଠନର ସଭାପତି ତଥା ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ନିଗମ ଲିଃର ବୋର୍ଡ଼ ସଭ୍ୟ ସେନାପତି ବେହେରା । ଚିଲିକାକୁ ସଂଯୋଗ କରୁଥିବା ଗଞ୍ଜାମ ବ୍ଲକର ପାଲୁର ସାହେବ କେନାଲର ରକ୍ଷଣାବେକ୍ଷଣ, ପୁନଃଉଦ୍ଧାର ନହେବା, ତତ୍‌ସହିତ ଚିଲିକାକୁ ସଂଯୋଗ କରୁଥିବା ଛୋଟବଡ଼ ନଦୀ ଓ କେନାଲ ପୋତି ହୋଇଯିବା ଯୋଗୁଁ ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ଉପରେ କୁପ୍ରଭାବ ପଡ଼ିବା ଫଳରେ ବୃତ୍ତି ଛାଡ଼ି ବାହାର ରାଜ୍ୟକୁ ଦାଦନ ଶ୍ରମିକ ରୂପେ କାମ କରିବାକୁ ଯାଉଥିବା ଅଭିଯୋଗ ହେଉଛି । ଚିଲିକା ଉପକୂଳବର୍ତ୍ତି ଅଞ୍ଚଳରେ କୌଣସି ବରଫ କଳ ନଥିବା ଯୋଗୁ ମତ୍ସ୍ୟଜୀବୀମାନଙ୍କ ମତ୍ସ୍ୟ ସଂରକ୍ଷଣ କରିବାରେ ବାଧାପ୍ରାପ୍ତ ହେବା ଚିଲିକାକୁ ସମ୍ପୂର୍ଣ୍ଣ ମାଫିଆ ମୁକ୍ତ କବଳରୁ ଜୈବବିବିଧତା ନଷ୍ଟ ହେବାରୁ ରକ୍ଷା କରିବା, ପ୍ରତ୍ୟେକ ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକୁ ଲିଜ୍ ପ୍ରଦାନ କରିବାର ବ୍ୟବସ୍ଥା କରିବା ପାଇଁ ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଚିଠି ନଂ:୧୧/୨୫ ମାଧ୍ୟମରେ ସଭାପତି ସେନାପତି ବେହେରା ଲିଖିତ ଭାବେ ଜଣାଇଛନ୍ତି ।

# ହଷ୍ଟେଲ୍‌ରୁ ଲୁଚି ପଳାଇଥିବା ୨ ଛାତ୍ର ଉଦ୍ଧାର



**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ହଷ୍ଟେଲ୍‌ରୁ ଲୁଚି ପଳାଇଲେ ଦୁଇଜଣ ଛାତ୍ର । କିଛି ବାଟ ଚାଲିଯିବା ପରେ ଓଏସ୍‌ଆର୍‌ଟିସି ବସ୍‌ରେ ବସି ବାଲିଗୁଡ଼ା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ ଦୁଇ ଛାତ୍ର । ସେଠାରୁ ଦୁଇଜଣ ମହିଳା ଦୁଇ ଛାତ୍ରଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଥାନାର ଜିମା ଦେଇଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ୍ ଅନ୍ତର୍ଗତ ରୁତୁଙ୍ଗିଆ ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ୍ ଆଶ୍ରମରେ । ସୂଚନା ପ୍ରକାରେ ରବିବାର ସକାଳୁ କୌଣସି କାରଣରୁ ରୁତୁଙ୍ଗିଆ ନିକଟରେ ଥିବା ସେଣ୍ଟ ଜାଭିୟର ଆଶ୍ରମ ସ୍କୁଲ୍‌ର ୩ୟ ଶ୍ରେଣୀର ରୋହନ୍ ପ୍ରଧାନ ଓ ୪ର୍ଥ ଶ୍ରେଣୀର ଆୟୁଷ ଦିଗାଳ ନାମକ ଦୁଇଜଣ ଛାତ୍ର ସ୍କୁଲ୍ ପରିସରରୁ ଲୁଚି ପଳାଇ ଆସିଥିଲେ । କିଛି ବାଟ ଚାଲିବା ପରେ ରୁତୁଙ୍ଗିଆ ଗାଁ ମୁଣ୍ଡ ଘାଟିରେ ଓଏସ୍‌ଆର୍‌ଟିସି ବସ୍ ଅଟକାଇ ସେଥିରେ ବସି ବାଲିଗୁଡ଼ା ବସ୍ ଷ୍ଟାଣ୍ଡରେ ପହଞ୍ଚିଥିଲେ । ବାଲିଗୁଡ଼ା ବସ୍ ଷ୍ଟାଣ୍ଡରେ ଦୁଇ ମହିଳା ଛାତ୍ର ଦୁଇଜଣଙ୍କୁ ଏକୁଟିଆ ଦେଖି ପଚରାଉଚରା କରିବାରୁ କୌଣସି ପ୍ରକାର ସନ୍ତୋଷଜନକ ଉତ୍ତର ନପାଇବାରୁ ଦୁଇଜଣଙ୍କୁ ସାଥିରେ ଆଣି ବାଲିଗୁଡ଼ା ଥାନାରେ ଜିମା ଦେଇଥିଲେ । ପରେ ଛାତ୍ର ଦୁଇଜଣଙ୍କ ପରିବାର ଲୋକଙ୍କୁ ଥାନା ପକ୍ଷରୁ ସୂଚନା ଦେବାପରେ ଉଭୟ ଛାତ୍ରଙ୍କ ଅଭିଭାବକ ଥାନାରେ ପହଞ୍ଚିଛନ୍ତି । ବର୍ତ୍ତମାନ ସୁଦ୍ଧା ସ୍କୁଲ୍ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ହସ୍ତଗତ ସମ୍ଭବ ହୋଇନଥିବା ବେଳେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଏଭଳି ଘଟଣା ଘଟିଛି । ଏଥିରେ ପିଲାଙ୍କ କିଛି ଅସୁବିଧା ହୋଇଥାନ୍ତା ତେବେ ଏଥିପାଇଁ କିଏ ଦାୟୀ ହେବେ ବୋଲି ପ୍ରଶ୍ନ କରିଛନ୍ତି ଛାତ୍ରଙ୍କ ବାପା, ମା । ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ଯୋଗୁ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି କହିଛନ୍ତି ଉଦ୍ଧାରକାରୀ ମହିଳା।




# ମୟୂରଭଞ୍ଜ କଲ୍ୟାଣ ବିଭାଗ ଶିକ୍ଷକ ସଂଘର ଜରୁରୀ ବୈଠକ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା କାର୍ଯ୍ୟ ନିର୍ବାହୀ ସମିତିର ଏକ ଜରୁରୀ ବୈଠକ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ବାରିପଦା କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବିଇଡି ଶିକ୍ଷାଗତ ଯୋଗ୍ୟତା ଥିବା ଏମ୍‌ସିଟି ଶିକ୍ଷକଙ୍କୁ ଆଶ୍ରମ ସ୍କୁଲ୍‌ରେ ଖାଲିଥିବା ପ୍ରଧାନ ଶିକ୍ଷକ ପଦବୀରେ ପଦୋନ୍ନତି ଦେଇ ଖାଲି ରହିଥବା ପଦବୀ ପୂରଣ କରାଯିବା ପ୍ରାବଧାନ ରହିଛି । ସେହିପରି ଯେଉଁ ଏମ୍‌ସିଟି ଶିକ୍ଷକଙ୍କର ବିଇଡି ଶିକ୍ଷାଗତ ଯୋଗ୍ୟତା ନାହିଁ ସେମାନଙ୍କର ସ୍ୱତନ୍ତ୍ର ଗ୍ରେଡେସନ୍ ତାଲିକା ପ୍ରକାଶ କରାଯାଇ ବରିଷ୍ଠତା ଆଧାରରେ ଟିଜିଟି ପ୍ରଧାନଶିକ୍ଷକ ପଦବୀ ସୃଷ୍ଟି ହୋଇନଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ପ୍ରଦାନ କରିବାକୁ ସଂଘ ବାରମ୍ବାର ଦାବି କରୁଥିଲେ ହେଁ, ଜିଲ୍ଲା ପ୍ରଶାସନ ଏହାକୁ ଅଣଦେଖା କରି କନିଷ୍ଠ ମାନଙ୍କୁ ପ୍ରଧାନଶିକ୍ଷକ ପଦରେ ଅବସ୍ଥାନ କରୁଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧିପାଉଛି । ସେହିପରି ନିକଟ ଅତୀତରେ ଘଟିଯାଇଥବା ବଦଳି ପ୍ରକ୍ରିୟାରେ ନାନା ଅସଙ୍ଗତି ରହିଥିବାରୁ ଉପସ୍ଥିତ ସଦସ୍ୟ ଏହାର ସଂଶୋଧନ କରିବାକୁ ଦାବି ଉପସ୍ଥାପନ କରିଥିଲେ । ସାମ୍ପ୍ରତିକ ବଜାର ଦରର ଅହେତୁକ ବୃଦ୍ଧି ଯୋଗୁଁ ମେସ୍ ପରିଚାଳନାରେ ଭାରାକ୍ରାନ୍ତ ହୋଇ ବିଭାଗୀୟ ଶିକ୍ଷକମାନେ କିପରି ମାନସିକ ଚାପରେ କଷ୍ଟ ପାଉଛନ୍ତି ସେ ବିଷୟରେ ବିସ୍ତୃତ ଆଲୋଚନା କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ ସକାଶେ ଦାବି ଉପସ୍ଥାପନ କରିଥିଲେ । ଏଣୁ ଏକ ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏଗୁଡିକର କାର୍ଯ୍ୟକାରିତା ଦିଗରେ ଆଲୋଚନା କରିବାକୁ ନିଷ୍ପତି ହୋଇଛି । ଯଦି ଆଲୋଚନା ସକାରାତ୍ମକ ନହେବ, ତେବେ ଜିଲ୍ଲା ସଂଘ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି କୁହାଯାଇଛି । ବୈଠକରେ ସାଧାରଣ ସମ୍ପାଦକ ଧ୍ରୁବଚରଣ ମୁର୍ମୁ, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ଦୀପକ କୁମାର ଦଣ୍ଡପାଟ, ବିଶ୍ୱନାଥ ସାହୁ, ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା, ରୋହିନ କୁମାର ମହାନ୍ତି ପ୍ରମୁଖ ସମସ୍ତ ସଂଘୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜନତାଙ୍କ ଭିତରେ ଦିବ୍ୟ ଚେତନା ଜାଗ୍ରତ କରିଥିଲେ ସ୍ୱାମୀ ଶିବାନନ୍ଦ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର କୁଲାଡେରା ସ୍ଥିତ ଦିବ୍ୟ ଜୀବନ ସଂଘ ପରିସରରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୬୨ ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝରର ଅନେକ ଦିବ୍ୟ ଜୀବନ ସଂଘର ତଥା ସ୍ୱାମୀ ଶିବାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ସଦସ୍ୟ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସ୍ୱାମୀ ଶିବାନନ୍ଦ ସମଗ୍ର ଭାରତର କୋଣେ କୋଣେ ଦିବ୍ୟବାର୍ତ୍ତା ଓ ଦବ୍ୟବାଣୀ ବାଣ୍ଟିବା ଉଦ୍ଦେଶ୍ୟରେ ଭ୍ରମଣ କରି ଲୋକଙ୍କ ଭିତରେ ଦିବ୍ୟ ଚେତନା ଜାଗ୍ରତ କରାଇଥିଲେ । ଜନସାଧାରଣଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇବା ସହ ଯୋଗ ମାଧ୍ୟମରେ ସୁସ୍ଥତାର ମନ୍ତ୍ର ପ୍ରଦାନ କରିଥିଲେ। ସ୍ୱାମୀ ଶିବାନନ୍ଦ ଧର୍ମ, କର୍ମ ଓ ଆଦର୍ଶର ଜୀବନଧାରଣ କରିବା ସହ ସମଗ୍ର ଦେଶରେ ଭଗବତ ପ୍ରେମର ପ୍ରଚାର ଓ ପ୍ରସାର କରଥିଲେ ବୋଲି ଅବସରପ୍ରାପ୍ତ ପ୍ରାଧାପକ ଡକ୍ଟର ବନବିହାରୀ ମିଶ୍ର କହିଥିଲେ। ଏହି ଧର୍ମପୁରୁଷଙ୍କ ୬୨ ତମ ଦିବ୍ୟପ୍ରାପ୍ତି ଅବସରରେ ଚିତ୍ତରଞ୍ଜନ ଦାସ, ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ସମାଜ ସଂସ୍କାର ପାଇଁ ସ୍ୱାମୀ ଶିବାନନ୍ଦ ପ୍ରଚାର କରିଥିବା ବାଣୀ ବିଷୟରେ ତାଙ୍କ ଜୟନ୍ତୀ ପାଳନ ଅବସରରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଜଗନ୍ନାଥ ପଣ୍ଡା, ଆଜୀବନ ସଦସ୍ୟ ଡ଼ ବନ ବିହାରୀ ମିଶ୍ର, ସ୍ୱାମୀ ସତ୍ୟଚୈତନ୍ୟ, ପ୍ରଦ୍ୟୁମ୍ନ କୁମାର ସାହୁ, ବିରଞ୍ଚି ନାରାୟଣ ଦାସ, ପ୍ରାଣକୃଷ୍ଣ ଦାଶ ସତ୍ୟଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ।

# ମନସୁର ପୀର ବାବାଙ୍କ ଉର୍ସ ଉତ୍ସବ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କୋର୍ଟ ପରିସରରେ ଥିବା ଜିଲ୍ଲାର ପ୍ରଖ୍ୟାତ ହଜରତ ସୟଦ ମନସୁର ସାହା ବାବାଙ୍କ ଉର୍ସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଉର୍ସ କମିଟି ତରଫରୁ ସଭାପତି ସେକ୍ ଗୟାସୁଦ୍ଦିନ, ସଂପାଦକ ସେକ୍ ବରକତୁଲ୍ଲା, ହାଜି ସେକ୍ ସଲାଉଦ୍ଦିନ, ସେକ୍ କୟୟୁମ୍, ସେକ୍ ମହେମୁଦ, ସେକ୍ ସୋଲେମାନ ପ୍ରମୁଖଙ୍କ ଦ୍ୱାରା ଜିଲ୍ଲା ତଥା ଜିଲ୍ଲା ତଥା ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବିଶିଷ୍ଟ ମୌଲବୀ ମାନେ ଏହି ଉର୍ସ ଉତ୍ସବରେ ଯୋଗଦେଇ ଇସଲାମ ଧର୍ମ ଓ ପୀର ବାବାଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଆଲୋକପାତ କରିଥିଲେ । ଏହି ଉର୍ସ ଉତ୍ସବରେ ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଭୋଜନର ବ୍ୟବସ୍ଥା କରାଯାଇଥିଲା। ଦୁଇ ଦିନ ଧରି ଚାଲିଥିବା ଏହି ଉର୍ସ ପାଇଁ ବାହାରୁ ଅସୁଥିବା ଶ୍ରଦ୍ଧାଳୁ ଏବଂ ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସମସ୍ତ ପ୍ରକାର ସହଜ ବ୍ୟବସ୍ଥା କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସେକ୍ ମୁସ୍ତାକ, ସେକ୍ ଏଜାଜୁଦ୍ଦିନ, ସେକ୍ ଗଫାର, ସେକ୍ ସାହିଦ, ସେକ୍ ଆବାଦି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ୨୪ରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜୁଲାଇ ୨୪ ତାରିଖରେ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବ । ଓଡ଼ିଶା ଉପକୂଳ ଓ ବାହାରେ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ପବନର ବେଗ ଘଣ୍ଟା ପ୍ରତି ୩୫ରୁ ୪୫ କି.ମି. ଏବଂ ସ୍ଥଳ ବିଶେଷରେ ୫୫ କି.ମି.କୁ ଛୁଇଁପାରେ । ଏଣୁ ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ଭାଙ୍ଗିଲା ବାଉଁଶବାଡ଼, ଉଜୁଡ଼ିଲା ସୌନ୍ଦର୍ଯ୍ୟ:୨ କୋଟି ବରବାଦ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କେଉଁଠି ବାଉଁଶ ବତା ଶୁଖି ଝଡ଼ି ପଡ଼ିଲାଣି ତ କେଉଁଠି ରାସ୍ତା ପାର୍ ହେବାକୁ ଲୋକେ ଭାଙ୍ଗିଦେଇଛନ୍ତି। ପୁଣି ଆଉ କେଉଁଠି ଷଣ୍ଢ ଶିଙ୍ଘ ଘଷୁଘଷୁ ଉପୁଡ଼ି ପଡ଼ିଛି। ପୁଣି ଆଉ କେଉଁଠି ମେଡିଆନ୍‌ରୁ ରାସ୍ତାକୁ ଝୁଲି ରହିଛି। ଟିକିଏ ପବନ ହେଲେ ତାହା ଲୋକଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ମାର୍ଟ ଜନପଥର ମେଡିଆନ୍‌ରେ ଲାଗିଥିବା ବାଉଁଶ ବତା ୫ ବର୍ଷ ପର୍ଯ୍ୟନ୍ତ ନଷ୍ଟ ହେବନି ବୋଲି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍)କହିଥିଲା। ଏପରିକି ମେଡିଆନ୍‌ରେ ଲାଗିଥିବା ଏହି ବାଉଁଶ ବତାର ରକ୍ଷଣାବେକ୍ଷଣ ପାଇଁ କାର୍ଯ୍ୟର ଦାୟିତ୍ୱ ନେଇଥିବା ଠିକାସଂସ୍ଥା ୫ ବର୍ଷିଆ ଚୁକ୍ତି ମଧ କରିଥିଲା। । ମାତ୍ର



ଦୁଇ/ତିନି ବର୍ଷରେ ବାଉଁଶ ବତାଗୁଡ଼ିକ ନଷ୍ଟ ହୋଇଗଲାଣି। ଠିକାସଂସ୍ଥା ଆଉ ଧରାଛୁଆଁ ଦେଉନି। ସ୍ମାର୍ଟ ଜନପଥ ମେଡିଆନ୍‌ରେ ପୂର୍ବରୁ ଲୁହାବାଡ଼ ରହିଥିଲା। ରାଜମହଲ ଓ ରାଜମହଲରୁ ରାମମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଏହି ଲୁହାବାଡ଼ ଚୋରି ହୋଇଯାଇଥିଲା। ଲୁହାବାଡ଼ ମରାମତି ପାଇଁ ପ୍ରଥମେ ଯୋଜନା ହୋଇଥିଲା। କିନ୍ତୁ ଜନପଥ ଭୁବନେଶ୍ୱରର ଏକ ଆଦର୍ଶ ରାସ୍ତା ହୋଇଥିବାରୁ ଏହାକୁ ସୁନ୍ଦର ତଥା ପରିବେଶ ଅନୁକୂଳ କରିବାକୁ ଚିନ୍ତା କରାଗଲା। କୋଲକାତା ଭଳି ସ୍ମାର୍ଟସିଟିରେ ବାଉଁଶ ବାଡ଼ା ଲାଗିଛି, ଏଠାରେ ମଧ ସେହିପରି ବାଉଁଶ ବାଡ଼ା କରିବାକୁ ଯୋଜନା ହୋଇଥିଲା। ମରାମତି ସହିତ ପ୍ରାୟ ୨ କୋଟି ଟଙ୍କାରେ ଚୁକ୍ତିହୋଇ ଠିକା ସଂସ୍ଥା ଜରିଆରେ ବାଉଁଶ ଓ ବତା ପୋତା ହୋଇଥିଲା। ବତାକୁ ଛକି ଛକି କରି ଲଗାଯାଇ ଏଥିରେ ସବୁଜ ଓ ହଳଦିଆ ରଙ୍ଗ ବୋଳାଯାଇଥିଲା। ହେଲେ ନିମ୍ନମାନର ବାଉଁଶ ଲଗା ହୋଇଥିବାରୁ ଏହା ଖୁବ୍‌ଶୀଘ୍ର ନଷ୍ଟ ହୋଇଗଲା। ତେବେ କଙ୍କଡ଼ାକୁ ଗୋଲିପାଣି ସୁହାଇଲା ଭଳି ଚୁକ୍ତି ମୁତାବକ ଜନପଥରେ ବାଉଁଶ ବତା ଲଗାଇଥିବା ଠିକା ସଂସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆଉ ୨ ବର୍ଷ ବାକି ଥିବାବେଳେ ଏହାକୁ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ହଟାଇବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏଯାବତ୍ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅଥଚ ସେହି ଆଳରେ ଠିକା ସଂସ୍ଥା ଏହାର ମରାମତି କରୁନାହିଁ। ସୂଚନାଯୋଗ୍ୟ ଯେ ଗତ ଜାନୁଆରୀରେ ମେଟ୍ରୋ ରେଳପ୍ରକଳ୍ପ ପାଇଁ ଏୟାରପୋର୍ଟରୁ ପଟିଆ ପର୍ଯ୍ୟନ୍ତ ରାସ୍ତାର ମେଡିଆନ୍ ଓ କଡ଼ରୁ ବିଦ୍ୟୁତ୍ ଖୁଣ୍ଟି, ସିମେଣ୍ଟ ଚେୟାର୍ ହଟାଇବାକୁ ନିଷ୍ପତ୍ତି ହୋଇଥିଲା। ଜନପଥରୁ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଏହାକୁ ହଟାଇବେ। ଏୟାରପୋର୍ଟରୁ ଶିଶୁଭବନ ଓ ଜୟଦେବ ବିହାରରୁ ପଟିଆ ପର୍ଯ୍ୟନ୍ତ ରାସ୍ତାରୁ ବିଏମ୍‌ସି ହଟାଇବ। ଏଥିପାଇଁ ପ୍ରାୟ ୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆଲୋଚନା ହୋଇଥିଲା।

# ଶିକ୍ଷା-ସ୍ୱାସ୍ଥ୍ୟ-ଗମନାଗମନ ଠାରୁ ବହୁ ଦୂରରେ ବୋଲିଙ୍ଗିଆ



**ଘୁ. ଉଦୟଗିରି, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଘୁମୁସର ଉଦୟଗିରି ବ୍ଲକ ଅନ୍ତର୍ଗତ କଡିଙ୍ଗିଆ ପଞ୍ଚାୟତର ଆଦିବାସୀ ଅଧୁଷିତ ଏକ ଛୋଟ ଗାଁ ବୋଲିଙ୍ଗିଆ । ସରକାରୀ ଅବହେଳାର ଶିକାରରେ ଗ୍ରାମବାସୀ ହନ୍ତସନ୍ତ। ଦେଶ ସ୍ୱାଧୀନତାର ୭୯ ବର୍ଷ ପରେ ମଧ ବିକାଶ ସ୍ପର୍ଶ କରିନଥିବା ଏହି ଗାଁ ସବୁ କ୍ଷେତ୍ରରେ ଅବହେଳିତ। ଏହି ଗ୍ରାମକୁ ଯୋଗାଯୋଗ କରିବାକୁ କୌଣସି ପକ୍କା ରାସ୍ତା ନାହିଁ । ଫଳରେ ବର୍ଷା ଋତୁରେ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଏଠି ଅସୁବିଧା ଚରମ ସୀମାକୁ ପହଞ୍ଚିଛି। ଏକ ପ୍ରାଥମିକ ଉପଚାର କେନ୍ଦ୍ର ପାଖରେ ନଥିବାରୁ ଗୁରୁତର ରୋଗୀମାନେ ଦୂର ଅଞ୍ଚଳକୁ ଯିବାକୁ ବାଧ ହୁଅନ୍ତି। ଗର୍ଭବତୀ ମହିଳାମାନେ ବି ଚିକିତ୍ସା ସୁବିଧା ଅଭାବରେ ବିପଦରେ ପଡୁଛନ୍ତି। ଶିକ୍ଷା କ୍ଷେତ୍ରରେ ବି ଏହି ଗ୍ରାମ ପଛରେ ପଡ଼ିଛି। ପ୍ରାଥମିକ ଶିକ୍ଷା ପାଇଁ ଥିବା ବିଦ୍ୟାଳୟ ଅବ୍ୟବସ୍ଥିତ, ଏବଂ ଉଚ୍ଚ ଶିକ୍ଷା ପାଇଁ ପିଲାମାନେ ଦୂର ଦୂରାନ୍ତକୁ ଯିବାକୁ ବାଧ ହେଉଛନ୍ତି । ଏହି ଗାଁର ସମସ୍ୟା ସରକାର ଓ ପ୍ରଶାସନଙ୍କ ନଜରକୁ ଆସୁନି । ତେଣୁ ଏହି ଅଞ୍ଚଳର ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ରାସ୍ତାର ଉନ୍ନତି, ତଥା ପକ୍କା ରାସ୍ତା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଶିକ୍ଷା ଉପରେ ଜୋର୍ ଦେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଇତିହାସ ରଚିଲା ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଦଳ




**ଭୁବନେଶ୍ୱର**

ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତୀୟ ମିଶ୍ରିତ ଯୁଗଳ ବ୍ୟାଡମିଣ୍ଟନ୍ ଦଳ ପ୍ରଥମ ପଦକ ଜିତି ଇତିହାସ ରଚିଛି। ଭାରତୀୟ ଦଳ ଏହି ଇଭେଣ୍ଟ୍‌ରେ କାଂସ୍ୟ ପଦକ ଜିତି ନୂଆ ଅଧ୍ୟାୟ ଯୋଡ଼ିଛି। ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତ ଶକ୍ତିଶାଳୀ ମାଲେସିଆକୁ ୩-୨ରେ ହରାଇ ସେମିଫାଇନାଲ୍‌କୁ ଯାଇଥିଲା। ସେଠାରେ ଚାଇନିଜ୍ ତାଇପେଇଠାରୁ ହାରି ଲୁଜିଂ ସେମିଫାଇନାଲିଷ୍ଟ ଭାବେ କାଂସ୍ୟ ପଦକ ହାସଲ କରିଥିଲା। ଭାରତୀୟ ବ୍ୟାଡମିଣ୍ଟନ୍ ଦଳର ଅଧିକାଂଶ ସଦସ୍ୟ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରସ୍ତୁତ କରିବା ଏହି ସଫଳତାକୁ ଆହୁରି ଉଲ୍ଲେଖନୀୟ କରିଛି। ଏହି ସ୍ମରଣୀୟ ଓ ବିରଳ ସଫଳତାରେ ଖୁସି ଜାହିର କରି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପ୍ରଫେସର୍ ଡ. ଅଚ୍ୟୁତ ସାମନ୍ତ କହିଛନ୍ତି, ଏହା କେବଳ ଭାରତ ପାଇଁ ଐତିହାସିକ ମାଇଲ୍‌ଖୁଣ୍ଟ ନୁହେଁ, ଓଡ଼ିଶା ଓ କିଟ୍ ପାଇଁ ମଧ୍ୟ ଗୌରବର ବିଷୟ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପ୍ରଥମ ବ୍ୟାଡ୍‌ମିଣ୍ଟନ୍ ପଦକ ଜିତିବା ନେଇ ମୁଁ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଜଣାଉଛି। ଏହି ପଦକ ବର୍ଷ ବର୍ଷର ପ୍ରସ୍ତୁତି, ଏକାଗ୍ରତା ଓ ସଂସ୍ଥାଗତ ସମର୍ଥନର ଫଳ। ସୂଚନାଯୋଗ୍ୟ ଯେ ସୋମବାରଠାରୁ ଏହି ପ୍ରତିଯୋଗିତାର ଆଥଲେଟିକ୍ସ ପର୍ଯ୍ୟାୟ ଆରମ୍ଭ ହେଉଥିଲା ବେଳେ ସବୁ ନଜର ଏବେ ଦେଶର ଦ୍ରୁତତମ ଧାବକ ତଥା କିଟ୍ ଛାତ୍ର ଅନିମେଷ କୁଜୁରଙ୍କ ଉପରେ ରହିଛି। ଅନିମେଷ ୧୦୦, ୨୦୦ ଓ ୪ଗୁଣା ୧୦୦ ରିଲେ ଦୌଡ଼ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଡ. ସାମନ୍ତ ଏଥିଲାଗି ତାଙ୍କୁ ଶୁଭକମନା ଜ୍ଞାପନ କରିଛନ୍ତି।

# ଭାରତ ଆୟୋଜନ କରିବ ୨୦୨୫ ଚେସ୍ ବିଶ୍ୱକପ୍

**ନୂଆଦିଲ୍ଲୀ**

ଚଳିତ ବର୍ଷ ଚେସ୍ ବିଶ୍ୱକପ୍ ଭାରତରେ ଅନୁଷ୍ଠିତ ହେବାକୁ ଯାଉଛି। ଅକ୍ଟୋବର ୩୦ରୁ ନଭେମ୍ବର ୨୭, ୨୦୨୫ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ମର୍ଯ୍ୟାଦାସମ୍ପନ୍ନ ଟାଇଟଲ୍ ଏବଂ ୨୦୨୬ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟରେ ଯୋଗ୍ୟତା ଅର୍ଜନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ।



୨୦୨୫ ଚେସ୍ ବିଶ୍ୱକପରେ ୨୦୬ ଜଣ ଖେଳାଳି ନକ୍‌ଆଉଟ୍ ଫର୍ମାଟରେ ଅଂଶଗ୍ରହଣ କରିବେ। ଏହି ଫର୍ମାଟରେ ପ୍ରତ୍ୟେକ ରାଉଣ୍ଡରେ ହାରିଥିବା ଖେଳାଳି ବାହାରି ଯାଆନ୍ତି, ଯାହା ଏକ ଅଣଧାର୍ଯ୍ୟ ଓ ରୋମାଞ୍ଚକର ପ୍ରତିଯୋଗିତା ସୃଷ୍ଟି କରେ। ୨୦୨୧ ମସିହାଠାରୁ ଏହି ଟୁର୍ଣ୍ଣାମେଣ୍ଟ ଏକକ ନିର୍ମୂଳନ (ସିଙ୍ଗଲ୍ ଏଲିମିନେସନ୍) ଫର୍ମାଟ ଅନୁସରଣ କରୁଛି। ପ୍ରତ୍ୟେକ ରାଉଣ୍ଡ ତିନି ଦିନ ଧରି ଚାଲେ : ପ୍ରଥମ ଦୁଇ ଦିନରେ ଦୁଇଟି କ୍ଲାସିକାଲ୍ ଗେମ୍ ଏବଂ ଆବଶ୍ୟକ ହେଲେ ତୃତୀୟ ଦିନରେ ଟାଇ-ବ୍ରେକ୍। ପ୍ରଥମ ରାଉଣ୍ଡରେ ଶୀର୍ଷ ୫୦ ଜଣ ଖେଳାଳି ବାଇ ପାଆନ୍ତି, ଆଉ ୫୧ ରୁ ୨୦୬ ପର୍ଯ୍ୟନ୍ତ ସ୍ଥାନ ପାଇଥିବା ଖେଳାଳିମାନେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ଯେଉଁଠାରେ ଶୀର୍ଷ ଅର୍ଦ୍ଧାଂଶ ଖେଳାଳିଙ୍କ ସହ ବିପରୀତ କ୍ରମରେ ନିମ୍ନ ଅର୍ଦ୍ଧାଂଶର ଖେଳାଳିଙ୍କୁ ଯୋଡ଼ା ଯାଇଥାଏ।

୨୦୨୫ ବିଶ୍ୱକପ୍‌ର ଶୀର୍ଷ ତିନି ଜଣ ଖେଳାଳି ୨୦୨୬ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ, ଯାହା ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ର ଚ୍ୟାଲେଞ୍ଜର ନିର୍ଦ୍ଧାରଣ କରେ। ଭାରତରେ ଏହି ବିଶ୍ୱକପ୍ ଆୟୋଜନ ବିଶେଷ ଭାବେ ଉତ୍ସାହଜନକ। ଭାରତ ଚେସ୍ ଜଗତରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି, ଯେଉଁଥିରେ ପାଞ୍ଚଥରର ବିଶ୍ୱ ଚାମ୍ପିଅନ ତଥା ଫିଡ଼େ ଡେପୁଟି ପ୍ରେସିଡେଣ୍ଟ ବିଶ୍ୱନାଥନ ଆନନ୍ଦଙ୍କର ପ୍ରୟାସ ଓ ଉତ୍ତରାଧିକାର ଦେଶରେ ଚେସ୍‌କୁ ଜନପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭାରତର ଯୁବ ତାରକାମାନେ ମଧ୍ୟ ଚମକ ଦେଖାଉଛନ୍ତି। ଗୁକେଶ ଡୋମ୍ମାରାଜୁ ୧୮ ବର୍ଷ ବୟସରେ ସବୁଠାରୁ କମ୍ ବୟସ୍କ ଫିଡେ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଛନ୍ତି। ପ୍ରଜ୍ଞାନନ୍ଦ ଆର୍ ୨୦୨୩ ବିଶ୍ୱକପ୍‌ରେ ରନର୍ସ-ଅପ୍ ହାସଲ କରିଥିଲେ, ଆଉ ଅର୍ଜୁନ ଏରିଗାଇସି ବର୍ତ୍ତମାନ ବିଶ୍ୱରେ ପାଞ୍ଚ ନମ୍ବର ସ୍ଥାନରେ ଅଛନ୍ତି। ୨୦୨୪ରେ ଭାରତୀୟ ଓପନ ଓ ମହିଳା ଦଳ ଚେସ୍ ଓଲିମ୍ପିଆଡ୍‌ରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ।

ଏହା ସହିତ ଗୁକେଶ, ଏରିଗାଇସି, ଦେଶମୁଖ ଓ ଅଗ୍ରୱାଲ ଚାରିଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ, କୋନେରୁ ହମ୍ପୀ ୨୦୨୪ ଫିଡେ ମହିଳା ରାପିଡ୍ ଚାମ୍ପିଅନସିପରେ ସ୍ୱର୍ଣ୍ଣ ଏବଂ ବୈଶାଳୀ ରମେଶବାବୁ ୨୦୨୪ ଫିଡେ ମହିଳା ବ୍ଲିଟ୍ଜ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିଥିଲେ। ଭାରତରେ ଏହି ବିଶ୍ୱକପ୍ ଆୟୋଜନ ଦେଶର ଚେସ୍ ପ୍ରତିଭାଙ୍କୁ ବିଶ୍ୱ ମଞ୍ଚରେ ଆହୁରି ଆଲୋକିତ କରିବ ବୋଲି ଆଶା କରାଯାଉଛି।

# ମାଞ୍ଚେଷ୍ଟର ଟେଷ୍ଟରେ ଡେବ୍ୟୁ କରିବେ ଅଂଶୁଲ କମ୍ବୋଜ : ବିସିସିଆଇ



**ନୂଆଦିଲ୍ଲୀ**

ଇଂଲଣ୍ଡ ଗସ୍ତରେ ଭାରତୀୟ କ୍ରିକେଟ୍ ଦଳକୁ ଘାରିଛି ଆହତ ସମସ୍ୟା। ଜଣଙ୍କ ପରେ ଜଣେ ଦଳର ଷ୍ଟାର ଖେଳାଳି ଆହତ ହେଉଛନ୍ତି। ଏବେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏ ସମ୍ପର୍କରେ ଜାରି କରିଛି ଅପଡେଟ୍। ବିସିସିଆଇ ଏକ ବିଜ୍ଞପ୍ତି ଜାରି କରି କହିଛି ଯେ ବାମ ଆଣ୍ଠୁ ଆଘାତ ଯୋଗୁଁ ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ବାକି ଦୁଇଟି ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ବର୍ତ୍ତମାନ ନୀତିଶ ରେଡ୍ଡୀ ଘରକୁ ଫେରିଆସିବେ। ଦଳ ତାଙ୍କ ଶୀଘ୍ର ଆରୋଗ୍ୟ କାମନା କରୁଛି।

ସେହିଭଳି ବିସିସିଆଇ ବିଜ୍ଞପ୍ତିରେ କହିଛି ଯେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ ମାଞ୍ଚେଷ୍ଟରରେ ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବେକେନହାମରେ ଏକ ତାଲିମ ଅଧିବେଶନ ସମୟରେ ନେଟ୍ସରେ ବୋଲିଂ ବେଳେ ପେସର ଅର୍ଶଦୀପ ସିଂହଙ୍କ ବାମ ଆଙ୍ଗୁଠିରେ ଲାଗିଥିଲା ଆଘାତ। ବିସିସିଆଇ ଡାକ୍ତରୀ ଦଳ ଅର୍ଶଦୀପ ସିଂହଙ୍କ ଅଗ୍ରଗତି ଉପରେ ନଜର ରଖିଛି।

ବିସିସିଆଇର ବିଜ୍ଞପ୍ତିରେ କୁହାଯାଇଛି ଯେ ପୁରୁଷ ଚୟନ ପ୍ୟାନେଲ ଡାହାଣହାତୀ ଦ୍ରୁତ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛି । କମ୍ବୋଜ ମାଞ୍ଚେଷ୍ଟରରେ ଭାରତୀୟ ଦଳରେ ଯୋଗ ଦେଇଛନ୍ତି । ତେବେ ଯଦି ଚୂଡ଼ାନ୍ତ ଏକାଦଶରେ ଅଂଶୁଲ କମ୍ବୋଜଙ୍କୁ ସ୍ଥାନ ମିଳେ ତେବେ ସେ ଏହି ମ୍ୟାଚ୍‌ରେ ଟେଷ୍ଟ ଡେବ୍ୟୁ କରିବେ।

ଅଂଶୁଲ କାମ୍ବୋଜ, ଘରୋଇ କ୍ରିକେଟରେ ହରିୟାଣା ପାଇଁ ଖେଳନ୍ତି। ଭାରତୀୟ କ୍ରିକେଟର ସେ ଜଣେ ଦ୍ରୁତ ବୋଲର ଓ ଅଲରାଉଣ୍ଡର ଭାବେ ଜଣାଶୁଣା। ନିକଟରେ ସେ ରଣଜୀ ଟ୍ରଫିରେ ଗୋଟିଏ ଇନିଂସରେ ୧୦ଟି ଓ୍ୱିକେଟ୍ ନେଇ ରଚିଥିଲେ ଇତିହାସ ।

କେରଳ ବିପକ୍ଷରେ ରଣଜୀ ମ୍ୟାଚରେ ହରିୟାଣା ପାଇଁ ଖେଳି ଅଂଶୁଲ ଗୋଟିଏ ଇନିଂସରେ ନେଇଥିଲେ ସମସ୍ତ ୧୦ ଓ୍ୱିକେଟ୍ । ଏହି ପ୍ରଦର୍ଶନ ପରେ ତାଙ୍କୁ ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କ ସହ ତୁଳନା କରାଯାଇଥିଲା, ଯିଏକି ପୂର୍ବରୁ ଏହିପରି ସଫଳତା ପାଇଥିଲେ।

ଆଇପିଏଲ୍ ଫ୍ରାଞ୍ଚାଇଜମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଅଂଶୁଲ କାମ୍ବୋଜଙ୍କ ପ୍ରଦର୍ଶନ। ଆଇପିଏଲ୍ ୨୦୨୫ ନିଲାମରେ ଚେନ୍ନାଇ ସୁପର କିଙ୍ଗସ୍ ତାଙ୍କୁ ୩.୪ କୋଟି ଟଙ୍କାରେ କିଣିଥିଲା। ଯାହା ତାଙ୍କ ବେସ୍ ପ୍ରାଇସଠାରୁ ୧୧ ଗୁଣା ଅଧିକ ଥିଲା। ଏହା ପୂର୍ବରୁ ସେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମଧ୍ୟ ଖେଳିଥିଲେ।

କେବଳ ରଣଜୀ ଟ୍ରଫି ନୁହେଁ, ଅଂଶୁଲ ଭାରତ-ଏ ଦଳ ପାଇଁ ମଧ୍ୟ ଖେଳିଛନ୍ତି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଏକ ମ୍ୟାଚରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ବ୍ୟତୀତ ଚେନ୍ନାଇ ସୁପର କିଙ୍ଗସ୍ ପାଇଁ ଖେଳିବା ସମୟରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଓ୍ୱିକେଟ୍ ନେଇ ନିଜର ଦକ୍ଷତା ପ୍ରମାଣିତ କରିଛନ୍ତି। ବୁଧବାର, ଜୁଲାଇ ୨୩, ୨୦୨୫ ରେ ଆରମ୍ଭ ହେବ ମାଞ୍ଚେଷ୍ଟର ଟେଷ୍ଟ। ଏଥିରେ ଦମ୍ ଦେଖାଇବାକୁ ତୟାର କମ୍ବୋଜ।

## ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୁନ୍ଦରଗଡ଼ ବିଜୟୀ, ଢେଙ୍କାନାଳ ସୁବର୍ଣ୍ଣପୁର ମ୍ୟାଚ୍ ଡ୍ର

## ଜୋନାଲ ଫାଇନାଲରେ ସୁନ୍ଦରଗଡ଼ ରାଉରକେଲା



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡ଼ିଆ ଠାରେ ସୋମବାର ୬୪ତମ ସାହାଣୀ କପ୍ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇ ଯାଇଛି। ଲିଗ୍ କମ୍ ନକ୍ ଆଉଟ୍ ପଦ୍ଧତିରେ ଅନୁଷ୍ଠିତ ସୋମବାର ପ୍ରଥମ ଖେଳରେ ସୁନ୍ଦରଗଡ଼ ଜିଲ୍ଲା ବାଲେଶ୍ୱର ଜିଲ୍ଲା ବିପକ୍ଷରେ ରାଉରକେଲ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ଲାଭ କରି ପୂରା ପଏଣ୍ଟ ହାସଲ କରିଛି। ପ୍ରଥମାର୍ଦ୍ଧ ଖେଳ ଆରମ୍ଭ ହେବାର ତୃତୀୟ ମିନିଟରେ ଦୁଇ ଦଳ ପଡ଼ିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ସୁନ୍ଦରଗଡ଼ ପ୍ରତିପକ୍ଷ ଗୋଲ ପୋଷ୍ଟ ନିକଟରେ ଗୋଲ ଦେବାର ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲା ଏବଂ ସୁନ୍ଦରଗଡ଼ର ଜର୍ସି ନମ୍ବର ୧୩ କରନ କୁଜୁର ଏହାକୁ ହାତଛଡ଼ା ନକରି ଦଳ ପକ୍ଷରୁ ଏକ ଚମତ୍କାର ସଟ୍ ଜରିଆରେ ଏହି ବିଜୟସୂଚକ ଗୋଲଟି ଦେଇଥିଲେ। ପରେ ପରେ ବାଲେଶ୍ୱର ଜିଲ୍ଲା ପରସ୍ପର ସହ ବୁଝାମଣା ରକ୍ଷା କରି କେତୋଟି ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ତ୍ରୁଟିପୂର୍ଣ୍ଣ ସୁଟିଂ ଯୋଗୁଁ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରିନଥିଲେ ଏବଂ ୧-୦ ଗୋଲରେ ପରାଜୟ ସ୍ୱୀକାର କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ଲିଗ୍ ପର୍ଯ୍ୟାୟରେ ସମୁଦାୟ ୩ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ସମୁଦାୟ ୯ ପଏଣ୍ଟ ହାସଲ କରି 'ଏ' ଗ୍ରୁପ ଲିଗ୍ ଟେବୁଲରେ ଶୀର୍ଷରେ ରହିବା ସହ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି। ଆସନ୍ତା ୨୩ ତାରିଖ ବୁଧବାର ଦିନ ସୁନ୍ଦରଗଡ଼ ଜୋନାଲ ଫାଇନାଲରେ ରାଉରକେଲାକୁ ଭେଟିବ। ଦୁଇଟି ଦଳ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଥିବା ବେଳେ ସୋମବାର ଢେଙ୍କାନାଳ ଏବଂ ସୁବର୍ଣ୍ଣପୁର ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଖେଳର କୌଣସି ଗୁରୁତ୍ୱ ନ ଥିଲା। ଏହି ଖେଳରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଦୁଇ ଦଳର ରାକ୍ଷଣଭାଗ ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ସମସ୍ତ ଆକ୍ରମଣକୁ ପଣ୍ଡ କରିଥିଲେ। ଏହି ଅନ୍ତିମ ଖେଳଟି ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ।

ଖେଳ ଆରମ୍ଭ ହେବା ପୂର୍ବରୁ ସୋମବାରର ଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ସଦସ୍ୟ ଶିବ ନାରାୟଣ ମହାନ୍ତ, ବିଭୁତି ଭୂଷଣ ପ୍ରଧାନ ଏବଂ ବିଶିଷ୍ଟ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡାଙ୍କ ସହ ଖେଳାଳିମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଏହି ଖେଳରେ ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ, ରାଜ କୁମାର ମିଶ୍ର, ସୁରେଶ ଚନ୍ଦ୍ର ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ବୀରଭଦ୍ର ପରିଡ଼ା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଞ୍ଚାସୀନ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର ଅନୁଷ୍ଠିତ ପ୍ରଥମ ଖେଳରେ ଆଶୀର୍ବାଦ କାନୁନଗୋ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଶୁଭମ ପାତ୍ର ଓ ଚକ୍ରଧର ଚାଟାର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ସୁବ୍ରତ ପୁରୋହିତ। ସେହିପରି ଦ୍ୱିତୀୟ ଖେଳରେ ଉତ୍କଳମଣି ବେହେରା ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ରାଇମୋହନ ମୁର୍ମୁ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତ୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ବିଶ୍ରାମ ଦିବସରେ ତାରିଣୀ ଫୁଟବଲ ଏକାଡେମୀ ଓ ଜେଏସଡବ୍ଲୁ ଫାଉଣ୍ଡେସନ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ଭାରତର ସୁରକ୍ଷାକୁ ନେଇ ଏଫଆଇଏଚକୁ ଚିଠି ଲେଖିଲା ପାକିସ୍ତାନ



**କରାଚୀ**

ଆସନ୍ତା ମାସରେ ଭାରତରେ ଏସିଆ କପ୍ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁରକ୍ଷା ଜନିତ କାରଣରୁ ପାକିସ୍ତାନ ଏଥିରେ ଅଂଶଗ୍ରହଣ କରିବାକୁ ରାଜି ନ ଥିବା ପାକିସ୍ତାନ ହକି ମହାସଂଘ (ପିଏଚ୍‌ଏଫ୍) କହିଛି। ଏ ବିଷୟ ସେମାନେ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ) ଓ ଏସିଆନ ହକି ଫେଡ଼େରେସନ (ଏଏଚ୍‌ଏଫ୍)କୁ ଅବଗତ କରାଇଥିବା ପିଏଚ୍‌ଏଫ୍ ମୁଖ୍ୟ ତାରିକ୍ ବୁଗଟି ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଏହି ଇଭେଣ୍ଟଟି ସମ୍ପର୍କରେ ଏଫ୍‌ଆଇଏଚ୍ ଓ ଏଏଚ୍‌ଏଫ୍ ଯାହା ନିଷ୍ପତ୍ତି ନେବେ। ପାକିସ୍ତାନ ଏହାର ମ୍ୟାଚ୍‌ଗୁଡ଼ିକ କେଉଁଠାରେ ଖେଳିବ ତାହା ସେମାନେ ସ୍ଥିର କରିବେ। ଏହି ପ୍ରସଙ୍ଗରେ ପାକିସ୍ତାନ ସରକାର ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ଦଳ ଭାରତ ଗସ୍ତ କରିବ ନାହିଁ ବୋଲି ନିକଟରେ ସରକାରଙ୍କ ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି।

# ଇଂଲଣ୍ଡ ବିପକ୍ଷ ମାଞ୍ଚେଷ୍ଟର ଟେଷ୍ଟରେ ଖେଳିବେ ଜସପ୍ରୀତ ବୁମ୍ରା : ମହମ୍ମଦ ସିରାଜ

**ମାଞ୍ଚେଷ୍ଟର**

ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ନିଶ୍ଚିତ କରିଛନ୍ତି ଯେ ତାରକା ପେସର ଜସ୍‌ପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷ ଆଗାମୀ ମାଞ୍ଚେଷ୍ଟର ଟେଷ୍ଟରେ ଖେଳିବେ। ଚାରି ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ରେ ବୁମ୍ରାଙ୍କ ଅଂଶଗ୍ରହଣ ନେଇ ବ୍ୟାପକ ଚର୍ଚ୍ଚା ହେଉଥିଲା, କାରଣ ଟିମ୍ ମ୍ୟାନେଜମେଣ୍ଟ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ଯେ ବୁମ୍ରା କେବଳ ତିନୋଟି ଟେଷ୍ଟ ମ୍ୟାଚ୍ ଖେଳିବେ।

ବୁମ୍ରା ଏହି ସିରିଜରେ ହେଡ଼ିଙ୍ଗଲେ ଏବଂ ଲର୍ଡସରେ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିଲେ ଏବଂ ଏଜବାଷ୍ଟନରେ ଭାରତର ବିଜୟୀ ମ୍ୟାଚ୍‌ରେ ଅଂଶଗ୍ରହଣ କରି ନଥିଲେ। ଅନେକ ପ୍ରଶଂସକ ଏବଂ ପୂର୍ବତନ ଖେଳାଳି ଅନିଲ କୁମ୍ବଲେ ଭଳି ବିଶେଷଜ୍ଞମାନେ ମାଞ୍ଚେଷ୍ଟରରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବୁମ୍ରାଙ୍କୁ ଖେଳାଇବା ଉଚିତ ବୋଲି ମତ ଦେଇଥିଲେ। ସିରାଜ ଏହା ନିଶ୍ଚିତ କରିଛନ୍ତି ଯେ ବୁମ୍ରା ଏହି ମ୍ୟାଚ୍‌ରେ ମଇଦାନକୁ ଓହ୍ଲାଇବେ।



ସିରାଜ କହିଛନ୍ତି ଯେ ଇଂଲଣ୍ଡର ବ୍ୟାଟିଂ ଲାଇନଅପ୍ ଲର୍ଡସ ଟେଷ୍ଟରେ ଅତ୍ୟନ୍ତ ଧୈର୍ଯ୍ୟ ସହ ଖେଳିଥିଲା, ତେଣୁ ଭାରତୀୟ ବୋଲରମାନେ ମାଞ୍ଚେଷ୍ଟରରେ ନିର୍ଭୁଲ ଏବଂ ନିଷ୍ପାପର ବୋଲିଂ ଉପରେ ଗୁରୁତ୍ୱ ଦେବେ। ସେ କହିଛନ୍ତି, "ଜସ୍ସି (ବୁମ୍ରା) ଭାଇ ଖେଳିବେ, ଏହା ଆମେ ଏବେ ଜାଣିଛୁ। କିନ୍ତୁ ଟିମ୍ କମ୍ବିନେସନ୍ ଦିନକୁ ଦିନ ବଦଳୁଛି। ଆମର ଏକମାତ୍ର ଯୋଜନା ହେଉଛି ଇଂଲଣ୍ଡର ବ୍ୟାଟିଂ ଆକ୍ରମଣକୁ ଦେଖି ନିର୍ଭୁଲ ଅଞ୍ଚଳରେ ବୋଲିଂ କରିବା। କାରଣ ଲର୍ଡସରେ ସେମାନେ ବହୁତ ଧୈର୍ଯ୍ୟ ସହ ବ୍ୟାଟିଂ କରିଥିଲେ। ଏହା ଆମକୁ ଟେଷ୍ଟ କ୍ରିକେଟର ପ୍ରକୃତ ମଜା ଅନୁଭବ କରାଇଲା। ତେଣୁ ଆମର ଯୋଜନା ହେଉଛି କେବଳ ନିର୍ଭୁଲ ଅଞ୍ଚଳରେ ବୋଲିଂ କରିବା।" ବୁମ୍ରା ଏ ପର୍ଯ୍ୟନ୍ତ ଖେଳିଥିବା ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ୧୨ଟି ଓ୍ୱିକେଟ ନେଇଛନ୍ତି, ଯେଉଁଥିରେ ଦୁଇଟି ୫ ଓ୍ୱିକେଟ ହଲ୍ ମଧ୍ୟ ରହିଛି। ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଟିମ୍ ଗଠନ ସମ୍ପର୍କରେ ସିରାଜ୍ ସ୍ପଷ୍ଟ ମନ୍ତବ୍ୟ ଦେବାକୁ ଏଡ଼ାଇ ଦେଇ କହିଛନ୍ତି, "ମୁଁ ଏବେ ଅଭ୍ୟାସରୁ ଫେରିଛି, ତେଣୁ କେଉଁ ଆଲୋଚନା ଚାଲିଛି କି ନାହିଁ, ତାହା ମୋର ଜଣା ନାହିଁ। କେଉଁ କମ୍ବିନେସନ୍ ସହ ଆମେ ମଇଦାନକୁ ଓହ୍ଲାଇବୁ, ତାହା ମୋର ଜଣା ନାହିଁ। ମୋର ଏକମାତ୍ର ଚିନ୍ତା ହେଉଛି ଟିମ୍ ପାଇଁ ଯେଉଁ କମ୍ବିନେସନ୍ ସବୁଠାରୁ ଭଲ, ତାହା ହିଁ ମୁଁ ଚାହୁଁ।"

ଆକାଶ ଦୀପଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅପଡେଟ୍ ଅନ୍ୟ ଦ୍ରୁତ ବୋଲର ଆକାଶ ଦୀପଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସିରାଜ କହିଛନ୍ତି ଯେ ଆକାଶଙ୍କୁ ଗ୍ରୋଇନ (ଉରୁ ନିକଟବର୍ତ୍ତୀ ଅଞ୍ଚଳ)ରେ କିଛି ଅସୁବିଧା ହେଉଛି ଏବଂ ଫିଜିଓ ତାଙ୍କୁ ପରୀକ୍ଷା କରୁଛନ୍ତି। ସେ କହିଛନ୍ତି, "ଆକାଶ ଦୀପଙ୍କ ଗ୍ରୋଇନରେ କିଛି ସମସ୍ୟା ହୋଇଛି, ତେଣୁ ଫିଜିଓ ତାଙ୍କୁ ଚେକ୍ କରୁଛନ୍ତି। ସକାଳେ ସେ ବୋଲିଂ ମଧ୍ୟ କରିଥିଲେ। ଏବେ ଫିଜିଓଙ୍କଠାରୁ କୌଣସି ଫିଡବ୍ୟାକ୍ ମିଳିନାହିଁ, କାରଣ ମୁଁ ଅଭ୍ୟାସ କରୁଥିଲି। ଅଂଶୁଳ (କାମ୍ବୋଜ) ଟିମରେ ସାମିଲ ହୋଇଛନ୍ତି। ଅର୍ଶଦୀପଙ୍କ ହାତରେ ଆଘାତ ଥିଲା, କିନ୍ତୁ ଅଂଶୁଳ ଏବେ ଟିମରେ ଅଛନ୍ତି।"

ଭାରତୀୟ ଟିମ୍ ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଅଂଶୁଳ କାମ୍ବୋଜଙ୍କୁ କଭର ଭାବେ ଅଣାଯାଇଛି। ଉପସଂହାର ଜସପ୍ରୀତ ବୁମ୍ରାଙ୍କ ମାଞ୍ଚେଷ୍ଟର ଟେଷ୍ଟରେ ଫେରିବା ଭାରତୀୟ ବୋଲିଂ ଆକ୍ରମଣକୁ ଆହୁରି ଶକ୍ତିଶାଳୀ କରିବ। ସିରାଜଙ୍କ ମନ୍ତବ୍ୟ ଅନୁଯାୟୀ, ଭାରତୀୟ ଟିମ୍ ଇଂଲଣ୍ଡର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂକୁ ମୁକାବିଲା କରିବା ପାଇଁ ନିର୍ଭୁଲ ବୋଲିଂ ରଣନୀତି ଉପରେ ଗୁରୁତ୍ୱ ଦେଉଛି। ଆକାଶ ଦୀପଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅନିଶ୍ଚିତତା ଥାଇପାରେ, କିନ୍ତୁ ଅଂଶୁଳ କାମ୍ବୋଜଙ୍କ ସାମିଲ ହେବା ଟିମ୍‌କୁ ଅତିରିକ୍ତ ଶକ୍ତି ଯୋଗାଇବ।

# ହକି ପ୍ରଶିକ୍ଷଣ ପାଇଁ ଆସିଥିବା ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁରରେ ବଡ଼ କାଣ୍ଡ। ହକି ପ୍ରଶିକ୍ଷଣ ପାଇଁ ଆସିଥିବା ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ୨ ହକି ପ୍ରଶିକ୍ଷକଙ୍କ ସମେତ ୩ ଜଣଙ୍କ ନାଁରେ ନାବାଳିକା ଅଭିଯୋଗ କରିଛନ୍ତି। ଟାଉନ ଥାନାରେ ମାମଲା ରୁଜୁ ହୋଇଥିବାବେଳେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ୨ ହକି ପ୍ରଶିକ୍ଷକ ଅଟକ ରହିଥିବା ସୂଚନା। ଆଉ ଜଣେ ଅଭିଯୁକ୍ତ ଫେରାର ଥିବା କୁହାଯାଉଛି।

ଏକ ଲଜ୍‌କୁ ନେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ୨ ହକି ପ୍ରଶିକ୍ଷକଙ୍କ ସମେତ ୩ ଜଣଙ୍କ ନାଁରେ ନାବାଳିକାଙ୍କ ଅଭିଯୋଗ ପରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ୨ ହକି ପ୍ରଶିକ୍ଷକଙ୍କ ସହ ଅନ୍ୟ ଅଭିଯୁକ୍ତ ଓ ସହଯୋଗୀଙ୍କୁ ମିଶାଇ ୪ ଅଟକ। ଘଟଣାରେ ୪ ଜଣଙ୍କୁ ଅଟକ ନେଇ ଯାଜପୁର ଏସ୍‌ପି ସ୍ପଷ୍ଟ କରିଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
'e' Procurement Notice No 04 (NGR) / 2025-26
A-408

| | |
|---|---|
| 1. Name of work | Procurement of DG Set |
| 2. Total No. of work | 1(One) |
| 3. Estimated cost | **Rs. 6.77 Lakhs** |
| 4. Period of completion | (01) Calendar Month |
| 5. Date & time of availability of Bid Document in the portal | **15.00** hours of **24.07.2025** to **17.00** hours **04.08.2025** |
| 6. Last date/ Time for receipt of Bids in the Portal | **04.08.2025** up to **17.00 hours** |
| 7. Date and place of opening of Technical Bid | Dt. **05.08.2025** at **11.00** Hours in the office of the Superintending Engineer, Nayagarh Irrigation Division, Nayagarh |
| 8. Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh. |

Further details can be seen from the e-Procurement Portal **"https://tendersodisha.gov.in"**
**Sd/- Superintending Engineer, Nayagarh Irrigation Division, Nayagarh.**
**OIPR-32303/11/0019/2526**

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ/ପୋଷ୍ଟ- ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BERHAMPUR
(At/Po- Ambapua, Near Income Tax office, Berhampur-760011, Ganjam, Odisha)
O-461
(E-Mail (✉):- serwbpr2004@yahoo.com, Tel No.(☎):- 0680-2404287

E-Mail / E-despatch

**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. Online Tender/12-2025-26/PMGSY/BPR**

**The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate** bids in electronic tendering system for construction of roads & Bridges under Pradhan Mantri Gram Sadak Yojana **(Balance Work)** in the districts of **Ganjam for 02 (Two)** number of packages with estimated cost totalling to ***Rs3.01 Cr*** (Approximate) including their maintenance for five years from the eligible contractors registered with **State PWD / CPWD / MES** / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt, preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement. Dtd. ***25.07.2025***

**Availability of Bid Documents and mode of submission :** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer / Executive Engineer** of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: ***08.08.2025*** **upto** ***5.30 P.M***

For further details and corrigendum (if any) please log on to **www.pmgsytenders.gov.in**.

**Sd/- Chief Construction Engineer**
**R.W.Circle, Berhampur**
**OIPR-25071/11/0105/2526**

# ଟେନିସକୁ ଫେରିବେ ଭେନସ ୱିଲିୟମ

**ୱାଶିଂଟନ**



ଭେନସ ୱିଲିୟମ ଟେନିସ ଜଗତକୁ ପ୍ରତ୍ୟାବର୍ତ୍ତନ କରିବେ। ଏକ ବର୍ଷରୁ ଅଧିକ ସମୟ ପରେ ଡିସି ଓପନରେ ଭାଗ ନେବାକୁ ଯାଉଛନ୍ତି। ଏହି ଅବସରରେ ସେ କହିଛନ୍ତି, ତାଙ୍କ ସାନ ଭଉଣୀ ଯଦି ଅବସରରୁ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ସେ ଖୁସି ହେବେ। ୪୩ ବର୍ଷୀୟା ସେରେନା ୨୦୨୨ ୟୁଏସ୍ ଓପନ ପରଠାରୁ ଆଉ ଖେଳି ନାହାନ୍ତି। ଏକଦା ସେ ଟେନିସରେ ଆଧିପତ୍ୟ ବିସ୍ତାର କରି ୨୩ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିବା ବେଳେ ଭେନସଙ୍କ ସହିତ ୧୪ ଡବଲ୍ସ ଜିତିଥିଲେ। ଭେନସ କହିଛନ୍ତି, ନିକଟରେ ଏକ ପ୍ରାକ୍ଟିସ ସେସନରେ ସେରେନା ତାଙ୍କ ସହିତ ୧୫ରୁ ୨୦ ମିନିଟ ଖେଳିଥିଲେ। ଦୁଇ ଭଉଣୀ ଏକଦା ଶ୍ରେଷ୍ଠ ଡବଲ୍ସ ଖେଳାଳି ଥିଲେ। ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିପାରିଥିଲେ। ଭେନସ ଗତ ମାସରେ ୪୫ ବର୍ଷରେ ପଦାର୍ପଣ କରିଛନ୍ତି। ସେ ତାଙ୍କ କ୍ୟାରିୟରରେ ୭ ସିଙ୍ଗଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ତନ୍ମଧ୍ୟରୁ ୨ଟି ୟୁଏସ୍ ଓପନ ଏବଂ ୫ଟି ୱିମ୍ବେଲଡନରେ ଜିତିଛନ୍ତି। ସେ ତାଙ୍କର ଶେଷ ଟୁର୍ଣ୍ଣାମେଣ୍ଟ ୨୦୨୪ ମାର୍ଚ୍ଚରେ ମାୟାମି ଓପନ ଖେଳିଥିଲେ। ଏଥିରେ ସେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ବହୁ ଦିନ ହେଲା ଅଫିସିଆଲ ଡବ୍ଲ୍ୟୁଟିଏ ୱେବ୍ ସାଇଟ୍‌ର ଅଣ ସକ୍ରିୟ ଖେଳାଳି ତାଲିକାରେ ତାଙ୍କ ନାମ ଦେଖିବାକୁ ମିଳୁଛି।

# ହରିଶଙ୍କରରେ ବେଆଇନ ମିନାବଜାର ବନ୍ଦ କରିବାକୁ ପ୍ରଶାସନର ନୋଟିସ୍

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ତଥା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ପ୍ରମୁଖ ଶୈବ ପୀଠ ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କରରେ ଶ୍ରାବଣ ମାସ ପାଇଁ ଭିଡ଼ ହେଉଛି। ଆଉ ଭିଡ଼ରେ ବେଆଇନ୍ ମୀନା ବଜାର ଓ ବିଭିନ୍ନ ଦୋଳି ଲାଗିଥିବା ଦେଖି ପ୍ରଶାସନ ତରଫରୁ ବନ୍ଦ ପାଇଁ ନୋଟିସ ଦେଇଥିବା ଜଣାଯାଇଛି। ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରମୁଖ ହରିଶଙ୍କର ପହଞ୍ଚି ବଜରଙ୍ଗ ବଳୀ ମୀନାବଜାରକୁ ବନ୍ଦ କରିବାକୁ ନୋଟିସ ଦେଇଥିବା ଜଣାଯାଇଛି। ମୀନା ବଜାର ଓ ଦୋଳି ପାଇଁ ପ୍ରଶାସନ ଓ ଅଗ୍ନିଶମ ବିଭାଗରୁ ଅନୁମତି ନେବା କଥା ହେଲେ ବିନା ଅନୁମତିରେ ମିନାନଜାର ଓ ଦୋଳି ଚାଲିଥିବାରୁ ତାକୁ ବନ୍ଦ ପାଇଁ ନୋଟିସ ଦେଇଥିବା ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ ପ୍ରକାଶ କରିଛନ୍ତି।



ସେହି ପରି ରାସ୍ତା ଉପରେ ଦୋକାନ ଖୋଲିବାକୁ ମଧ୍ୟ ବାରଣ କରାଯାଇଛି ବୋଲି କହିଛନ୍ତି। ଏଣୁ ସରକାର ଠାରୁ ଆଦେଶ ଆଣି ମିନା ବଜାର ଯେକୌଣସି ସ୍ଥାନରେ ବ୍ୟବସାୟ କରନ୍ତୁ ନ ହେଲେ ଆଇନ ଅନୁଯାୟୀ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ ।

ଭୁବନେଶ୍ୱର
୨୨ ଜୁଲାଇ,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ



**ଭୁବନେଶ୍ୱର, ୨୧/୦୭ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ। ଭିତର କାଠ ନିକଟରେ ଜଣେ ଛୋଟ ପିଲା ବାନ୍ତି କରିଦେବାରୁ ବଡ଼ ମହାସ୍ନାନ ହୋଇଛି । ଯାହାଫଳରେ ସାଧାରଣ ଦର୍ଶନ କିଛି ସମୟ ପାଇଁ ବନ୍ଦ ରହିଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନାନୁଯାୟୀ, ଅବକାଶ ପୂଜା ସରିବା ପରେ ଭିତର କାଠ ନିକଟରେ ବାନ୍ତି ପଡିଥିବାର ଦୃଶ୍ୟ ସେବାୟତ ଦେଖିବାକୁ ପାଇଥିଲେ। ପରେ ଠାକୁରଙ୍କ ବଡ଼ ମହାସ୍ନାନ କରାଯାଇଛି। ବଡ଼ ମହାସ୍ନାନ ଯୋଗୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଠାକୁରଙ୍କ ବଡ଼ ମହାସ୍ନାନ ନୀତି ସରିବା ପରେ ପୁନର୍ବାର ଦର୍ଶନ ଜାରି ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଚଳଚଞ୍ଚଳ ଧବଳେଶ୍ୱରଙ୍କ ପୀଠ

**ଆଠଗଡ଼, ୨୧/୦୭ ନ୍ୟୁଜ ବ୍ୟୁରୋ**

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଚଳଚଞ୍ଚଳ ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠ। ହଜାର ହଜାର ଶ୍ରଦ୍ଧାଳୁ ଓ କାଉଡିଆମାନେ କଂକ୍ରିଟ ସେତୁ ଦେଇ ଆସି ବାବା ଧବଳେଶ୍ୱରଙ୍କ ଶ୍ରାବଣୀ ଲିଙ୍ଗରେ ଜଳ ଲାଗି କରିଛନ୍ତି । ବିଶ୍ୱାସ ରହିଛି ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ ମାନସିକ ପୂରଣ ହୋଇଥାଏ। ସେଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଛୁଟି ଆସିଥାନ୍ତି ଏହି ପବିତ୍ର ପୀଠକୁ। ଧାର୍ମିକ ବିଶ୍ୱାସ ରହିଛି ଶ୍ରାବଣ ମାସର ସୋମବାରରେ ବାବା ଧବଳେଶ୍ୱରଙ୍କ ମସ୍ତକରେ ଜଳଲାଗି କଲେ କୋଟି ଜନ୍ମର ପୂଣ୍ୟ ମିଳିବା ସହିତ ମାନସିକ



ଶାନ୍ତି ମିଳିଥାଏ। ସେଥିପାଇଁ ଓଡ଼ିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଛୁଟି ଆସିଥାନ୍ତି ଏହି ପବିତ୍ର ପୀଠକୁ। ପୂଜକ ସମିତି ପକ୍ଷରୁ ରାତ୍ର ୪ଟାରେ ପହଡ ଖୋଲାଯାଇ ୧୦୮ କଳସ ପବିତ୍ର ଜଳରେ ବାବାଙ୍କୁ ସ୍ନାନ କରି ମଙ୍ଗଳାଆଳତୀ ପରେ ସମସ୍ତ ନୀତିକାନ୍ତି ସମାପନ କରାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁମାନେ ଜଳଲାଗି କରିଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ମନ୍ଦିର ବେଢ଼ା ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଇ ଭକ୍ତମାନଙ୍କୁ ସୁବିଧାରେ ଦର୍ଶନ କରିବା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀମନ୍ଦିରରେ ଚକ୍ରବୁଲା ଏକାଦଶୀ ନୀତି ସମ୍ପନ୍ନ

**ପୁରୀ,୨୧/୭ ନ୍ୟୁଜ ବ୍ୟୁରୋ**

ସୋମବାର ଶ୍ରୀମନ୍ଦିରେ ଚକ୍ରବୁହା ନୀତି ଅନୁଷ୍ଠିତ ହୋଇଯାଇଛି । ମଧ୍ୟାହ୍ନଧୂପ ନୀତି ଶେଷ ହେବାପରେ ମଇଲମ ହୋଇ ଶ୍ରୀଜୀଉଙ୍କୁ ଖଣ୍ଡୁଆ ପାଟ ପିନ୍ଧାଇ ଆଳତୀ ଓ ସର୍ବାଙ୍ଗ ଆରମ୍ଭ ହୋଇଥିଲା। ଏହାପରେ ଦକ୍ଷିଣ ଘରୁ ମହାଜନ ସେବକଙ୍କ ଦ୍ୱାରା ମଦନ ମୋହନଙ୍କୁ ସିଂହାସନକୁ ଅଣାଯାଇଥିଲା । ମହାପ୍ରଭୁଙ୍କଠାରୁ ଆଜ୍ଞା ମାଳ ପାଇବା ପରେ ମଦନ ମୋହନ ଏକାଦଶୀ ବେଢ଼ା ପରିକ୍ରମା (ଶ୍ରୀମନ୍ଦିର ଭିତରେ)ରେ ଯାଇଥିଲେ। ଏହାପରେ ସୁନା ବେଶରେ ମହାପ୍ରଭୁଙ୍କ ହାତରେ ସୁସଜ୍ଜିତ ସୁନାର ଚକ୍ର (ଚକ୍ର ନାରାୟଣ)ଙ୍କୁ ସିଂହାସନ ନିକଟକୁ ନିଆଯାଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ବିମାନ ବଡୁ ସେବକମାନଙ୍କ ଦ୍ୱାରା ବିମାନରେ ବିଜେ କରାଯାଇଥିଲା। ଉକ୍ତ ବିମାନକୁ ବିମାନ ବଡୁ ସେବାୟତ ସ୍କନ୍ଧରେ ବହନ କରି ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଯାଇଥିଲେ। ସେଠାରେ ପନ୍ତିଭୋଗ ହେବା ପରେ, ଶ୍ରୀକ୍ଷେତ୍ରର ପ୍ରାଚୀନ ଚାରି ଆଶ୍ରମ ଯଥା- ମାର୍କଣ୍ଡେୟ, ଅଙ୍ଗିରା, ଭୃଗୁ, କଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ପ୍ରତି ଆଶ୍ରମରେ ଶୀତଳ ଭୋଗ, ବନ୍ଦାପନା ହୋଇ ନଗର ପରିକ୍ରମା ପରେ ସୁବର୍ଣ୍ଣ ସୁଦର୍ଶନ ଚକ୍ର ଶ୍ରୀମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ। ଏହାକୁ ଚକ୍ରବୁଲା ଏକାଦଶୀ ବୋଲି ମଧ୍ୟ କୁହାଯାଏ । ବର୍ଷରେ ଥରେ ମାତ୍ର ସୁବର୍ଣ୍ଣଚକ୍ର ଶ୍ରୀମନ୍ଦିର ବାହାରକୁ ଏକାକୀ ବିଜେ କରିଥାନ୍ତି । ବର୍ଷର କୁମାର ପୂର୍ଣ୍ଣିମା, ରାଧାଷ୍ଟମୀ ଓ ଗହ୍ମାପୂର୍ଣ୍ଣିମା ଦିନ ଦାରବତନୁ ଚକ୍ରରାଜ ସୁଦର୍ଶନ ମଧ୍ୟ ଆଶ୍ରମ ଭ୍ରମଣ କରିଥାନ୍ତି।

### ପରିବାରର ୩ ଜଣଙ୍କୁ ହତ୍ୟା ମାମଲା

## ପ୍ରମାଣ ଅଭାବରୁ ଫାଶୀ ଦଣ୍ଡାଦେଶ ରଦ୍ଦ କଲେ ହାଇକୋର୍ଟ



**କଟକ,୨୧/୦୭ ନ୍ୟୁଜ ବ୍ୟୁରୋ**

ଅନୁଗୁଳରେ ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା ମାମଲାରେ ଫାଶୀ ଦଣ୍ଡ ପାଇଥିବା ୨ ଆସାମୀଙ୍କୁ ହାଇକୋର୍ଟ ସୋମବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତ ହେଲେ ପ୍ରକାଶ ବେହେରା ଏବଂ ନନ୍ଦ କିଶୋର ସେଠୀ। ଆବଶ୍ୟକ ପ୍ରମାଣ ଅଭାବରୁ ଅଦାଲତ ଏହି ଆଦେଶ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ୨୦୧୭ ମସିହାରେ ଅନୁଗୁଳର ଆଠମଲ୍ଲିକ ଅଞ୍ଚଳରେ ବିଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଦେଢ଼ଲକ୍ଷ ଟଙ୍କା ପାଇଁ ଏକ ପରିବାରର ବାପା, ମାଆ ଏବଂ ତାଙ୍କର ଏକ ପୁଅକୁ ଅଭିଯୁକ୍ତ ପ୍ରକାଶ ବେହେରା ଏବଂ ନନ୍ଦ କିଶୋର ସେଠୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଠମଲ୍ଲିକ ଅତିରିକ୍ତ ସେସନ୍ସ ଜଜ୍ ୨୦୨୪ ସେପ୍ଟେମ୍ବର ୨୭ ତାରିଖରେ ଏହି ମାମଲାରେ ରାୟ ପ୍ରକାଶ କରି ସେହିଦିନ ଦଣ୍ଡାଦେଶ ଘୋଷଣା କରିଥିଲେ । ଉଭୟ ଆସାମୀଙ୍କୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ଅଭିଯୁକ୍ତ ଦ୍ୱୟ ହାଇକୋର୍ଟକୁ ଆସିଥିଲେ । ଆସାମୀଙ୍କ ପକ୍ଷରୁ ଆଇନଜୀବୀ ସତ୍ୟ ରଞ୍ଜନ ମୂଳିଆ ମାମଲା ପରିଚାଳନା କରୁଛନ୍ତି ।



ଭୁବନେଶ୍ୱର : ଶ୍ରାବଣର ଦ୍ୱିତୀୟ ସୋମବାରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ କାଉଡିଆମାନେ। (ଫଟୋ : ସମ୍ବାଦ କଳିକା)

### ସ୍କୁଲ୍ ସ୍ତରରେ ୟୁଆଇଡିଏଆଇର ନୂଆ ଅଭିଯାନ ଯୋଜନା

## ଅପ୍‌ଡେଟ ହେବ ୭ କୋଟି ଶିଶୁଙ୍କ ବାୟୋମେଟ୍ରିକ

**ନୂଆଦିଲ୍ଲୀ,୨୧/୦୭**

ୟୁନିକ୍ ଆଇଡେଣ୍ଟିଫିକେସନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ଶିଶୁଙ୍କ ଆଧାର କାର୍ଡ଼ ଅପ୍‌ଡେଟ୍ କରାଇବା ଲାଗି ସ୍କୁଲ ସ୍ତରରେ ଏକ ଅଭିଯାନ ଆରମ୍ଭ କରିବାକୁ ଯୋଜନା ରଖିଛି । ସାରା ଦେଶରେ ୫ ବର୍ଷରୁ ଉର୍ଦ୍ଧ୍ୱ ୭ କୋଟି ଶିଶୁଙ୍କ ଆଧାର ବାୟୋମେଟ୍ରିକ ଡାଟା ଅପ୍‌ଡେଟ କରାଯିବ। ଏଥିରେ ଶିଶୁଙ୍କ ଆଙ୍ଗୁଠି ଛାପ, ଆଖିର ସ୍କାନିଂ ଏବଂ ଫଟୋ ସାମିଲ ରହିଛି । ସ୍କୁଲରେ ମାତା ପିତାଙ୍କ ସହମତିରେ ଏହି କାମ ହେବ। ୨ ମାସରେ ଏହି ଅଭିଯାନ ଆରମ୍ଭ ହେବାର ସମ୍ଭାବନା




ରହିଛି । ଏବେ ୫ ବର୍ଷରୁ କମ୍ ଶିଶୁଙ୍କ ଆଧାର ବିନା ବାୟୋମେଟ୍ରିକରେ ପ୍ରସ୍ତୁତ ହେଉଛି। ୫ ବର୍ଷ ପରେ ଆଙ୍ଗୁଠିର ଛାପ, ଆଖିର ସ୍କାନିଂ ଏବଂ ଫଟୋ ଅପ୍‌ଡେଟ୍ କରାଇବା ଜରୁରୀ । ଏହା ନକଲେ ଆଧାର ନିଷ୍କ୍ରିୟ ହୋଇପାରେ । ସ୍କୁଲରେ ନାମଲେଖା, ସ୍କଲାରସିପ୍ କିମ୍ବା ସରକାରୀ ଯୋଜନାର ଲାଭ ନେବାରେ ସମସ୍ୟା ହେବ । ୟୁଆଇଡିଏଆଇ ପ୍ରତି ଜିଲ୍ଲାକୁ ବାୟୋମେଟ୍ରିକ ମେସିନ ପଠାଇବ। ଏହା ଦ୍ୱାରା ସ୍କୁଲ ଗୁଡ଼ିକରେ ଶିଶୁଙ୍କ ଡାଟା ଅପ୍‌ଡେଟ କରାଯିବ। ୨ ମାସରେ ଅଭିଯାନ ଆରମ୍ଭ ହୋଇ ଏହାକୁ ବ୍ୟାପକ କରାଯିବ। ୫ରୁ ୭ ବର୍ଷ ଶିଶୁଙ୍କ ଲାଗି ଡାଟା ଅପଡେଟ କରାଇବା ମାଗଣା ରହିବ । ୭ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶିଶୁଙ୍କୁ ୧୦୦ ଟଙ୍କା ଚାର୍ଜ ଲାଗିବ । ୧୫ ବର୍ଷରେ ଆଉ ଥରେ ଆଧାରକୁ ଅପ୍‌ଡେଟ କରାଇବାକୁ ପଡ଼ିଥାଏ।

## ବର୍ଷକରେ ଟଳିଲେଣି ୩୫୭ ନକ୍ସଲ : ଫିକା ପଡ଼ିବ ସହିଦ୍ ସପ୍ତାହ

**ମାଲକାନଗିରି,୨୧/୦୭ ନ୍ୟୁଜ ବ୍ୟୁରୋ**

'ଅପରେସନ କଗାର'ପରେ ମାଓବାଦୀ ଛାନିଆ । ମାଲକାନଗିରି ପରେ ପଡ଼ୋଶୀ ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶରେ ଭୁଶୁଡ଼ିବାରେ ଲାଗିଛି ମାଓଗଡ଼ । ବର୍ଷକ ମଧ୍ୟରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୩୫୭ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ଏସବୁ କାରଣକୁ ନେଇ ଆସନ୍ତା ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସହିଦ ସପ୍ତାହ ପାଳନ ଫିକା ପଡ଼ିବ ବୋଲି ଆକଳନ କରାଯାଉଛି । ସୀମାରେ ଭୁଶୁଡ଼ି ଗଲାଣି ମାଓଗଡ଼। ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି



ମାଓବାଦୀଙ୍କ କେନ୍ଦ୍ରୀୟ କମିଟି। ମାଓ ଦମନ ଚାଲିଥିବାରୁ ମୃତାହତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏବେ ଅପରେସନ କଗାର ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି । ମାଓ ଶିବିରରେ ଛନ୍‌କା ପଶିଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଘୋଷଣା ଅନୁଯାୟୀ, ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ସମଗ୍ର ଦେଶରୁ ମାଓବାଦୀଙ୍କ ମୂଳପୋଛ ହେବେ । ଏଥିପାଇଁ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକରେ ସୁରକ୍ଷା ବାହିନୀ ଓ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମିଳିତ ଭାବେ ଅପରେସନ ସହିତ ଦମନ କାର୍ଯ୍ୟକୁ ତରାନ୍ୱିତ କରୁଛନ୍ତି । ମୃତ ୩୫୭ ମାଓବାଦୀଙ୍କ ମଧ୍ୟରେ ଅଛନ୍ତି ମୋଷ୍ଟ ୱାଣ୍ଟେଡ୍ ମାଓନେତା ବାସବ ରାଜୁଙ୍କ ସମେତ ଅନ୍ୟ ୩ କେନ୍ଦ୍ରୀୟ କମିଟି ସଭ୍ୟ ଓ ୧୫ ରାଜ୍ୟ କମିଟି ସଦସ୍ୟ । ଏହା ମାଓ ସଂଗଠନର ବଡ଼ କ୍ଷତି ବୋଲି ଖୋଦ୍ ସଂଗଠନ ମାନିଛି । ଏତେ ସଂଖ୍ୟକ ମାଓବାଦୀଙ୍କ ମୃତ୍ୟୁ ପରେ ଏବେ ମାଓଗଡ଼ରେ ସହିଦ ସପ୍ତାହ ପୂର୍ବପରି ପାଳନ ହେବ ନା ନାହିଁ ଦ୍ୱନ୍ଦ୍ୱ ରହିଛି । ଗୋଟିଏପଟେ ଅପରେସନ କଗାର ଭୟ ଅନ୍ୟପଟେ ସରକାରଙ୍କ ନୂଆ ଆତ୍ମସମର୍ପଣ ନୀତି । ଏହାକୁ ଆଖିରେ ରଖି ଶତାଧିକ ମାଓବାଦୀ ହିଂସା ଛାଡ଼ି ପୁଲିସ ନିକଟରେ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେମାନେ ଆଗେଇ ଆସୁଥିବା ଦେଖିବାକୁ ମିଳୁଛି।

## ଯୁବତୀଙ୍କୁ ନିଶା ଦେଇ ଦୁଷ୍କର୍ମ ଅଭିଯୋଗରେ ଗିରଫ ହେଲେ ଛାତ୍ର କଂଗ୍ରେସ ସଭାପତି

**ଭୁବନେଶ୍ୱର, ୨୧/୭ ନ୍ୟୁଜ ବ୍ୟୁରୋ**

ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଗିରଫ ହୋଇଛନ୍ତି। ଦୁଷ୍କର୍ମ ଅଭିଯୋଗରେ ଉଦିତ ପ୍ରଧାନଙ୍କୁ ବାନ୍ଧିଛି ମଞ୍ଚେଶ୍ୱର ଥାନା ପୋଲିସ୍। ଉଦିତଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ କରିଛନ୍ତି ଜଣେ ଯୁବତୀ। ରବିବାର ଥାନାରେ ଅଭିଯୋଗ ପରେ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରି ଉଦିତଙ୍କୁ ଗିରଫ କରିଛି। ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ଗତ ମାର୍ଚ୍ଚ ମାସ ୧୮ ତାରିଖରେ ଏକ ହୋଟେଲରେ ଥଣ୍ଡା ପାନୀୟରେ ନିଶା ଦେଇ ଉଦିତ ତାଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ହୋସ୍ ଆସିବା ପରେ ତାଙ୍କୁ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଉଦିତଙ୍କୁ ଗିରଫ କରିଛି। ଉଦିତଙ୍କ ନାଁରେ ଲାଗିଛି ସଂଗୀନ ଦଫା। ବିଏନ୍‌ଏସ୍ ୬୪(୧) ଦୁଷ୍କର୍ମ, ବିଏନ୍‌ଏସ୍ ୧୨୩- ଅପରାଧ ଘଟାଇବା ପାଇଁ ନିଶା ପାନୀୟ ଦେବା, ବିଏନ୍‌ଏସ୍ ୨୯୬- ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିବା, ବିଏନ୍‌ଏସ୍ ୭୪- ବଳପୂର୍ବକ ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ, ବିଏନ୍‌ଏସ୍ ୩୫୧(୨)- ଭୟ ଦେଖାଇ ଖରାପ କାର୍ଯ୍ୟ କରିବା ପାଇଁ ବାଧ୍ୟ କରିବା ଭଳି ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଛି। ସେପଟେ ଗିରଫ ପରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ପଦରୁ ଉଦିତ ପ୍ରଧାନ ନିଲମ୍ବିତ ହୋଇଛନ୍ତି। ଏନେଇ ଏନ୍‌ଏସ୍‌ୟୁଆଇ ଜାତୀୟ ସଭାପତି ବରୁଣ ଚୌଧୁରୀ ସୂଚନା ଦେଇଛନ୍ତି। ତେବେ ତମାମ ଘଟଣାକ୍ରମକୁ ନେଇ ଉଦିତ ପ୍ରଧାନ କିମ୍ବା ଛାତ୍ର କଂଗ୍ରେସର ପ୍ରତିକ୍ରିୟା ମିଳିପାରିନାହିଁ।

## ରେଭେନ୍ସା ଇଷ୍ଟ୍ ହଷ୍ଟେଲ୍‌ରେ ର୍‍ୟାଗିଂ ଅଭିଯୋଗ : ୧୦ ଛାତ୍ର ହଷ୍ଟେଲ୍‌ରୁ ନିଲମ୍ବିତ

**କଟକ,୨୧/୦୭ ନ୍ୟୁଜ ବ୍ୟୁରୋ**

ବିବାଦ ସତେଯେମିତି ରେଭେନ୍ସା ବିଶ୍ୱବିଦ୍ୟାଳୟର ପିଛା ଛାଡୁନି। ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ବିଶ୍ୱବିଦ୍ୟାଳୟର ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀଙ୍କୁ ଅପରାହ୍ନ ସାଢ଼େ ୫ଟା ପରେ କ୍ୟାମ୍ପସ୍ ମନା କରାଯିବା ଘଟଣା ଦୁଇ ଦିନ ତଳେ ବେଶ୍ ବିବାଦ ଓ ବିତର୍କ ସୃଷ୍ଟି କରିଥିଲା। ଅକଳରେ ପଡ଼ି କର୍ତ୍ତୃପକ୍ଷ ଏହି ଆଦେଶକୁ ବାତିଲ କରିଥିଲେ । ରବିବାର ପୁଣି ବିଶ୍ୱବିଦ୍ୟାଳୟ ହଷ୍ଟେଲ୍‌ରେ ର୍‍ୟାଗିଂକୁ ନେଇ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ନୂଆ କରି ନାମ ଲେଖାଇ ଇଷ୍ଟ ହଷ୍ଟେଲ୍‌ରେ ରହୁଥିବା ଯୁଜି ପ୍ରଥମ ବର୍ଷର କିଛି ଛାତ୍ରଙ୍କୁ ତୃତୀୟ ବର୍ଷର ଛାତ୍ରମାନେ ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଥିଲା । ଖବର ପାଇ ଚିଫ୍ ୱାର୍ଡେନଙ୍କ ସମେତ ୪ ଜଣ ବରିଷ୍ଠ ଅଧ୍ୟାପକ ରାତି ପ୍ରାୟ ୧୨ଟା ୩୦ରେ ହଷ୍ଟେଲ୍‌ରେ ପହଞ୍ଚି ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱର ସହ ନେଇ କୁଳପତି ଆଣ୍ଟି ର୍‍ୟାଗିଂ ସେଲ୍‌ର ବୈଠକ ଡାକିଥିଲେ । ବୈଠକ ପରେ ଘଟଣାରେ ସମ୍ପୃକ୍ତ ୧୦ ଜଣ ସିନିୟର ଛାତ୍ରଙ୍କୁ ହଷ୍ଟେଲ୍‌ରୁ ନିଲମ୍ବନ କରାଯାଇଛି । ହଷ୍ଟେଲ୍ ଛାଡ଼ିଥିବା ଛାତ୍ରମାନେ ହେଲେ ଇତିହାସ ବିଭାଗର ହିଙ୍କଲ ହିତିସ୍ ପ୍ରକାଶ ରଣବାଇ, ଓଡ଼ିଆ ବିଭାଗର ରଜତ କୁମାର ଦାସ, ଭୂତତ୍ତ୍ୱ ବିଭାଗର ଅବିନାଶ ମହାନ୍ତି, ରାଜନୀତି ବିଜ୍ଞାନର ଦୁଇ ଜଣ ଛାତ୍ର ସାହିଲ କୁମାର ମେହେର ଏବଂ ଚନ୍ଦନ ମାଝୀ, କମ୍ପ୍ୟୁଟର ସାଇନ୍ସ ବିଭାଗର ଶୁଭମ୍ ସୋନି, ପଦାର୍ଥ ବିଜ୍ଞାନ ବିଭାଗର ସ୍ୱରାଜ ପାଢ଼ୀ, ଓଡ଼ିଆ ବିଭାଗର ଜୟନ୍ତ କୁମାର ମହାପାତ୍ର, ଅର୍ଥନୀତି ବିଭାଗର ବିଶ୍ୱଜିତ ମହାଳିକ ଏବଂ ରସାୟନ ବିଜ୍ଞାନ ବିଭାଗର ଅଭିଷେକ ବଳ । ସେମାନଙ୍କୁ ଓ ସେମାନଙ୍କ ଅଭିଭାବକଙ୍କୁ ଡାକି ପଚରାଉଚରା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ସେମାନଙ୍କୁ ହଷ୍ଟେଲ୍ ବାରଣ କରାଯାଇଥିବାରୁ ରାତିରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଗେଷ୍ଟ୍ ହାଉସ୍‌ରେ ସମସ୍ତଙ୍କୁ ରଖାଯାଇଛି। ନିକଟରେ ଯୁଜି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନାମଲେଖା ହୋଇଛି। ନୂଆ ଛାତ୍ରମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଆସି ରହିଲେଣି । ବାହାର ଜିଲ୍ଲାରୁ ଆସୁଥିବା ଛାତ୍ରମାନେ ବିଭିନ୍ନ ହଷ୍ଟେଲ୍‌ରେ ରହି ପଢୁଛନ୍ତି । ଇଷ୍ଟ୍ ହଷ୍ଟେଲ୍‌ରେ ପ୍ରାୟ ୪୦ରୁ ଅଧିକ ଯୁଜି ଛାତ୍ର ନୂଆ କରି ରହୁଛନ୍ତି । ସେମାନେ ହଷ୍ଟେଲ୍‌ରେ ନାମ ଲେଖାଇ ରହିଥିଲେ । ପ୍ରଥମ ଦିନ ତୃତୀୟ ବର୍ଷର ସିନିୟର ଛାତ୍ରମାନେ ସେମାନଙ୍କୁ ପରିଚୟ ପ୍ରଦାନ କରିବା ଆଳରେ ବିଳମ୍ବିତ ରାତି ପ୍ରାୟ ୧୨ଟାରେ ହଷ୍ଟେଲ୍ ରୁମ୍‌ରୁ ୨୦ରୁ ଅଧିକ ଛାତ୍ରଙ୍କୁ ଡାକି ନେଇଥିଲେ । ହଷ୍ଟେଲ୍ ଦ୍ୱିତୀୟ ମହଲାରେ ଥିବା ଏକ କୋଣରେ ସମସ୍ତଙ୍କୁ ଧାଡ଼ିରେ ଠିଆ କରାଇ ପ୍ରଥମେ ଫୋନ୍ ଛଡ଼ାଇ ନେଇ ର୍‍ୟାଗିଂ କରିଥିଲେ ବୋଲି ଅଭିଯୋଗ ହୋଇଛି । ପରେ ସେମାନଙ୍କୁ କିଛି ପଚରାଉଚରା କରି ଦୀର୍ଘ ସମୟ ଧରି ଠିଆ କରାଇଥିବା କୁହାଯାଇଛି । ବିଳମ୍ବିତ ରାତିରେ ଛାତ୍ରମାନଙ୍କୁ ଏପରି ଅସହାୟ ଅବସ୍ଥାରେ ଦେଖି ହଷ୍ଟେଲ୍‌ର କେୟାରଟେକର ମୁଖ୍ୟ ୱାର୍ଡେନଙ୍କୁ ଖବର ଦେଇଥିଲେ । ମୁଖ୍ୟ ୱାର୍ଡେନ୍ ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ସହ ବିଶ୍ୱବିଦ୍ୟାଳୟର ଆଣ୍ଟି ର୍‍ୟାଗିଂ କମିଟିରେ ଥିବା ୩ ଜଣ ବରିଷ୍ଠ ଅଧ୍ୟାପକ ତତ୍‌କ୍ଷଣାତ୍ ହଷ୍ଟେଲ୍‌ରେ ପହଞ୍ଚି ପୀଡ଼ିତ ନବାଗତ ଛାତ୍ରମାନଙ୍କୁ ତୃତୀୟ ବର୍ଷର ଛାତ୍ରଙ୍କ ନିକଟରୁ ଉଦ୍ଧାର କରିଥିଲେ । ଅଧ୍ୟାପକଙ୍କୁ ଦେଖି ର୍‍ୟାଗିଂ କରୁଥିବା କିଛି ଛାତ୍ର ଘଟଣାସ୍ଥଳ ଛାଡ଼ି ପଳାଇ ଥିବା ବେଳେ ଆଉ କେତେଜଣ ଯୁକ୍ତି କରିଥିଲେ। ଏପରି ସ୍ଥିତିରେ ଆଣ୍ଟି ର୍‍ୟାଗିଂ କମିଟିର ଅଧ୍ୟାପକମାନେ ମାଲଗୋଦାମ ଥାନା ପୁଲିସକୁ ଖବର ଦେଇଥିଲେ । ପୁଲିସ କିନ୍ତୁ ହଷ୍ଟେଲ୍‌କୁ ନ ଆସି ପ୍ରଥମେ ଅଭିଯୋଗପତ୍ର ଦେବାକୁ କହିଥିବା ଜଣାପଡ଼ିଛି । ଏହା ପରେ ସମ୍ପୃକ୍ତ ଛାତ୍ରମାନଙ୍କୁ ବୁଝାସୁଝା କରି ହଷ୍ଟେଲ୍ ରୁମ୍‌କୁ ପଠାଯାଇଥିଲା । ଆଣ୍ଟି ର୍‍ୟାଗିଂ କମିଟି ପକ୍ଷରୁ ଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଡକାଯାଇ ଆଲୋଚନା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ସୋମବାର ଆଣ୍ଟି ରାଗିଂ କମିଟି ବୈଠକରେ କମିଟି ଅଧ୍ୟକ୍ଷ କୁଳପତି ସଞ୍ଜୟ କୁମାର ନାୟକ, ଅର୍ଥନୀତି ବିଭାଗ ପ୍ରଫେସର ଧର୍ମବ୍ରତ ମହାପାତ୍ର, ରସାୟନ ବିଭାଗ ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ୍, ପିଇଟି ତଥା ନ୍ୟୁ ପିଜି ହଷ୍ଟେଲ୍ ୱାର୍ଡେନ ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ର୍‍ୟାଗିଂ ଘଟଣାର ବିଭିନ୍ନ ଦିଗ ତର୍ଜମା କରିଥିବା ସୂଚନା ମିଳିଛି।

## ବିଶ୍ୱଭୂଷଣ ହରିଚନ୍ଦନ ପାଇବେ 'ଉତ୍କଳରତ୍ନ' ସମ୍ମାନ

**କଟକ, ୨୧/୭ ନ୍ୟୁଜ ବ୍ୟୁରୋ**

ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ, ସାରସ୍ୱତ ସାଧକ ବିଶ୍ୱଭୂଷଣ ହରିଚନ୍ଦନ ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ପାଇବାକୁ ମନୋନୀତ ହୋଇଛନ୍ତି। ୨୭ତାରିଖ ସଂଧ୍ୟାରେ ସାହିତ୍ୟ ସମାଜର ୧୨୩ତମ ବାର୍ଷିକ ଉତ୍ସବରେ ଶ୍ରୀ ହରିଚନ୍ଦନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ରବିବାର ସଂଧ୍ୟାରେ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ସ୍ଥିର ହୋଇଛି। ଜୁଲାଇ ୨୬ ତାରିଖ ସଂଧ୍ୟାରେ ବାର୍ଷିକ ଉତ୍ସବ ଉଦ୍‌ଘାଟନ ହେବ। ୨୭ତାରିଖ ସଂଧ୍ୟାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ରଶ୍ମି ରାଉଳଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ରଜନୀକାନ୍ତ ମହାନ୍ତିଙ୍କୁ ଫକୀରମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ପୁରୁଷୋତ୍ତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଡ. ଦୀପ୍ତି ପଟ୍ଟନାୟକଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ମମତା ଦାଶଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡ. କୈଳାସ ଚନ୍ଦ୍ର ଦାଶଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସମ୍ମାନ, ସରଳା ପତ୍ରୀଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ହିମାଂଶୁ ଶେଖର ଖଟୁଆଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ବିଜୟ କୁମାର ପ୍ରଧାନଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ପଞ୍ଚାନନ କାନୁନ୍‌ଗୋଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡ. କବିତା ବାରିକ୍‌ଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ରମାକାନ୍ତ ସିଂହଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ମୁରଲୀଧର ସାମଲଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସୁବାସ ପାତ୍ର(ବାଇଡଙ୍କ ବାବା)ଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ଡ. ସତ୍ୟ ପଟ୍ଟନାୟକଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଚନ୍ଦ୍ରଶେଖର ଦାଶଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଚିତ୍ତରଂଜନ ପାଣିଙ୍କୁ କବିଚନ୍ଦ୍ର ସଂଗୀତଗୁରୁ ସମ୍ମାନ, ଗୀତା ଦାସଙ୍କୁ ଭିକାରି ବଳ କଣ୍ଠଶିଳ୍ପୀ ସମ୍ମାନ, ନିତ୍ୟାନନ୍ଦ ସାହୁଙ୍କୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ହଳଧର ଧୀରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ ପ୍ରଦାନ କରାଯିବ। ସେହିପରି ଶକ୍ତି ମହାନ୍ତିଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ବିନୋଦ ବିହାରୀ ବିଶୋଇଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡ. ସନ୍ତୋଷ କୁମାର ରଥଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କୃପାସିନ୍ଧୁ ବିଶ୍ୱାଳଙ୍କୁ ବାଗ୍ମୀ ବିଶ୍ୱନାଥ କର ସଂପାଦନା ସମ୍ମାନ, ପ୍ରଭାତ ରାଉତରାୟଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଉତ୍ସବରେ ଯୋଗଦେବାକୁ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡ. ସୁନାମଣି ରାଉତ ଅନୁରୋଧ କରିଛନ୍ତି।

### ବୈଶ୍ୱିକ ରିପୋର୍ଟରୁ ଖୁଲାସା

## ଜଳବାୟୁ ପରିବର୍ତ୍ତନ ସାଜିଛି କାଳ : ସ୍କୁଲଶିକ୍ଷାରୁ ହଜିଯିବ ଦେଢ଼ବର୍ଷ

**ନୂଆଦିଲ୍ଲୀ ୨୧/୦୭**

ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ବିଶ୍ୱରେ ଦ୍ରୁତ ଗତିରେ ବଦଳୁଛି ପାଣିପାଗ । ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବାରେ ଲାଗିଛି । ଜନଜୀବନ ଦୁର୍ବିସହ ହେବା ସାଙ୍ଗକୁ ଚାଷବାସ ବି ପ୍ରଭାବିତ ହେଉଛି । ସବୁଠୁ ବଡ଼ କଥା ହେଉଛି ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଏବେ ସ୍କୁଲ ପାଠପଢ଼ାରେ କଣ୍ଟା ସାଜିଛି । ଏହା ପିଲାମାନଙ୍କ ମୋଟ ସ୍କୁଲ ଜୀବନରୁ ଦେଢ଼ବର୍ଷ ନଷ୍ଟ କରିଦେବା ନେଇ ଆଶଙ୍କା ଉପୁଜିଛି । ଏକ ନୂଆ ବୈଶ୍ୱିକ ରିପୋର୍ଟରୁ ଏହି ଚିତ୍ର ସାମ୍ନାକୁ ଆସିଛି । ଏଥିରେ ଦର୍ଶାଯାଇଛି ଯେ ଆଗୁଆ ତଥା ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପିଲାମାନଙ୍କ ବିଦ୍ୟାଳୟ ପାଠପଢ଼ା ଉପରେ ସିଧାସଳଖ ପ୍ରଭାବ ପକାଉଛି। ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ବିଭିନ୍ନ ସମସ୍ୟା ଯଥା ବନାଗ୍ନି, ଝଡ଼ତୋଫାନ, ବନ୍ୟା, ମରୁଡ଼ି, ରୋଗବ୍ୟାଧି ଏବଂ ସମୁଦ୍ର ଜଳସ୍ତର ବୃଦ୍ଧି ଆଦି ଶିକ୍ଷା ଉପରେ ଗୁରୁତର ପ୍ରଭାବ ପକାଉଛି। ପିଲାମାନେ ଯେଉଁ ସମୟରେ ଯାହା ଶିକ୍ଷା କରିବା କଥା ତାହା ସମ୍ଭବ ହେଉନାହିଁ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଶେଷକରି ବିକାଶଶୀଳ ଦେଶଗୁଡ଼ିକ ପ୍ରତିକାର ପଦକ୍ଷେପ ଭାବେ ସ୍କୁଲ ବନ୍ଦ କରିଦେଉଛନ୍ତି। ଏହାଦ୍ୱାରା ସ୍କୁଲ ଶିକ୍ଷା ପ୍ରଭାବିତ ହେଉଛି । ପିଲାମାନେ ପାଠପଢ଼ା ପ୍ରତି ବିମୁଖ ହେଉଛନ୍ତି। ଏହି କାରଣରୁ ଶିକ୍ଷା କ୍ଷତି ଓ ଡ୍ରପ୍-ଆଉଟ୍ ଆଶଙ୍କା ବଢ଼ିବାରେ ଲାଗିଛି । ୟୁନେସ୍କୋର ଗ୍ଲୋବାଲ୍ ଏଜୁକେସନ ମନିଟରିଂ (ଜିଇଏମ୍) ଟିମ୍ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁସାରେ, ବିଗତ ୨୦ ବର୍ଷ ମଧ୍ୟରେ ଅତ୍ୟଧିକ ପ୍ରତିକୂଳ ପାଣିପାଗର ୭୫% ଘଟଣାରେ ସ୍କୁଲଗୁଡ଼ିକ ବନ୍ଦ ରହିଥିଲା। ସେହି ସମୟରେ ୫୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ ।




୧୯୬୯ ଓ ୨୦୧୨ ମଧ୍ୟରେ ୨୯ଟି ଦେଶରୁ ନିଆଯାଇଥିବା ଜନସଂଖ୍ୟା ଓ ଜଳବାୟୁ ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ହାରାହାରିଠାରୁ ଅଧିକ ଗରମ ଅନୁଭୂତ ହେବା ଯୋଗୁ ପିଲାମାନଙ୍କ ପ୍ରାରମ୍ଭିକ ପାଠପଢ଼ା ପ୍ରଭାବିତ ହୋଇଛି। ବିଶେଷକରି ଦକ୍ଷିଣପୂର୍ବ ଏସିଆରେ ସ୍କୁଲ ପାଠପଢ଼ା ବର୍ଷ ସଙ୍କୁଚିତ ହେଉଛି । ହାରାହାରି ତାପମାତ୍ରା ଅନୁଭବ କରୁଥିବା ପିଲାଙ୍କ ତୁଳନାରେ ଅତ୍ୟଧିକ ତାପମାତ୍ରାର ସମ୍ମୁଖୀନ ହେଉଥିବା ପିଲାଙ୍କ ମୋଟ ସ୍କୁଲ ପାଠପଢ଼ା ଅବଧି ୧.୫ ବର୍ଷ କମ୍ ହେବା ନେଇ ଆକଳନ କରାଯାଇଛି । ଟୀନ୍‌ରେ ଗ୍ରୀଷ୍ମ ପ୍ରବାହର ପ୍ରଭାବ ଅଧିକ ରହୁଛି । ଏହାଦ୍ୱାରା ପରୀକ୍ଷାରେ ପିଲାମାନଙ୍କର ପ୍ରଦର୍ଶନ ଦିନକୁ ଦିନ ଖରାପ ହେଉଛି। ଯାହା କି ପରବର୍ତ୍ତୀ ପାଠପଢ଼ା ଯଥା ସ୍ନାତକ ଓ କଲେଜ ପ୍ରବେଶିକା ହାର ହ୍ରାସ ପାଇବାର କାରଣ ସାଜୁଛି । ରିପୋର୍ଟ ଅନୁସାରେ, ଆମେରିକାରେ ତାପମାତ୍ରା ୧ ଡିଗ୍ରୀ ସେଲସିୟସ୍ ବଢ଼ିଥିବା ବେଳେ ଏୟାର କଣ୍ଡିସନର ବିନା ପିଲାଙ୍କର ପରୀକ୍ଷା ସ୍କୋର ୧% ହ୍ରାସ ପାଉଛି। ଗ୍ରୀଷ୍ମ ଦିନେ ନିମ୍ନମାନର ଭିତ୍ତିଭୂମିରେ ପାଠ ପଢୁଥିବା ଆଫ୍ରିକୀୟ ଆମେରିକୀୟ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହୋଇଛି । ତେଣୁ ସ୍କୁଲରେ ବାୟୁ ଚଳାଚଳ ସହ ଏୟାର କଣ୍ଡିସନର ଲଗାଯିବା ଉଚିତ ବୋଲି ରିପୋର୍ଟରେ ମତପ୍ରକାଶ ପାଇଛି । ସେହିପରି ବ୍ରାଜିଲରେ ବର୍ଦ୍ଧିତ ତାପମାତ୍ରା ଯୋଗୁ ଏଠାକାର ପଛୁଆ ପୌରାଞ୍ଚଳରେ ଥିବା ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାର୍ଷିକ ୧% ନଷ୍ଟ ହେଉଛି । ପଛୁଆ ଦେଶଗୁଡ଼ିକରେ ଏହାର ପ୍ରଭାବ ତୁଳନାତ୍ମକ ଭାବେ ଅଧିକ ରହିଛି । ରିପୋର୍ଟ ଅନୁସାରେ, ୨୦୧୯ରେ ଅତ୍ୟଧିକ ତାପମାତ୍ରାରେ ପ୍ରଭାବିତ ହୋଇଥିବା ୧୦ଟି ପ୍ରମୁଖ ଦେଶ ମଧ୍ୟରୁ ୮ଟି ନିମ୍ନ ଅଥବା ନିମ୍ନ-ମଧ୍ୟମ ଆୟକାରୀ ଦେଶ ଥିଲେ। ବାରମ୍ବାର ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଜୀବନ ଯାଉଛି । ଏ କ୍ଷେତ୍ରରେ ସ୍କୁଲ ଶିକ୍ଷା ଉପରେ ସାଂଘାତିକ ପ୍ରଭାବ ପଡୁଛି । ଜାକର୍ତ୍ତାରେ ୨୦୧୩ରେ ଭୟଙ୍କର ବନ୍ୟା ଯୋଗୁ ସ୍କୁଲଗୁଡ଼ିକୁ ଜରୁରି ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯାଇଥିଲା । ଫଳରେ ସେଠାରେ ପିଲାମାନଙ୍କ ସ୍କୁଲ ପାଠପଢ଼ା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ବନ୍ୟା ପ୍ରଭାବରେ କିଛି ସ୍କୁଲ ଭାଙ୍ଗିଯିବାରୁ ପାଠପଢ଼ା ଠପ୍ ହୋଇଥିଲା ବୋଲି ରିପୋର୍ଟରୁ ସୂଚନା ମିଳିଛି।

## ଜମ୍ବେଶ୍ୱର ମନ୍ଦିରରେ ଅଘଟଣ
## କୂଅରେ ପଡ଼ି ପାଳିଆ ସେବାୟତ ମୃତ

**ପୁରୀ ୨୧।୦୭ ନ୍ୟୁଜ ବ୍ୟୁରୋ**

ପୁରୀ ଜମ୍ବେଶ୍ୱର ମନ୍ଦିରରେ ଅଘଟଣ। କୂଅ ଭିତର ପଡ଼ି ପାଳିଆ ସେବାୟତଙ୍କ ମୃତ୍ୟୁ ହୋଇଛି। ମୃତ ସେବାୟତ ଜମ୍ବେଶ୍ୱର ମନ୍ଦିରର ପାଳିଆ ସେବାୟତା ଝାଡୁ ପଣ୍ଡା ବୋଲି ଜଣାପଡିଛି । ଖବର ଅନୁଯାୟୀ, ପ୍ରତିଦିନ ପରେ ଠାକୁରଙ୍କ ନୀତି ପାଇଁ ପାଣି କାଢୁଥିଲେ ସେବାୟତ । ଏହି ସମୟରେ ହଠାତ୍‌ରେ ସେ କୂଅରେ ପଡିଗଲେ ସେବାୟତ। ମୃତ ସେବାୟତ ଜମ୍ବେଶ୍ୱର ମନ୍ଦିରର ପାଳିଆ ସେବାୟତ ଝାଡୁ ପଣ୍ଡା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି କୂଅରୁ ସେବାୟତଙ୍କୁ କରିଥିଲା ଉଦ୍ଧାର। ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଯାଇଥିଲା ଭର୍ତ୍ତି। ମୃତ ଘୋଷଣା କଲେ ଡାକ୍ତର।

**ଆବଶ୍ୟକ ! ଆବଶ୍ୟକ ! ଆବଶ୍ୟକ !**

କଟକ ପାଇଁ "ସମ୍ବାଦ କଳିକା" ଏବଂ "ଉତ୍କଳ ଦୀପିକା'ର ପ୍ରତିନିଧି ଆବଶ୍ୟକ।

୪୬୪, ସହିଦନଗର, ଭୁବନେଶ୍ୱର
ଯୋଗାଯୋଗ ନମ୍ବର-୯୧୭୮୧୮୩୮୨୧